ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୧୭, ସଂଖ୍ୟା: ୨୮୪
୨୧ ଫେବୃଆରୀ, ୨୦୨୬ ଶନିବାର
କେନ୍ଦ୍ରାପଡ଼ା

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

ODISHA EXPRESS — SIGHTS TRUTH WRITES TRUTH — ଠିକ୍ ଦେଖେ ଠିକ୍ ଲେଖେ

Pages-8
Price ₹ 5.00
Vol. 17, Issue No. : 284
21st February, 2026 Saturday
Kendrapara

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2009/28880 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

**ଇତର କର୍ମଫଳାନି ଯଦୃଚ୍ଛୟା, ବିଲିଖିତାନି ସହେ ଚତୁରାନନ
ଅରସିକେଷୁ କବିତ୍ୱ ନିବେଦନଂ, ଶିରସି ମା ଲିଖ ମା ଲିଖ ମା ଲିଖ**

ହେ ବିଧାତା, ମୋ କପାଳରେ ଯାହା ଇଚ୍ଛା ତାହା କର୍ମଫଳ ଲେଖ ସେଥିରେ ମୋର ଆପତ୍ତି ନାହିଁ । ମାତ୍ର ଅରସିକ ଲୋକ ନିକଟରେ କବିତ୍ୱ ନିବେଦନ ଭଳି କର୍ମଫଳ ମୋ କପାଳରେ ଲେଖ ନାହିଁ ।



ବଜେଟ୍ ପଢ଼ିବା ପୂର୍ବରୁ ଦହି ଖୁଆଇଲେ ରାଜ୍ୟପାଳ।

# ମୋହନଙ୍କ ମେଗା ବଜେଟ୍: ୩.୧୦ଲକ୍ଷ କୋଟି

## ରତ୍ନଭଣ୍ଡାର ଗଣତି ମଣତି ପାଇଁ ୫ କୋଟି

**ଭୁବନେଶ୍ୱର,୨୦।୨
ଏକ୍ସପ୍ରେସ୍ ନ୍ୟୁଜ୍**

୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ୩.୧୦ଲକ୍ଷ କୋଟି ଟଙ୍କାର ଏକ ବିଶାଳ ବଜେଟ୍ ଆଜି ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥାପନ କରିଛନ୍ତି। ରାଜ୍ୟର ଅର୍ଥମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀ ଭାବେ କ୍ରମାଗତ ତୃତୀୟଥର ପାଇଁ ସେ ଏହି ବଜେଟ ଉପସ୍ଥାପନ କରିଛନ୍ତି। ଆଗାମୀ ପଂଚାୟତ ଓ ପୌର ନିର୍ବାଚନକୁ ଦୃଷ୍ଟିରେ ରଖି ସରକାର ଗ୍ରାମାଂଚଳ ଓ ସହରାଂଚଳ ଭିତ୍ତିଭୂମିକୁ ସର୍ବାଧିକ ପ୍ରାଥମିକତା ଦେଇ ମୋଟ୍ ବଜେଟର ୫୮.୦୬ ପ୍ରତିଶତ ଅର୍ଥାତ୍ ୧.୮୦ଲକ୍ଷ କୋଟି ଟଙ୍କା କେବଳ ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ((୫.୯% ଅଧିକ) ପାଇଁ ବ୍ୟୟବରାଦ କରିଛନ୍ତି।

ଜଗନ୍ନାଥଙ୍କୁ ସ୍ମରଣ କରି ଚଳିତ ବଜେଟକୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଉପସ୍ଥାପନ କରିଥିବା ବେଳେ ଶ୍ରୀମନ୍ଦିର ଏବଂ ଜଗନ୍ନାଥପ୍ରେମୀଙ୍କ ପାଇଁ ବଜେଟରେ ବଡ଼ ଘୋଷଣା କରିଛନ୍ତି। ରତ୍ନଭଣ୍ଡାର ପାଇଁ ୫ କୋଟି ଟଙ୍କାର ବ୍ୟୟବରାଦ ହୋଇଛି। ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା ପାଇଁ ୩୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। ସେହିପରି ଶ୍ରୀଅନ୍ନ ଯୋଜନା ପାଇଁ ୪୦୦ କୋଟି ଟଙ୍କା। ଶ୍ରୀଜଗନ୍ନାଥ ସଂଗ୍ରହାଳୟ ଓ ଲାଇବ୍ରେରୀ କେନ୍ଦ୍ର ଲାଗି ୧ ହଜାର କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି। ଶ୍ରୀଜଗନ୍ନାଥ ମନ୍ଦିର ପାଇଁ 'ସମର୍ପଣ' ନାଁରେ ଅନଲାଇନ୍ ଡିଜିଟାଲ ହୁଣ୍ଡିର ପ୍ରସ୍ତାବ ଦିଆଯାଇଥିବା ବେଳେ ସବୁଠାରୁ ବଡ଼ କଥା ହେଉଛି ରତ୍ନଭଣ୍ଡାର ଗଣତିମଣତି ଲାଗି ୫ କୋଟି ଟଙ୍କାର ପ୍ରସ୍ତାବ ରହିଛି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ଆଗତ କରିଥିବା ବଜେଟ୍‌ରେ କେନ୍ଦ୍ରାପଡ଼ା, ଜଗତସିଂହପୁର, ଭଦ୍ରକ ଓ ଝାରସୁଗୁଡ଼ା ଜିଲ୍ଲା ସଦର ମହକୁମାରେ ନୂଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଘୋଷଣା କରିଛନ୍ତି। ଉଚ୍ଚଶିକ୍ଷାକୁ ସରକାର ଗୁରୁତ୍ୱ ଦେଉଥିବା ସେ ଏହି ଅବସରରେ କହିଛନ୍ତି।

ସେହିପରି ୫ଟି ଜିଲ୍ଲାରେ ନୂଆ ମେଡିକାଲ୍ କଲେଜ୍ ଖୋଲାଯିବା ନେଇ ଘୋଷଣା କରାଯାଇଛି। ଗଜପତି, ରାୟଗଡ଼ା ଓ ମାଲକାନଗିରିରେ ଆୟୁର୍ବେଦିକ କଲେଜ୍, ନୟାଗଡ଼ା ଓ ନୂଆପଡ଼ାରେ ହୋମିଓପ୍ୟାଥିକ କଲେଜ୍ ପ୍ରତିଷ୍ଠା କରାଯିବ।

ଏକାଧିକ ନୂଆ ଯୋଜନା ସହ ଚାକିରିଆଙ୍କୁ ଆଶ୍ୱସ୍ତି ଦେବାକୁ ପ୍ରଫେସନାଲ ଟ୍ୟାକ୍ସକୁ ସମ୍ପୂର୍ଣ୍ଣ ଉଚ୍ଛେଦ ସହ ଅଷ୍ଟମ ବେତନ କମିଶନ ଲାଗୁ ନିମନ୍ତେ ପାଣ୍ଠି ବ୍ୟୟବରାଦର ଘୋଷଣା କରିଛନ୍ତି। ରାଜ୍ୟ ଅର୍ଥନୀତିର ସୁପରିଚାଳନା ଯୋଗୁଁ ଓଡିଶାର ମୋଟ ଘରୋଇ ଉତ୍ପାଦ (ଜିଡିପି) ୭.୯ ପ୍ରତିଶତ ହାରରେ ବୃଦ୍ଧି ପାଇ ୨୦୨୬-୨୭ ଆର୍ଥିକ ବର୍ଷ ଶେଷ ସୁଦ୍ଧା ମୋଟ ୧୧.୦୭ଲକ୍ଷ କୋଟି ଟଙ୍କାରେ ପହଂଚିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆକଳନ କରିଛନ୍ତି। ଏଫଆରବିଏମ୍ ଆକ୍ଟ ଅନୁସାରେ ରାଜ୍ୟର ବିତ୍ତୀୟ ନିଅଣ୍ଟ ପରିମାଣକୁ ୩.୫ ପ୍ରତିଶତ(ମୋଟ ରାଜ୍ୟ ଜିଡିପିର) ମଧ୍ୟରେ ସୀମିତ ରଖିଥିବା ସରକାର ବର୍ଷ ଶେଷବେଳକୁ ପ୍ରାୟ ୩୩ହଜାର କୋଟି ଟଙ୍କାର ବିଶାଳ ରାଜସ୍ୱ ବଳକା ସୃଷ୍ଟି କରିବାରେ ସମର୍ଥ ହେବେ ବୋଲି ଜଣାପଡିଛି।

ପ୍ରଥମଥର ପାଇଁ ରାଜ୍ୟ ବଜେଟ ପରିମାଣ ୩ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଛି। ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ୩.୧୦ ଲକ୍ଷ କୋଟି ଟଙ୍କାର ଏକ ବିଶାଳ ବ୍ୟୟବରାଦ କରିଛନ୍ତି ସରକାର। ଯାହାକି ୨୦୨୫-୨୬ ଆର୍ଥିକ ବର୍ଷର ବଜେଟ୍ ଆକାର ୨.୯୦ ଲକ୍ଷ କୋଟି ଟଙ୍କା ତୁଳନାରେ ପ୍ରାୟ ୬.୯ ପ୍ରତିଶତ ଅଧିକ। ୨୦୨୬-୨୭ ଆର୍ଥିକ ବର୍ଷରେ ନିଜସ୍ୱ ଟିକସରୁ ୭୦ହଜାର କୋଟି ଓ ଅଣଟିକସ ରାଜସ୍ୱରୁ ୭୧ହଜାର କୋଟିର ମୋଟ୍ କେନ୍ଦ୍ର ସରକାରଙ୍କଠୁ ରାଜ୍ୟର ଟିକସ ବାବଦରେ ୬୭୬୪୦କୋଟି ଟଙ୍କା, କେନ୍ଦ୍ରୀୟ ଅନୁଦାନ ବାବଦରେ ୪୦,୦୩୯ କୋଟି, ବିଭିନ୍ନ ସୂତ୍ରରୁ ଋଣ ଆକାରରେ ୪୭୮୦୦କୋଟି ଟଙ୍କା, ଋଣ ପରିଶୋଧରୁ ୭୦୦ କୋଟି ଟଙ୍କା, ପ୍ରୋଭିଡେଣ୍ଟ ଫଣ୍ଡ ଓ ଅନ୍ୟାନ୍ୟରୁ ୧୩ହଜାର କୋଟି ଟଙ୍କାକୁ ମିଶାଇ ମୋଟ ୩.୧୦ ଲକ୍ଷ କୋଟି ଟଙ୍କା ସଂଗ୍ରହ କରିବେ ବୋଲି ସରକାର ଲକ୍ଷ୍ୟ ରଖିଛନ୍ତି।

ରାଜ୍ୟର ନିଜସ୍ୱ ଟିକସ ସଂଗ୍ରହ ପ୍ରାୟ ୧ ଲକ୍ଷ ୪୧ ହଜାର କୋଟି ଟଙ୍କା ଆକଳନ କରିଥିବାବେଳେ ଏଥିରେ ୫୩ହଜାର କୋଟି ଟଙ୍କା କେବଳ ଖଣି ରାଜସ୍ୱ, ୧୦୯୦୦ କୋଟି ଟଙ୍କା ଅବକାରୀ ଟିକସ ଓ ୫୧୦୦କୋଟି ଟଙ୍କା ବିଦ୍ୟୁତ ଟିକସରୁ ମିଳିବ। ସରକାର ଏହି ୩.୧୦ଲକ୍ଷ *(ଶେଷ ପୃଷ୍ଠା ଦେଖନ୍ତୁ)*



- ଫୋକସରେ ପଞ୍ଚାୟତ-ପୌର ଭିତ୍ତିଭୂମି
- ପ୍ରଫେସନାଲ ଟ୍ୟାକ୍ସ ଉଚ୍ଛେଦ
- ଭୋଟରଙ୍କୁ ଆକୃଷ୍ଟ ପାଇଁ ନୂଆ ଯୋଜନା
- ନବମ-ଦଶମ ଛାତ୍ରଛାତ୍ରୀଙ୍କୁ ମାଗଣା ୟୁନିଫର୍ମ

### ଋଣବୋଝ ହେବ ୧ଲକ୍ଷ ୩୯ ହଜାର କୋଟି

୨୦୨୬-୨୭ରେ ମୋଟ ୪୭୮୦୦ କୋଟି ଟଙ୍କାର ନୂଆ ଋଣ ସଂଗ୍ରହ ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ଏଥିରେ ଖୋଲା ବଜାରରୁ ୨୪୪୬୫ କୋଟି ଟଙ୍କା ଓ କେନ୍ଦ୍ର ସରକାରଙ୍କଠୁ ୧୦୨୬୫ କୋଟି ଟଙ୍କାର ଋଣ ଆହରଣ କରିବେ। ଆଉ ବର୍ଷ ଶେଷବେଳକୁ ରାଜ୍ୟର ଋଣବୋଝ ୧ ଲକ୍ଷ ୩୮ ହଜାର ୯୧୪ କୋଟି ଟଙ୍କା ଛୁଇଁବ ବୋଲି ଆକଳନ ହୋଇଛି। ତେବେ ରାଜ୍ୟର ଋଣବୋଝ ରାଜ୍ୟ ଜିଡିପିର ୨୫%ରୁ ବହୁ କମ୍ (ମାତ୍ର ୧୨.୭%) ଥିବା ଓ ଏଫଆରବିଏମ୍ ଆକ୍ଟର ସୀମା ମଧ୍ୟରେ ଏକ ସୁରକ୍ଷିତ ସ୍ଥିତିରେ ରହିଥିବା ସରକାର କହିଛନ୍ତି।

### ରୋଷେଇ ଘର ନାହିଁ, ମେନ୍ୟୁ ମାଳମାଳ: ନବୀନ

ଏଥରର ବଜେଟକୁ ଚିରାଚରିତ ଢଙ୍ଗରେ ନୈରାଶ୍ୟଜନକ ବୋଲି କହିଛନ୍ତି ବିରୋଧୀ ବିଜେଡି ଓ କଂଗ୍ରେସ। ବଜେଟକୁ ନେଇ ବିରୋଧୀ ଦଳନେତା ନବୀନ ପଟ୍ଟନାୟକ କହିଛନ୍ତି ଯେ, ଏହି ବଜେଟକୁ ନେଇ ମୁଁ କଣ କହିବି କିଛି ଭାବି ପାରୁ ନାହିଁ। ଫୁଲ୍ ମେନ୍ୟୁ ଇନ୍ ଏମ୍ପ୍ଟି କିଚେନ, ଅର୍ଥାତ ବହୁ ନୂଆନୂଆ କଥା ବଜେଟରେ ରହିଛି ହେଲେ ପାଖରେ ପଇସା ନାହିଁ। ସେହିପରି ବିଜେଡି ବିଧାୟକ ଗୌତମବୁଦ୍ଧ ଦାସ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ- ଭାରତୀୟ ଜନତା ପାର୍ଟିର ସରକାରରେ ଯେଉଁମାନେ ରାଜ୍ୟରେ ଅଛନ୍ତି ସେମାନଙ୍କର ଅର୍ଥନୀତି ଉପରେ ଜ୍ଞାନ ଅଛି ବୋଲି ମୁଁ ଭାବୁନି। ନବୀନ ବାବୁ ଅର୍ଥନୀତି ବୁଝନ୍ତି, ୨୪ ବର୍ଷ ଭିତରେ ଗୋଟେ ଦୁର୍ବଳ ରାଜ୍ୟକୁ ସ୍ୱଚ୍ଛଳ କରି ସେ ଉଦାହରଣ ସୃଷ୍ଟି କରିଛନ୍ତି। ନବୀନ ବୁଝିଛନ୍ତି ଏ ସରକାରର କୌଣସି ଭିଜନ ନାହିଁ। ଏଥର ବଜେଟ ସବୁଠାରୁ ଖରାପ ବଜେଟ୍ ବୋଲି ଗୌତମବୁଦ୍ଧ କହିଛନ୍ତି।

### କେଉଁ କ୍ଷେତ୍ରରେ କେତେ ଟଙ୍କା ଖର୍ଚ୍ଚ ହେବ

- ପ୍ରଶାସନିକ ଖର୍ଚ୍ଚ ପାଇଁ ୧ ଲକ୍ଷ ୧୪ ହଜାର କୋଟି ଟଙ୍କା ବ୍ୟବସ୍ଥା
- ଶ୍ରୀଜଗନ୍ନାଥ ସଂଗ୍ରହାଳୟ ଓ ଲାଇବ୍ରେରୀ କେନ୍ଦ୍ର ପାଇଁ ୧ ହଜାର କୋଟି
- ଶ୍ରୀଜଗନ୍ନାଥ ମନ୍ଦିର ପାଇଁ 'ସମର୍ପଣ' ନାଁରେ ଅନଲାଇନ୍ ଡିଜିଟାଲ ହୁଣ୍ଡି
- ରତ୍ନଭଣ୍ଡାର ଗଣତିମଣତି ପାଇଁ ୫ କୋଟି
- ବିଭି-ଜି ରାମ-ଜି ପାଇଁ ୫୫୭୫ କୋଟି
- ସମୃଦ୍ଧ ଅଙ୍ଗନବାଡି ଯୋଜନା ପାଇଁ ୬୩୫ କୋଟି
- ୧୦୦ ସ୍ମାର୍ଟ ଫାର୍ମ ମାର୍କେଟ (ମଡେଲ୍ ମଣ୍ଡି) ପାଇଁ ୧୦୦ କୋଟି
- ସିଏମ୍ ସ୍ମାର୍ଟ ସିଟି ମିଶନ ପାଇଁ ୧୦୦ କୋଟି
- ବିଶ୍ୱର ବୃହତ ଶସ୍ୟ ଷ୍ଟୋରେଜ୍ ଯୋଜନା ପାଇଁ ୨୪୦ କୋଟି
- ରେୟାର ଆର୍ଥ କରିଡର୍ ପାଇଁ ୧୦ କୋଟି
- ରାଜ୍ୟ ଏଆଇ ମିଶନ ପାଇଁ ୨୩ କୋଟି
- ଟୁରିଜିମ୍ ଲ୍ୟାଣ୍ଡ ବ୍ୟାଙ୍କ ସ୍କିମ୍ ବାବଦକୁ ୧୫୦ କୋଟି
- ଡାଲଖାଇ ପାଇଁ ବ୍ୟୟ ଅଟକଳ ୨୨୦ କୋଟି
- ଫିଟ୍ ଓଡିଶା ମିଶନ ପାଇଁ ୧୦ କୋଟି
- ଘରୋଇ ଉତ୍ପାଦ ଜିଏସଡିପି ୧୧ ଲକ୍ଷ ୭ କୋଟି
- ଭୁବନେଶ୍ୱରରେ ନୂଆ ସରକାରୀ କୋଠା ନିର୍ମାଣ
- ବାହାରୁ ଆସୁଥିବା ଅତିଥିଙ୍କ ପାଇଁ ନିର୍ମାଣ ହେବ ଜନ ଆଶ୍ରୟ ଭବନ
- ନୂତନ ରାଜ୍ୟ ବିଧାନସଭା ସୌଧ, ନୂତନ ସଚିବାଳୟ ଭବନ
- ବିଶ୍ୱମାନର ନୂଆ ସଂଗ୍ରହାଳୟ ଓ ଓଡିଶା ମଣ୍ଡପ ସମ୍ମିଳନୀ କେନ୍ଦ୍ର
- 'ଚିଲିକା ପୁନରୁଦ୍ଧାର' ଯୋଜନା
- ଭୂ-ଆକୃତିଗତ ଅସ୍ଥିରତା ଦୂର ପାଇଁ ଯୋଜନା
- ଆନ୍ତଃରାଜ୍ୟ ନଦୀ ସଂଯୋଗୀକରଣ ପାଇଁ ୧୦ କୋଟି
- ମହାନଦୀ ତଟବର୍ତ୍ତୀ ସୁରକ୍ଷା ଓ ପର୍ଯ୍ୟଟନ ପାଇଁ ୮୦ କୋଟି
- ପୁରୁଣା ଓ କ୍ଷତିଗ୍ରସ୍ତ ଜଳସେଚନ ଭିତ୍ତିଭୂମି ପାଇଁ ୧୦୦ କୋଟି
- ବନ୍ୟା ପରିଚାଳନା ପାଇଁ ୫୩୦ କୋଟି
- ଇନ୍-ଷ୍ଟ୍ରିମ୍ ଷ୍ଟୋରେଜ ଷ୍ଟ୍ରକଚର ପ୍ରୋଗ୍ରାମ ପାଇଁ ୧ ହଜାର କୋଟି
- ନବକୃଷ୍ଣ ଚୌଧୁରୀ ସେଚ ଉନ୍ନୟନ ଯୋଜନାରେ ୧୮୦ କୋଟି
- ମୁଖ୍ୟମନ୍ତ୍ରୀ ଆଡିବନ୍ଧ ଯୋଜନା ପାଇଁ ୨୮୦ କୋଟି
- ନଦୀ ପୁନରୁଦ୍ଧାର କାର୍ଯ୍ୟକ୍ରମ ସଞ୍ଜୀବନୀ ପାଇଁ ୧୦୦ କୋଟି
- ୩ ଲକ୍ଷ ୩୩ ହଜାର ହେକ୍ଟର ଜମିରେ ଜଳସେଚନ ଲକ୍ଷ୍ୟ
- ୨୦୨୯ ସୁଦ୍ଧା ୧୫ ହଜାର ହେକ୍ଟର ଜମିକୁ ଅତିରିକ୍ତ ଜଳସେଚନ ଲକ୍ଷ୍ୟ
- ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା ଘୋଷଣା
- ଆର୍ଥିକ ଦୁର୍ବଳ ଝିଅଙ୍କୁ ସ୍ନାତକ ପାଇଁ ଯୋଜନା
- ପ୍ରତି ଗରିବ ଝିଅଙ୍କ ନାଁରେ ୨୦ ହଜାର ଟଙ୍କା ଲେଖାଏ ସଞ୍ଚୟ ଉପକରଣ
- ସ୍ନାତକ ସମାପ୍ତ ପରେ ୧ ଲକ୍ଷ ୧ ଟଙ୍କା ପ୍ରଦାନ କରାଯିବ
- ସୁଭଦ୍ରା ଯୋଜନା ପାଇଁ ୧୦ ହଜାର ୧୪୫ କୋଟି
- ୧ କୋଟିରୁ ଊର୍ଦ୍ଧ୍ୱ ମହିଳା ଉପକୃତ ହେବେ
- ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ପାଇଁ ୧୨ କୋଟି ଟଙ୍କା
- ଜାତୀୟ ଗ୍ରାମୀଣ ଜୀବିକା ମିଶନ ପାଇଁ ୧୩୩୩ କୋଟି
- ମିଶନ ଶକ୍ତି ବିଭାଗ ପାଇଁ ଆବଣ୍ଟନ ୨୮୦୪ କୋଟିକୁ ବୃଦ୍ଧି
- ଲିଙ୍ଗଗତ ସମାନତା ଯୋଜନା ପାଇଁ ୧୮ ହଜାର ୯୫୭ କୋଟି
- ସମୃଦ୍ଧ ଅଙ୍ଗନବାଡି ଯୋଜନା ପାଇଁ ୬୩୫ କୋଟି
- ଅସଂପୂର୍ଣ୍ଣ ଅଙ୍ଗନବାଡି କେନ୍ଦ୍ରକୁ ସମୟ ଭିତ୍ତିରେ ସଂପୂର୍ଣ୍ଣ କରାଯିବ
- କ୍ରେଚ୍ ସୁବିଧା ବିନା ନିର୍ମାଣ ପାଇଁ ବ୍ୟୟବରାଦ ୧୫ ଲକ୍ଷ
- କ୍ରେଚ୍ ସୁବିଧା ଥିବା ଅଙ୍ଗନବାଡି ନିର୍ମାଣ ପାଇଁ ୨୦ ଲକ୍ଷ
- ୨୩ଟି ଜିଲ୍ଲା ମୁଖ୍ୟାଳୟରେ ନିର୍ମାଣ ହେବ ସମନ୍ୱିତ ବାତ୍ସଲ୍ୟ ସଦନ
- ଶିଶୁ ଗୃହ, ଶିଶୁ କଲ୍ୟାଣ କମିଟି ପାଇଁ ୬୨ କୋଟି
- ଆଉ ୬ ଲକ୍ଷ ପାଇବେ ମଧୁବାବୁ ପେନସନ୍
- ପାରାଦୀପ ଓ ବଲାଙ୍ଗିରରେ ଖୋଲିବ ସରକାରୀ ଇଞ୍ଜିନିୟରିଂ କଲେଜ
- ଉତ୍କର୍ଷ ଆଇ.ଟି.ଆଇ. ଯୋଜନା ପାଇଁ ୫୦୦ କୋଟି
- ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପାଇଁ ୨୩,୧୮୨ କୋଟି
- କାର୍ଯ୍ୟକ୍ରମ ବ୍ୟୟ ପାଇଁ ୧୭ ହଜାର ୭୩୭ କୋଟି ଟଙ୍କା
- ଏସ୍‌ସିବିରେ ୧୮୦୦ ଶଯ୍ୟାର ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ସେବା
- ଆୟୁଷ୍ମାନ ଭାରତଗୋପବନ୍ଧୁ ଜନ ଆରୋଗ୍ୟ ପାଇଁ ୪୨୭୯ କୋଟି

## ନ୍ୟାୟିକ ତଦାରଖରେ ଚାଲିବ ପଶ୍ଚିମବଙ୍ଗରେ ଏସ୍‌ଆଇଆର୍

**ନୂଆଦିଲ୍ଲୀ,୨୦।୨: ଏକ୍ସପ୍ରେସ୍ ନ୍ୟୁଜ୍**

ପଶ୍ଚିମବଙ୍ଗରେ ଭୋଟର ଲିଷ୍ଟ ଗହନ ପୁନରୀକ୍ଷଣ (ଏସଆଇଆର)କୁ ନେଇ ଉପୁଜିଥିବା ବିବାଦରେ ସୁପ୍ରିମକୋର୍ଟ ୨୦ ଫେବୃଆରୀ ଶୁକ୍ରବାର ଗୁରୁତ୍ୱପୂର୍ଣ୍ଣ ଆଦେଶ ଜାରି କରିଛନ୍ତି। ରାଜ୍ୟ ସରକାର ଓ ନିର୍ବାଚନ



ଆୟୋଗଙ୍କ ମଧ୍ୟରେ ବଢୁଥିବା ଅବିଶ୍ୱାସକୁ ଦୃଷ୍ଟିରେ ରଖି ସୁପ୍ରିମକୋର୍ଟ ଅଭୂତପୂର୍ବ ପଦକ୍ଷେପ ନେଇଛନ୍ତି। ଶୀର୍ଷ ନ୍ୟାୟାଳୟ ସ୍ପଷ୍ଟ କରିଛନ୍ତି ଯେ ଏବେ ଏହି ପ୍ରକ୍ରିୟାର ନିରପେକ୍ଷତା ସୁନିଶ୍ଚିତ କରିବା ପାଇଁ ବିଚାର ବିଭାଗୀୟ ଅଧିକାରୀ (ଜୁଡିସିଆଲ ଅଫିସର) ମୈଦାନକୁ ଓହ୍ଲାଇବେ। ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତଙ୍କ ଅଧକ୍ଷତାରେ ଗଠିତ ପୀଠ କୋଲକାତା ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ଅନୁରୋଧ କରିଛନ୍ତି ଯେ ଏହି ପ୍ରକ୍ରିୟା ନିମନ୍ତେ ସେବାରତ ତଥା ପୂର୍ବତନ ବିଚାରବିଭାଗୀୟ ଅଧିକାରୀଙ୍କୁ ନିଯୁକ୍ତ କରନ୍ତୁ।

ଶୁଣାଣି କାଳରେ ସୁପ୍ରିମକୋର୍ଟ ପଶ୍ଚିମବଙ୍ଗ ସରକାର ଓ ଭାରତୀୟ ନିର୍ବାଚନ ଆୟୋଗ (ଇସିଆଇ) ମଧ୍ୟରେ ଜାରି ଆରୋପ ଓ ପ୍ରତ୍ୟାରୋପକୁ ନେଇ ଗଭୀର ନିରାଶା ବ୍ୟକ୍ତ କରିଛନ୍ତି। କୋର୍ଟ କହିଛନ୍ତି ଯେ ଦୁଇ ସାମ୍ବିଧାନିକ ସଂସ୍ଥା ମଧ୍ୟରେ ଟ୍ରଷ୍ଟ ଡେଫିସିଟ୍ ଏତେମାତ୍ରାରେ ବଢି ଯାଇଛି ଯେ ଏବେ ନିରପେକ୍ଷତା ଲାଗି ବିଚାର *(ଶେଷ ପୃଷ୍ଠା ଦେଖନ୍ତୁ)*

## ଟ୍ରମ୍ପ ପୁଣି କହିଲେ, ମୁଁ ଅଟକାଇଥିଲି ଭାରତ-ପାକ୍ ଯୁଦ୍ଧ

**ୱାସିଂଟନ,୨୦।୨
ଏକ୍ସପ୍ରେସ୍ ନ୍ୟୁଜ୍**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ଭାରତ-ପାକିସ୍ତାନ ମଧ୍ୟରେ ଗତବର୍ଷ ହୋଇଥିବା ଯୁଦ୍ଧ ବନ୍ଦ କରିବାରେ ମଧ୍ୟସ୍ଥତା କରିଥିବା ନେଇ ଦାବି ଦୋହରାଇଛନ୍ତି। ସେ ଉଭୟ ଦେଶକୁ କଡ଼ା ବାଣିଜ୍ୟିକ ଦଣ୍ଡ ଦେବାକୁ ଧମକ ଦେଇ ଏହି ଯୁଦ୍ଧ ବନ୍ଦ କରାଇଥିଲେ ବୋଲି ଟ୍ରମ୍ପ କହିଛନ୍ତି। ଯୁଦ୍ଧବେଳେ ପ୍ରାୟ ୧୧ଟି ଦାମୀ ଲଢୁଆ ବିମାନ ଖସାଇ ଦିଆଯାଇଥିଲା ବୋଲି ଟ୍ରମ୍ପ ନୂଆକରି ଦାବି କରିଛନ୍ତି। ୱାସିଂଟନଠାରେ ଆମେରିକା ନେତୃତ୍ୱରେ ଗାଜା ଶାନ୍ତି ବୋର୍ଡ ଆଲୋଚନା ବେଳେ ଟ୍ରମ୍ପ କହିଥିଲେ ଯେ, ଯଦି ଭାରତ ଓ ପାକିସ୍ତାନ ଯୁଦ୍ଧ କରନ୍ତି ତେବେ ସେ ଉଭୟ ଦେଶ ଉପରେ ୨୦୦ ପ୍ରତିଶତ ଶୁଳ୍କ ଲଗାଇବେ। ଉଭୟ ଦେଶ ଯୁଦ୍ଧ କରିବାକୁ ଚାହୁଁଥିଲେ। କିନ୍ତୁ ଶୁଳ୍କ ଲଗାଇବା କଥା ଶୁଣିବା ପରେ ଯୁଦ୍ଧ ବନ୍ଦ କରିବାକୁ ରାଜି ହୋଇଯାଇଥିଲେ ବୋଲି ଟ୍ରମ୍ପ କହିଛନ୍ତି।

ଗତବର୍ଷ ମେ' ମାସରେ ଭାରତ- ପାକିସ୍ତାନ ମଧ୍ୟରେ ଯୁଦ୍ଧ ହୋଇଥିବାବେଳେ ସେବେଠାରୁ ଟ୍ରମ୍ପ ଅନେକ ଥର ଯୁଦ୍ଧବିରତିରେ ମଧ୍ୟସ୍ଥତା କରିଥିବା ନେଇ ଦାବି କରିଛନ୍ତି। ଗତବର୍ଷ ଏପ୍ରିଲରେ ପହଲଗାମରେ ଆତଙ୍କବାଦୀ ଆକ୍ରମଣରେ ଭାରତର ୨୬ ଜଣ ପର୍ଯ୍ୟଟକଙ୍କ *(ଶେଷ ପୃଷ୍ଠା ଦେଖନ୍ତୁ)*

## ୧୨ ହଜାର ପିଲା ଆସିଲେନି ମାଟ୍ରିକ ପରୀକ୍ଷା ଦେବାକୁ

**ଭୁବନେଶ୍ୱର,୨୦।୨
ଏକ୍ସପ୍ରେସ୍ ନ୍ୟୁଜ୍**

ମାଟ୍ରିକ୍ ପରୀକ୍ଷାରେ ୧୨ ହଜାର ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା କହିଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ତେବେ କାହିଁକି ଏତେ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଲେ ସେନେଇ ତର୍ଜମା କରାଯାଉଛି ବୋଲି କହିଛନ୍ତି ଗଣଶିକ୍ଷା ମନ୍ତ୍ରୀ। ବିଭାଗୀୟ ତ୍ରୁଟି ନାହିଁ, ବ୍ୟକ୍ତିଗତ କାରଣରୁ ଅନୁପସ୍ଥିତ ରହିଥିବା ନେଇ ସଫେଇ ଦେଇଛନ୍ତି ମନ୍ତ୍ରୀ। ସରକାର ଡ୍ରପ୍ ଆଉଟ୍ ରୋକିବାକୁ ସବୁ ପଦକ୍ଷେପ ନେଇଛନ୍ତି । ଚାଇଲ୍ଡ ଟ୍ରାକିଂ ସର୍ଭେ କରାଯାଉଛି। ନାମଲେଖା ଉତ୍ସବ

**ତର୍ଜମା ହେଉଛି: ମନ୍ତ୍ରୀ**

କରାଯାଉଛି। ଆସ ସ୍କୁଲ ଯିବା ଅଭିଯାନ ବି କରାଯାଉଛି। ତ୍ରୁଟିକୁ ଅନୁଧ୍ୟାନ କରି ଆଗାମୀ ଦିନରେ ଆହୁରି ସଚେତନ କରାଇବାକୁ ସରକାର ପଦକ୍ଷେପ ନେବେ ବୋଲି ଗଣଶିକ୍ଷା ମନ୍ତ୍ରୀ କହିଛନ୍ତି।

## ୫ କିଲୋମିଟର ତାର ବିଛା ୧୦ ମାସରେ ବି ସରିଲାନି

**ମାର୍ଶାଘାଇ,୨୦।୨
ଏକ୍ସପ୍ରେସ୍ ନ୍ୟୁଜ୍**

ଦଶମାସରେ ସରିଲାନି ମାତ୍ର ୫କିଲୋମିଟର ବିଦ୍ୟୁତ ତାର ବିଛା। ଗତ ବର୍ଷାଦିନେ ତରବରିଆ ଭାବରେ ବିଦ୍ୟୁତ ବିଭାଗ ୪/୫ ଦିନରେ ବିଦ୍ୟୁତ ତାର ବିଛାଇ ଅଧାପାନ୍ତରିଆ କରି ନିରବରେ ବସିଛି। ପଚାରିଲେ ଏନଏଚଆଇ ଅନୁମତି ଦେଉନଥିବା କହି ଦାୟିତ୍ୱ ମୁଣ୍ଡରୁ ଖସାଇ ଦେଇଛି। ଫଳରେ କୋଟି ଲକ୍ଷଲକ୍ଷ ଟଙ୍କାର ବିଦ୍ୟୁତ ତାର ବିଛା ଅଧାପାନ୍ତିା ହୋଇ ପଡିଛି। ଏବେ ଆସିଲାଣି ଖରାଦିନ ଚାଲିବ ବିଦ୍ୟୁତ ବିଭାଗ ମନମାନି। ମାର୍ଶାଘାଇ ବ୍ଲକର ତୁଳସୀପୁର ଠାରେ ୧୩୨/୩୩ କେଭି ଗ୍ରୀଡ ସବଷ୍ଟେସନ ନିର୍ମାଣ କରାଯାଇଛି। କିନ୍ତୁ ଗ୍ରୀଷ୍ମ ପ୍ରବାହ ହେଲେ ବିଦ୍ୟୁତ ବିଭାଗର ମନମାନିକୁ ନେଇ ଲୋକମାନେ ବିଦ୍ୟୁତ ସେବାରୁ ବଂଚିତ ହୁଅନ୍ତି। ତୁଳସୀପୁର ଠାରୁ ପୁରୁଷୋତ୍ତୋମପୁର ପର୍ଯ୍ୟନ୍ତ ମାତ୍ର ୪/୫କିଲୋମିଟର ଦୂର ହୋଇଥିବା ବେଳେ ପୁରୁଷୋତ୍ତମପୁର ସେକସନ ଅଫିସ ପର୍ଯ୍ୟନ୍ତ ୩୩ କେଭି ଆଦୌ ଷ୍ଟାଣ୍ଡ ନକରୁଥିବାରୁ ପ୍ରାୟ ୧୫ହଜାର ବିଦ୍ୟୁତ ଉପଭୋକ୍ତ ଖରାଦିନେ ଡହଳ ବିକଳ ହୁଅନ୍ତି। ଝଲକାଇ ପବନ ବୋହିଲେ ବିଜୁଳିବିଭାଗ ଶଙ୍କ

**ଆନ୍ଦୋଳନର ଦାନା ବାନ୍ଧୁଛି**

ଫାଟିବା ତାର ଛିଡିବା ଆଳଦେଖାଇ ବିଜୁଳି କାଟିଦିଏ। ଦୀର୍ଘ ଅସନ୍ତୋଷର ପ୍ରତି ଫଳନ ସଦୃଶ ୨୦୨୫ମସିହା ଜୁନ ମାସରେ ସ୍ଥାନିୟ ଅଂଚଳର ଉପଭୋକ୍ତାମାନେ ବିଜୁଳି କାର୍ଯ୍ୟାଳୟରେ ପ୍ରତିବାଦ କରିଥିଲେ। ଉପଭୋକ୍ତାଙ୍କ ପ୍ରତିବାଦ କରିବାରୁ ବିଜୁଳିବିଭାଗ ଖୁବଶିଘ୍ର ଅଣ୍ଡର ଗ୍ରାଉଣ୍ଡରେ ୩୩କେଭି ତୁଳସୀପୁର ଗ୍ରୀଡ ଠାରୁ ପୁରୁଷୋତ୍ତମପୁର ସେକ୍ସନ ପର୍ଯ୍ୟନ୍ତ ନେବାକୁ ପ୍ରତିଶ୍ରୁତି ଦେଇ ଥିଲା। ଏବଂ ଏହି କାର୍ଯ୍ୟକୁ ତତ୍କାଳ ଆରମ୍ଭ କରିଥିଲା। ତୁଳସୀପୁର ଠାରୁ ଅଣ୍ଡର ଗ୍ରାଉଣ୍ଡ ୩୩କେଭି ତାର ବିଛା ସରିଥିବା ବେଳେ ଏପର୍ଯ୍ୟନ୍ତ ବିଜୁଳି ସଂଯୋଗ ହୋଇ ପାରୁନି। ଏବେ ଠାରୁ ଖରାର ତାପ ବଢିବଢି ଚାଲୁଥିବା ବେଳେ ବିଭିନ୍ନ ସ୍ଥାନରେ ମରାମତି ଆଳରେ ବିଜୁଳି ବିଭାଗ ଘନଘନ ବିଜୁଳି କାଟ କରୁଛି। ବିଜୁଳି ବିଭାଗର ମନମନି ପାଇଁ ମାର୍ଶାଘାଇ ମହାକାଳପଡା ଅଂଚଳର ବିଜୁଳି ଛନ୍ଦିଛାନ୍ଦି ହୋଇ ରହିଛନ୍ତି। ଯାହା ଫଳରେ ମାର୍ଶାଘାଇରେ କୌଣସି କାରଣରୁ ଫଲ୍ଟ ହେଲେ ସମଗ୍ର ମାର୍ଶାଘାଇ ସମେତ ମହାକାଳପଡା ଅଂଚଳ ଅନ୍ଧାରରେ ରହୁଥିବା ବେଳେ ମହାକାଳପଡାରେ ଫଲ୍ଟ ହେଲେ ମହାକାଳପଡା ସମେତ ମାର୍ଶାଘାଇ ଅଂଚଳ ଅନ୍ଧାରରେ ରହୁଥିବାର ଦେଖାଯାଏ। ୩୩କେଭି ଅଣ୍ଡର ଗ୍ରାଉଣ୍ଡ ତାର ପଡିବାକୁ ୧୦ମାସ ବିତିଯାଇଥିବା *(ଶେଷ ପୃଷ୍ଠା ଦେଖନ୍ତୁ)*



# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୨୧ ଫେବୃଆରୀ ୨୦୨୬ । ଶନିବାର




## ନିଶା କାରବାରକୁ ନେଇ ହଣାକଟା

**ଜଳେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**

ଧଳା ଜହର କାରବାରର ପେଣ୍ଠସ୍ଥଳୀ ଭାବେ ଜଳେଶ୍ୱର ଅଞ୍ଚଳ ବେଶ ଅପବାଦ ମୁଣ୍ଡେଇ ଆସୁଅଛି । ଏହି ନିନ୍ଦାକୁ ଦ୍ୱିଗୁଣିତ କରିଛି ଜଳେଶ୍ୱର ସହର ସନ୍ନିକଟ ରାଜପୁର ବସ୍ତିରେ ବ୍ରାଉନ ସୁଗାର କାରବାରକୁ ନେଇ ଭାଇ ଭାଇ ମଧ୍ୟରେ ହଣାକଟା ଘଟଣା । ସୂଚନା ଅନୁସାରେ ରାଜପୁର ବସ୍ତିର ସେକ୍ ସରଫତ ତୁଲ୍ଲା (୨୮) ବିଦେଶରେ (କାତର) ରହି କାର୍ଯ୍ୟ କରୁଥିବା ବେଳେ ଅନ୍ୟ ସଂପର୍କୀୟ ଭାଇମାନେ ଗାଁରେ ରହିଆସୁଥିଲେ । ବିଭିନ୍ନ ପାରିବାରିକ କାରଣକୁ ନେଇ ଭାଇମାନଙ୍କ ମଧ୍ୟରେ ଅସନ୍ତୋଷ ରହିଥିବା ବେଳେ ଗୁରୁବାର ତାହା ଉଗ୍ର ରୂପ ଧାରଣା କରିଥିଲା । ପୂର୍ବାହ୍ନରେ ସେକ୍ ସରଫତ ତୁଲ୍ଲା ସଂପର୍କୀୟ ଭାଇ ସେକ୍ କରାମତ ତୁଲ୍ଲା (ଗରିବୁଲା)କୁ ବ୍ରାଉନ୍‌ସୁଗର କାରବାର ନ କରିବାକୁ ତାଗିଦ୍ କରିଥିଲା । ଫଳରେ ପୂର୍ବ ରାଗ ସହ ଉତକ୍ଷିପ୍ତ ହୋଇ କରାମତ ସରଫତକୁ ଭୁଜାଲି ଦ୍ୱାରା ଛାତି ଓ ଜଙ୍ଘକୁ ହାଣି ଫେରାର ହୋଇଯାଇଥିଲା । ରକ୍ତ ଜୁଡୁବୁଡୁ ଅବସ୍ଥାରେ ସରଫତକୁ ପ୍ରଥମେ ଜିକେ ଭଟ୍ଟର ଓ ପରେ ବାଲେଶ୍ୱର ସ୍ଥାନାନ୍ତର କରାଯାଇଛି । ନିକଟରେ ଜଳେଶ୍ୱର ପୋଲିସ ଷ୍ଟେସନ ଓ ସହରରେ ଏସଡିପିଓ ଅଫିସ୍ ରହିଥିବା ବେଳେ କାହା ସହାସରେ ନିଶା କାରବାରୀମାନେ ନଗ୍ନ ନମୁନା ଦେଖାଉଛନ୍ତି ତାହା ପ୍ରଶାସନ ଲାଗି ପ୍ରଶ୍ନବାଚୀ ସୃଷ୍ଟି କରିଛି । ସୂଚନାଯୋଗ୍ୟ ଜଳେଶ୍ୱର ଅଂଚଳର କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ବ୍ରାଉନ୍‌ସୁଗର କାରବାର କୁଟୀର ଶିଳ୍ପରେ ପରିଣତ ହୋଇଥିବାରୁ ଯୁବପିଢ଼ୀ ପଥ ଭ୍ରଷ୍ଟ ହେଉଛନ୍ତି । ବହୁ ଥାନାଧିକାରୀ ବଦଳି ଥିଲେ ମଧ୍ୟ ଜଳେଶ୍ୱର ଅଞ୍ଚଳରେ ଆଇନ ଶୃଂଖଳାର ଉନ୍ନତି ହେବା ପରିବର୍ତ୍ତେ ଅପରାଧୀମାନେ ନିର୍ଭୟରେ କାଣ୍ଡ ଭିଆଉଛନ୍ତି । ବିଭିନ୍ନ ସମୟରେ ଖୁଚୁରା ବ୍ରାଉନ୍‌ସୁଗର ବ୍ୟବସାୟୀ ଧରା ପଡୁଥିବା ବେଳେ ସେମାନଙ୍କୁ ପରିଚାଳିତ କରୁଥିବା ଖବରୀ, ମାଷ୍ଟର ମାଇଣ୍ଡ, ପୁଞ୍ଜି ବିନିଯୋଗ କରୁଥିବା କାର୍ପଟଦାର, ଧୋବ ଧଉଳିକ ଭଦ୍ରଲୋକମାନଙ୍କ ସମ୍ପୃକ୍ତିର ପର୍ଦ୍ଦାଫାଶ ହୋଇପାରୁନାହିଁ । ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ବୁଦ୍ଧିଜୀବିମାନେ ଆଗକୁ ଆସିବାକୁ ସାଧାରଣରେ ଦାବି କରାଯାଇଛି ।

## ଖାଦ୍ୟ ନିରାପତ୍ତା ଟିମ୍‌ର ଚଢାଉ



**ସାକ୍ଷୀଗୋପାଳ: ଏକ୍ସପ୍ରେସ ନ୍ୟୁଜ୍**

ଜାଗର ଯାତ୍ରାରେ ସତ୍ୟବାଦୀ ବ୍ଲକର ସାରଙ୍ଗଯୋଡି ପଞ୍ଚାୟତ ଅନ୍ତର୍ଗତ ଧ୍ୱଜାମୁଣ୍ଡାଇରେ ଚଟପଟି ଚାଟ ଖାଇ ୨୭ ଜଣ ଛୋଟ ପିଲା ଅସୁସ୍ଥ ହେବା ଘଟଣା ପରେ ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀଙ୍କ ନିର୍ଦ୍ଦେଶ କ୍ରମେ ଗୁରୁବାର ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ସାକ୍ଷୀଗୋପାଳ ବଜାର କାଦୁଅ ଓ ଜାତୀୟ ରାଜପଥରେ ଚଢାଉ କରାଯାଇଥିଲା । ପୁରୀ ଜିଲ୍ଲା ଖାଦ୍ୟ ନିରାପତ୍ତା ଟିମ୍ ସାକ୍ଷୀଗୋପାଳ ବଜାରରେ ହୋଟେଲ, ଚା' ଦୋକାନ, ମିଠା ଦୋକାନ ଓ ଢାବାରେ ଚଢାଉ କରି ଅନିୟମିତତା ଆଧାରରେ ୪ ଜଣ ବ୍ୟବସାୟୀଙ୍କ ଠାରୁ ୨୬ ହଜାର ୫ ଶହ ଟଙ୍କା ଜୋରିମାନା ଆଦାୟ କରିବା ସହିତ ୩୦ କିଲୋ ନଷ୍ଟ ଖାଦ୍ୟ ସାମଗ୍ରୀ ଜବତ କରି ନଷ୍ଟ କରି ଦେଇଥିଲେ । ଫୁଡ୍ ଇନ୍ସପେକ୍ଟର ରାଜେଶ୍ୱରୀ ପତିଙ୍କ ଟିମ ସହିତ ମାଜିଷ୍ଟ୍ରେଟ ଦାୟିତ୍ୱରେ ଅତିରିକ୍ତ ତହସିଲଦାର ଓମ୍ ପ୍ରକାଶ ପରିଡା, ସତ୍ୟବାଦୀ ଥାନା ପୋଲସ କର୍ମଚାରୀ ଏହି ଚଢାଉରେ ସାମିଲ ହୋଇଥିଲେ ।

## ଚିକିତ୍ସା ବଦଳରେ ସାମ୍ବାଦିକଙ୍କୁ ଦୁର୍ବ୍ୟବହାର !

**ନୀଳଗିରି: ଏକ୍ସପ୍ରେସ ନ୍ୟୁଜ୍**

ଡାକ୍ତରଙ୍କୁ ଦ୍ୱିତୀୟ ଭଗବାନ ରୂପେ ବିବେଚନା କରାଯାଏ । ମାତ୍ର ଏହି ୨ୟ ଭଗବାନ ଡାକ୍ତର ସେବା କରିବା ପରିବର୍ତ୍ତେ ରୋଗୀ ଓ ସେମାନଙ୍କର ପରିବାର ଲୋକେ ହେଉଛନ୍ତି ଆକ୍ରୋଶ ଓ ଦୁର୍ବ୍ୟବହାର ଶିକାର । ଆଉ ଏଥିରୁ ବାଦ ପଡ଼ି ନାହାନ୍ତି କାର୍ଯ୍ୟରତ ସାମ୍ବାଦିକ । ବିଭିନ୍ନ ସମସ୍ୟା ଓ ଡାକ୍ତର ଏବଂ କର୍ମଚାରୀ ଅଭାବ ଦେଇ ଗତି କରୁଥିବା ବେଳେ ଯେଉଁ କେତେଜଣ ହାତଗଣତି ଡାକ୍ତର ଓ ଡାକ୍ତରାଣୀଙ୍କ ଦ୍ୱାରା ଉପଖଣ୍ଡ ଚିକିତ୍ସାଳୟରେ ରୋଗୀସେବା ହେଉଛି ତାହା ସମୁଦ୍ରକୁ ଶଙ୍ଖେ । କେବଳ ଭଗବାନଙ୍କୁ ଭରଷା କରି ରୋଗୀଙ୍କୁ ନେଇ ଚିକିତ୍ସା ପାଇଁ ଆସୁଛନ୍ତି ରୋଗୀମାନଙ୍କ ସମ୍ପର୍କୀୟମାନେ । ରୋଗୀ ସେବା ପରିବର୍ତ୍ତେ ସେମାନଙ୍କୁ ଡାକ୍ତର ଓ ଡାକ୍ତରାଣୀ ଚିକିତ୍ସାରେ ଅବହେଳା କରିବା ସହିତ ସେମାନଙ୍କୁ ଦୁର୍ବ୍ୟବହାର ସହ କୁଭାଷାରେ ଗାଳିଗୁଲଜ କରୁଛନ୍ତି । ଏପରି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ । ସୂଚନା ମୁତାବକ ନୀଳଗିରିର କାର୍ଯ୍ୟରତ ସାମ୍ବାଦିକ ଜଗନ୍ନାଥ ଦାସଙ୍କ ପେଟରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଅନ୍ୟ ୨ଜଣ ସହଯୋଗୀ ତଥା କାର୍ଯ୍ୟରତ ସାମ୍ବାଦିକ ପାର୍ଥସାରଥୀ ଦାସବାବୁ ଓ ସତ୍ୟବ୍ରତ ମହାଲିକ ତାଙ୍କୁ ଚିକିତ୍ସା ପାଇଁ ନୀଳଗିରି ଡାକ୍ତରଖାନାକୁ ନେଇଯାଇଥିଲେ । ନିୟମ ମୁତବକ ଆଉଟଡୋରରେ ନାମ ପଞ୍ଜିକରଣ କରି ଚିକିତ୍ସା ନିମନ୍ତେ ରୋଗୀଙ୍କ ଧାଡ଼ିରେ ଠିଆ ହୋଇ ଡାକ୍ତର ଦେଖାଇବାକୁ ଡ୍ୟୁଟିରେ ଥିବା ଭେଷଜ ଡାକ୍ତର ଯତୀନ ସୋରେନ ଓ ଡ଼ଃ ଅଭିଲିପ୍ସା ମହାନ୍ତି ଜଗନ୍ନାଥଙ୍କୁ ରୋଗ ସମ୍ପର୍କରେ ପଚାରିବା ପରିବର୍ତ୍ତେ ୩ଜଣ କାର୍ଯ୍ୟରତ ସାମ୍ବାଦିକଙ୍କୁ କୁଭାଷାରେ ଗାଳିଗୁଲଜ କରିବା ସହିତ ଅତ୍ୟନ୍ତ ଦୁର୍ବ୍ୟବହାର କରି ଧକ୍କା ମାରି ଚିକିତ୍ସା ବଦଳରେ ସେଠାରୁ ତଡ଼ି ଦେଇଥିଲେ । ଅନ୍ୟ ପକ୍ଷରେ ସାମ୍ବାଦିକଙ୍କ ଶିକ୍ଷାଗତ ଯୋଗ୍ୟତା ବିଷୟରେ ପ୍ରଶ୍ନ କରିବା ସହିତ ଜାତିଅଣାକୁ ନେଇ ନାନାଦି ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିବା ନେଇ ଜଗନ୍ନାଥ ଦାସ ନୀଳଗିରି ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପାଇବା ପରେ ନୀଳଗିରି ଥାନା ଏସ୍‌ଡିପିଓ ଓ ଆଇଆଇସି ଗୋବର୍ଦ୍ଧନ ନାୟକ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି । କିଛି ଦିନ ପୂର୍ବରୁ ସାମ୍ବାଦିକ ବ୍ରଜକିଶୋର ପାଣିଙ୍କୁ ମଧ୍ୟ ଡାକ୍ତରାଣୀ ମହାନ୍ତି ଦୁର୍ବ୍ୟବହାର କରିଥିବା ନେଇ ଥାନାରେ ମାମଲା ରୁଜୁ ହୋଇଥିଲା । ବିଭିନ୍ନ ସମସ୍ୟା ମଧ୍ୟରେ ଗତି କରୁଥିବା ଉପଖଣ୍ଡ ଚିକିତ୍ସାଳୟରେ ଡାକ୍ତର ଓ ଡ଼ାକ୍ତରାଣୀଙ୍କ ବ୍ୟବହାରକୁ ନେଇ ବିଭିନ୍ନ ମହଲରେ ନିନ୍ଦା ପ୍ରତିକ୍ରିୟା ପ୍ରକାଶ ପାଇଛି । ଏହି ଘଟଣାର କୌଣସି ସତ୍ୟତା ନାହିଁ ବୋଲି ସଫେଇ ଦେଇଛନ୍ତି ଡ଼ଃ ସୋରେନ ଓ ଡ଼ଃ ମହାନ୍ତି । ମାତ୍ର ଡାକ୍ତର ବସୁଥିବା ରୁମରେ ଲାଗିଥିବା ସିସିଟିଭି ଫୁଟେଜକୁ ତଦନ୍ତ କଲେ ସତ୍ୟାସତ୍ୟ ପଦାକୁ ଆସିବ ବୋଲି କହିଛନ୍ତି ସାମ୍ବାଦିକ ଶ୍ରୀଦାସ । ଅନ୍ୟପକ୍ଷରେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଘଟଣକ୍ଷକୁ ନେଇ ନୀଳଗିରି ସାମ୍ବାଦିକ ପ୍ରକୋଷ୍ଠରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇ ଏ ଘଟଣା ସମ୍ପର୍କରେ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, ବାଲେଶ୍ୱର ସାଂସଦ, ବାଲେଶ୍ୱର ଜିଲ୍ଲାପାଳ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ନୀଳଗିରି ଉପଜିଲ୍ଲାପାଳ ଓ ବିଧାୟକଙ୍କୁ ଅବଗତ କରାଯାଇଛି । ଆଗାମୀ ଦିନରେ ଏହି ସମସ୍ୟାର ସଠିକ ନ୍ୟାୟ ନ ମିଳିଲେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛି ନୀଳଗିରି କାର୍ଯ୍ୟରତ ସାମ୍ବାଦିକସଂଘ ।




## କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଛାତ୍ର ଅଶାନ୍ତି

**କୋରାପୁଟ: ଏକ୍ସପ୍ରେସ ନ୍ୟୁଜ୍**

କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସୁନାବେଡ଼ାଠାରେ ଶୁକ୍ରବାର ସକାଳେ ଛାତ୍ର ଅଶାନ୍ତି ଦେଖିବାକୁ ମିଳିଛି । କୋରାପୁଟ ଜିଲ୍ଲାର ସୁନାବେଡ଼ାଠାରେ ଥିବା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ମୁଖ୍ୟ କ୍ୟାମ୍ପସ୍‌ରେ ତାଲା ଠୁଙ୍କିଛନ୍ତି ଛାତ୍ରଛାତ୍ରୀ । ମେଧାବୃତ୍ତି ନ ମିଳିବା ଓ ବିଭିନ୍ନ ବିଭାଗର ପରୀକ୍ଷାଫଳ ୨ ବର୍ଷ ହେବ ପ୍ରକାଶିତ ନ ହେବା, ହଷ୍ଟେଲ ସମସ୍ୟା ପ୍ରଫେସର ଅଭାବ ଏବଂ ଦୁର୍ବଳ ଭିତ୍ତିଭୂମିକୁ ନେଇ ତାତିଛନ୍ତି ଛାତ୍ରଛାତ୍ରୀ । ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଧାରଣାରେ ବସିବେ ବୋଲି ଛାତ୍ରନେତାମାନେ ପ୍ରକାଶ କରିଛନ୍ତି ।

## ପାଣିପାଇଁ ଲୋକେ ହନ୍ତସନ୍ତ

**ଢେଙ୍କାନାଳ: ଏକ୍ସପ୍ରେସ ନ୍ୟୁଜ୍**



ଗଁଦିଆ ବ୍ଲକ ଲାଉଲଇ ପଞ୍ଚାୟତର ଆଠ ନମ୍ବର ୱାର୍ଡର ଦରହସାହି ଆଦିବାସୀ ଗ୍ରାମବାସୀମାନେ ଦିନକୁ ଦିନ ପାନୀୟଜଳ ପାଇଁ ହଇରାଣ ହେବାରେ ଲାଗିଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ ଏହି ଗ୍ରାମରେ ଆରଡବ୍ଲ୍ୟୁଏସଏସ ତରଫରୁ ଏକ ଟାଙ୍କି ନିର୍ମାଣ କରାଯାଇ ଜନସାଧାରଣଙ୍କୁ ଜଳ ଯୋଗାଇ ଦିଆଯାଉଥିଲା । ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଦୀର୍ଘ ଦିନ ହେଲା ଟାଙ୍କିଟି ଫାଟିଯାଇ ପାଣି ଗଳୁଛି । ଫଳରେ ଟାଙ୍କିରେ ପାଣି ଟୋପାଏ ରହିପାରୁନାହିଁ । ଏଦିଗରେ ଗ୍ରାମବାସୀ ଦୀର୍ଘ ଦିନ ହେବା ଆରଡବ୍ଲ୍ୟୁଏସଏସର ବିଭାଗକୁ ଜଣାଇଥିଲେ ସୁଦ୍ଧା ଯଥା ପୂର୍ବ ତଥା ପରଧାରାରେ ପାଣି ଚାଲିଯାଇ ଲୋକଙ୍କୁ ହଇରାଣ ହେବାକୁ ପଡୁଛି । ଏଦିଗରେ ଜିଲ୍ଲାପାଳଙ୍କ ଦୃଷ୍ଟିଦେଇ ଏହି ଆଦିବାସୀମାନଙ୍କୁ ଜଳ ଯୋଗାଇବାର ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଜନସାଧାରଣଙ୍କ ତରଫରୁ ନିବେଦନ କରାଯାଉଅଛି ।

## ସରକାରୀ ନିୟମକୁ ଅଙ୍ଗନବାଡି କର୍ମୀଙ୍କ ବେଖାତିର

**ମାହାଙ୍ଗା: ଏକ୍ସପ୍ରେସ ନ୍ୟୁଜ୍**




ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି କୁନି କୁନି ପିଲାମାନଙ୍କ ନିମନ୍ତେ ଅଙ୍ଗନବାଡି କେନ୍ଦ୍ର ଖୋଲିଛନ୍ତି । ହେଲେ ଏଭଳି ଏକ ଅଙ୍ଗନବାଡି କେନ୍ଦ୍ର ରହିଛି ଯେଉଁ କେନ୍ଦ୍ରରେ ଅନିୟମିତତା ହେବା, ଅନେକ ସମୟରେ ବିଳମ୍ବରେ କେନ୍ଦ୍ର ଖୋଲା ଯିବା ସହ କର୍ମୀଙ୍କ ଦେଖାମିଳୁନାହିଁ । ଏଭଳି ଘଟଣା ଦେଖିବାକୁ ମିଳିଛି କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଅନ୍ତର୍ଗତ ପଲ୍ଲିସାହି ପଂଚାୟତ ସ୍ଥିତ ପଲ୍ଲିସାହି ଅଙ୍ଗନବାଡି କେନ୍ଦ୍ରରେ । ଏହି କେନ୍ଦ୍ରର ଅଙ୍ଗନବାଡି କର୍ମୀ ଓ ସହାୟିକା ୯ଟା ୩୩ ପର୍ଯ୍ୟନ୍ତ କେନ୍ଦ୍ରକୁ ଆସି ନଥିଲେ । ଯାହା ଫଳରେ ୯ଟା ୩୩ ପର୍ଯ୍ୟନ୍ତ କେନ୍ଦ୍ରରେ ତାଲା ଝୁଲୁଥିବା ଦେଖିବାକୁ ମିଳିଛି । ସରକାରଙ୍କ ନିୟମ ଅନୁଯାୟୀ ୯ଟାରେ କେନ୍ଦ୍ର ଖୋଲା ଯାଇ ୧ଟାରେ ବନ୍ଦ ହୋଇଥାଏ । ଯାହାକି ସରକାରଙ୍କ ନିୟମକୁ କେନ୍ଦ୍ରର କର୍ମୀ ଓ ସହାୟିକା ଅଣଦେଖା କରିବା ସହ ସମ୍ପୂର୍ଣ୍ଣ ଭାବେ ଫୁ କରି ଦେଉଛନ୍ତି । ଏହି କେନ୍ଦ୍ରରେ କିଶୋରୀମାନଙ୍କ ଅଣ୍ଡା ଓ କୁନି କୁନି ପିଲାଙ୍କ ବାବଦକୁ ଅଣ୍ଡା ସଠିକ ଭାବେ ଦିଆଯାଉଛି କି ନାହିଁ ତାହା ତଦନ୍ତ କଲେ ଜଣାପଡିବ । ସେହିପରି ପିଲାମାନଙ୍କୁ ସକାଳ ଜଳଖିଆ ଓ ରୋଷେଇ ଖାଦ୍ୟ ସଠିକ ଭାବେ ଦେଉଛନ୍ତି କି ନାହିଁ ତାହା ତଦନ୍ତ ସାପେକ୍ଷ ! ଦାୟିତ୍ୱରେ ଥିବା ସୁପର ଭାଇଜର କିପରି ଭାବେ ତଦନ୍ତ କରୁଛନ୍ତି ତାହାକୁ ନେଇ ବଡ଼ ପ୍ରଶ୍ନ ଉଠିଛି । ସେହିପରି ସିଡିପିଓ ଗୁରୁବାରୀ ସିଂହଙ୍କୁ ଯୋଗାଯୋଗ କରିବାରୁ ଯଦି କେହି ଅଙ୍ଗନବାଡି କର୍ମୀ କି ସହାୟିକା କାର୍ଯ୍ୟରେ ଅବହେଳା କରିଥିବେ ତେବେ ମୋର ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଜଣାଇବି, ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ ।

## ଅଭିନବ ଉପାୟରେ ଗଞ୍ଜେଇ ଚାଲାଣ

**ବଲାଙ୍ଗିର: ଏକ୍ସପ୍ରେସ ନ୍ୟୁଜ୍**

ଟିଟିଲାଗଡ଼ରେ ଏବେ ଚାଲିଛି ମହାଶିବରାତ୍ରି ମେଳା । ତେବେ ଏହାର ସୁଯୋଗ ନେଇ ନୂଆ ଷ୍ଟାଇଲରେ ଗଞ୍ଜେଇ ଚାଲାଣ ହେଉଥିଲା । ପୋଲିସ ଆଖିରେ ଧୂଳି ଦେବା ସହ ସମସ୍ତଙ୍କୁ ମାତ୍ ଦେଇ ଚାଲାଣ ହେଉଥିଲା ଗଞ୍ଜେଇ । ବୌଦ୍ଧ ଜିଲ୍ଲା କଣ୍ଟାମାଳ ଅଞ୍ଚଳର ଚାରି ଜଣ ବ୍ୟକ୍ତି ବାଇକର ସିଟ ଭିତରେ ଗଞ୍ଜେଇ ରଖି ଆରାମରେ ସହର ନିକଟସ୍ଥ ଝାଡଦେବନ୍ଧ ଜଙ୍ଗଲରେ ରହିଥିଲେ । ଟିଟିଲାଗଡ଼ ପୋଲିସ ପାଖରେ ଖବର ଆସିଥିଲା ଯେ, ବଡ଼ ଧରଣର ଗଞ୍ଜେଇ ଚାଲାଣ ହେଉଛି, ପୋଲିସ ଝାଡଦେବନ୍ଧ ଜଙ୍ଗଲରେ ଖାନ ତଲାସୀ କରିବା ପରେ କିଛି ମିଳିନଥିଲା । ହେଲେ କିଛି ଦୂରରେ ବାଇକର ସିଟ ଉପରେ କିଛି ବ୍ୟକ୍ତି ବସିଥିବା ଦେଖି ସେମାନଙ୍କୁ ସିଟ ଛାଡିବା ପାଇଁ କହିବା ସହ ସିଟ କଭରକୁ କାଢି ଦେଖିବା ମାତ୍ରକୁ ସିଟ ଭିତରେ ବ୍ୟାଗ ବ୍ୟାଗ ଗଞ୍ଜେଇ ବାହାରିଥିଲା । କେବଳ ସିଟରୁ ନୁହେଁ ବାଇକର ଡ଼ିକି ଏବଂ ଜରି ବ୍ୟାଗ ଭିତରୁ ମଧ୍ୟ ପୁଳା ପୁଳା ଗଞ୍ଜେଇ ବାହାରୁଛି ଏନେଇ ଟିଟିଲାଗଡ଼ ପୋଲିସ ତିନୋଟି ବାଇକ ସମେତ ଚାରି ଜଣ ଗଞ୍ଜେଇ ମାଫିଆଙ୍କୁ ଅଟକ ରଖି ଆହୁରି ଅଧିକ ତଦନ୍ତ ଆରମ୍ଭ କରିଛି । କେଉଁଠାରୁ ଗଞ୍ଜେଇ ଆସିଥିଲା, କିଏ ଗଞ୍ଜେଇ ପଠାଇଥିଲା, କେଉଁ ଅଂଚଳକୁ ଚାଲାଣ ହେଉଥିଲା ତାହା ତଦନ୍ତ ପରେ ସାମ୍ନାକୁ ଆସିବ ବୋଲି ଟିଟିଲାଗଡ଼ ଏସ୍‌ଡିପିଓ ଯଶୋବନ୍ତ ନାରାୟଣ ପ୍ରଧାନୀ ସୂଚନା ଦେଇଛନ୍ତି । ତେବେ ଏହି ଚଢାଉରେ ଆଇଆଇସି ମନୋଜ କୁମାର ମୁଣ୍ଡା, ଏଏସ୍‌ଆଇ କିରନ୍ ଜାନି, ଏଏସଆଇ କାର୍ତ୍ତିକ ପ୍ରଧାନଙ୍କ ସମେତ ଅନେକ ପୋଲିସ କର୍ମୀ ଉପସ୍ଥିତ ରହିଥିଲେ ।

## ବାଣିଜ୍ୟ

### ଟାଟା ଗ୍ରୁପ ଓ ଓପନଏଆଇ ମଧ୍ୟରେ ଏଆଇ ରୂପାନ୍ତରଣ ପାଇଁ ସହଯୋଗିତା

**ଭୁବନେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**



ଟାଟା ଗ୍ରୁପର ଅଂଶ ଟାଟା କନସଲଟାନ୍ସି ସର୍ଭିସେସ (ଟିସିଏସ୍) ଓ ଓପନଏଆଇ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ସହଯୋଗିତା ଘୋଷଣା କରାଯାଇଛି । ଏହି ସହଯୋଗିତାର ଲକ୍ଷ୍ୟ ହେଉଛି ସଂସ୍ଥା, ଗ୍ରାହକ ଓ ସାମାଜିକ କ୍ଷେତ୍ରରେ ଏଆଇ ଆଧାରିତ ନବସୃଜନକୁ ଆଗକୁ ବଢ଼ାଇବା । ଉଭୟ ସଂସ୍ଥାର ମିଳିତ ସହଯୋଗରେ ହେବାକୁଥିବା ରୂପାନ୍ତରଣରୁ ବିଶ୍ୱସ୍ତରରେ ଶିଳ୍ପଗୁଡ଼ିକ ଉପକୃତ ହେବେ ଓ ଏଆଇ ଭିତ୍ତିଭୂମି ପ୍ରତିଷ୍ଠା ହୋଇପାରିବ । ଏହି ସହଯୋଗିତାରେ ଏଣ୍ଟରପ୍ରାଇଜ ଚାଟଜିପିଟି ମାଧ୍ୟମରେ ଟାଟା ଗ୍ରୁପର କର୍ମଚାରୀମାନଙ୍କୁ ସଶକ୍ତ କରାଯିବ । ଟାଟା ଗ୍ରୁପର ହଜାର ହଜାର କର୍ମଚାରୀ ଏହି ସେବା ପାଇପାରିବେ ଯାହା ଫଳରେ ସେମାନଙ୍କ ନବସୃଜନ ଓ ଉତ୍ପାଦକତା ବଢ଼ିବ । ସଫ୍ଟୱେର ଇଞ୍ଜିନିୟରିଂ ଫଳାଫଳ ବଢ଼ାଇବା ପାଇଁ ଓପନଏଆଇର କୋଡେକ୍ସକୁ ଟିସିଏସ ବ୍ୟବହାର କରିବ । ସେହିପରି ଓପନଏଆଇ ଓ ଟିସିଏସ ମିଳିତ ଭାବେ ଶିଳ୍ପ ସ୍ୱତନ୍ତ୍ର ସମାଧାନ ମିଳିତ ଭାବେ ବିକାଶ କରିବା ଦିଗରେ କାମ କରିବେ । ସେହିପରି ଉଭୟ ସଂସ୍ଥା ମିଳିତ ଭାବେ ନିର୍ଦ୍ଦିଷ୍ଟ ଅନୁଷ୍ଠାନର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଭାରତୀୟ ଓ ବିଶ୍ୱସ୍ତରୀୟ ସଂସ୍ଥାରେ ରୂପାନ୍ତରଣ ଆଣିପାରିବେ । ଏହି ସହଯୋଗିତା ସଂସ୍ଥାଗୁଡ଼ିକୁ ଏଆଇ ଆଧାରିତ ରୂପାନ୍ତରଣକୁ ତ୍ୱରାନ୍ୱିତ କରିବାରେ ସହାୟକ ହେବ । ଭାରତରେ ଏଆଇ ଭିତ୍ତିଭୂମି ବିକାଶ ପାଇଁ ଟିସିଏସର ହାଇପରଭଲ ୟୁନିଟ ଓ ଓପନଏଆଇ ବହୁବର୍ଷୀୟ ସହଯୋଗିତା ପାଇଁ ରାଜି ହୋଇଛନ୍ତି । ପ୍ରାରମ୍ଭିକ ପର୍ଯ୍ୟାୟରେ ଟିସିଏସ ପକ୍ଷରୁ ୧୦୦ ମେଗାୱାଟ କ୍ଷମତାର ଏଆଇ ଭିତ୍ତିଭୂମି ବିକାଶ କରାଯିବ ଓ ତାହାକୁ ୧ ଗିଗାୱାଟ ପର୍ଯ୍ୟନ୍ତ ବଢ଼ାଇବାର ବିକଳ୍ପ ରହିବ । ସେହିପରି ଓପନଏଆଇ ଫାଉଣ୍ଡେସନ ଓ ଟିସିଏସ ମିଳିତ ଭାବେ ଯୁବପିଢ଼ିଙ୍କୁ ଏଆଇ ତାଲିମ ଓ ସମ୍ବଳ ପ୍ରଦାନ କରିବା ଦିଗରେ କାମ କରିବେ । ସେମାନେ ମିଳିତ ଭାବେ ଏନଜିଓ ପାଇଁ ଟୁଲକିଟ ପ୍ରସ୍ତୁତ କରିବେ ଏବଂ ଯୁବପିଢ଼ିଙ୍କୁ ନଜରରେ ରଖି ବିଭିନ୍ନ ଅଭିଯାନ ଆରମ୍ଭ କରିବେ । ଓପନଏଆଇର ସିଇଓ ସାମ ଅଲ୍ଟମ୍ୟାନ କହିଛନ୍ତି ଯେ, ଏଆଇ ଗ୍ରହଣୀୟତାରେ ଭାରତ ଆଗୁଆ ରହିଛି ଓ ଏହାର ପ୍ରତିଭା, ଆକାଂକ୍ଷା ଓ ଦୃଢ଼ ସରକାରୀ ସହଯୋଗରେ ଏହା ଭବିଷ୍ୟତ ଗଢ଼ିବାକୁ ପ୍ରସ୍ତୁତ ରହିଛି । ଭାରତ ପାଇଁ ଓପନଏଆଇ ଓ ଟାଟା ଗ୍ରୁପ ସହିତ ଆମ ସହଯୋଗିତା ଜରିଆରେ ଭାରତ ପାଇଁ, ଭାରତ ସହ ଓ ଭାରତରେ ଏଆଇ ଗଢ଼ିବାର ଆବଶ୍ୟକତା ପାଇଁ ଆମେ ମିଳିତ ଭାବେ ଭିତ୍ତିଭୂମି, ଦକ୍ଷତା ଓ ସ୍ଥାନୀୟ ସହଯୋଗିତା ଗଢ଼ିବା ଦିଗରେ କାର୍ଯ୍ୟ କରିବୁ, ଯାହା ଫଳରେ ଦେଶର ଅଧିକରୁ ଅଧିକ ଲୋକଙ୍କ ପାଖରେ ତାହାର ଲାଭ ପହଂଚିପାରିବ । ଟାଟା ସନ୍ସର ଅଧକ୍ଷ ଏନ ଚନ୍ଦ୍ରଶେଖରନ କହିଛନ୍ତି ଯେ, ଓପନଏଆଇ ଓ ଟାଟା ଗ୍ରୁପ ମଧ୍ୟରେ ଏହି ଗଭୀର ସହଯୋଗିତା ଏଆଇରେ ଏକ ବିଶ୍ୱସ୍ତରୀୟ ଲିଡର ହେବା ପାଇଁ ଭାରତର ରହିଥିବା ଲକ୍ଷ୍ୟ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟକୁ ଦର୍ଶାଉଛି । ଭାରତରେ ଅତ୍ୟାଧୁନିକ ଏଆଇ ଭିତିଭୂମି ସୃଷ୍ଟି କରିବା ନେଇ ସହଯୋଗିତା କରିଥିବାରୁ ଆମେ ଉଲ୍ଲସିତ । ଶିଳ୍ପରେ ରୂପାନ୍ତରଣ ଆଣିବା ପାଇଁ ଏହା ଓପନଏଆଇ ଓ ଟିସିଏସ ପାଇଁ ଏକ ସ୍ୱତନ୍ତ୍ର ସୁଯୋଗ । ମିଳିତ ଭାବେ ଆମେ ଭାରତର ଯୁବପିଢ଼ିଙ୍କୁ ତାଲିମ ଦେବୁ ଓ ଏଆଇ ଯୁଗରେ ସଫଳ ହେବାକୁ ସେମାନଙ୍କୁ ସଶକ୍ତ କରିବୁ ।

## ଆତ୍ମସମର୍ପଣ କଲେ ୩୭ ଶିକାରୀ

**ବାରିପଦା: ଏକ୍ସପ୍ରେସ ନ୍ୟୁଜ୍**

କ୍ୟାମେରାରେ ଧରାପଡିଲେ ଶିକାରୀ । ଜଣେ କି ଦୁଇ ଜଣ ୩୯ ଜଣ ଶିକାରୀଙ୍କୁ ଧରିଛି ଜଙ୍ଗଲରେ ଲାଗିଥିବା ଏଆଇ କ୍ୟାମେରା । ଶିମିଳିପାଳ ଜାତୀୟ ଅଭୟାରଣ୍ୟ ଭିତରକୁ ଗୁରୁବାର ରାତିରେ ସଶସ୍ତ୍ର ଶିକାରୀ ଦଳ ପ୍ରବେଶ କରୁଥିବା ବେଳେ ବନ ବିଭାଗର ଏଆଇ କ୍ୟାମେରା ସେମାନଙ୍କ ଗତିବିଧି କଏଦ ହୋଇଥିଲା । ରିଅଲ୍ ଟାଇମ୍ ଆଲର୍ଟ ପାଇଁ ବନ କର୍ମଚାରୀମାନେ ୨୪ ଘଣ୍ଟିଆ ସଂଯୁକ୍ତ ଅଭିଯାନ ଚାଲାଇଥିଲେ । ଶିମିଳିପାଳ ସାଉଥ୍ ଡିଭିଜନ କର୍ମଚାରୀଙ୍କ ନେତୃତ୍ୱରେ ଚାଲିଥିବା କମ୍ବିଙ୍ଗ୍ ଅଭିଯାନରେ ୩୯ ଜଣ ଶିକାରୀ ଆତ୍ମସମର୍ପଣ କରିଛନ୍ତି । ସେମାନଙ୍କ ଠାରୁ ୯ଟି ବନ୍ଧୁକ, ବିପୁଳ ପରିମାଣର ଗନ୍ ପାଉଡର, ୨୦ରୁ ଅଧିକ ଧନୁ, ବାଣ ଓ ଅନ୍ୟାନ୍ୟ ଘାତକ ଅସ୍ତ୍ର ଜବତ କରାଯାଇଛି ।

ଶିକାରୀମାନେ ଉଦଳା ଥାନା ଅଧୀନସ୍ଥ ଅମ୍ବିକାଦେଇପୁର, ମହାଲିସାହି, ଲୁକୁଇଡା, ମଟକମଟଲା, ଜିତୁସାହି, ଖଲାଡି ଓ ଲଙ୍ଗାଡି ଗ୍ରାମର ବୋଲି ପ୍ରାଥମିକ ତଦନ୍ତରେ ଜଣାପଡ଼ିଛି । ଜେନାବିଲ୍ ୱାଇଲ୍ଡଲାଇଫ୍ ରେଞ୍ଜରେ ମାମଲା ରୁଜୁ ହୋଇଥିବା ବେଳେ ଅଧିକ ତଦନ୍ତ ଜାରି ରହିଛି । ଅସ୍ତ୍ର ଆଇନ ଉଲ୍ଲଂଘନ ଅଭିଯୋଗ ନେଇ ଥାନାରେ ମାମଲା ରୁଜୁ ହୋଇଥିବା ନେଇ ସୂଚନା ମିଳିଛି । ୩ଟି ରେଞ୍ଜର କର୍ମଚାରୀ ସହ ୩ ଦଳ ସଶସ୍ତ୍ର ସ୍ୱତନ୍ତ୍ର ବାଘ ସୁରକ୍ଷା ବାହିନୀ (ଏସ୍‌ଟିପିଏଫ୍) ଏହି ଅଭିଯାନରେ ସାମିଲ ହୋଇଥିଲେ । ରିଆଲ୍ ଟାଇମ୍ ଡିଟେକ୍ସନ୍, ସକ୍ରିୟ ଗୁପ୍ତ ସୂଚନା ଓ ସମୟୋଚିତ କାର୍ଯ୍ୟାନୁଷ୍ଠାନ ଫଳରେ ଶିକାରୀମାନେ ଆତ୍ମସମର୍ପଣ କରିଥିବା ସୂଚନା ଦିଆଯାଇଛି ।





## ସିନେମାଫିନେମା ଟିଭିଫିବି

### ୧୧ରେ କ୍ରିତିକା-ଗୌରବଙ୍କ ବିବାହ

ଅଭିନେତା କ୍ରିତିକା କାମରା ଏବଂ ଗୌରବ କପୁର ମାର୍ଚ୍ଚ ୧୧ ତାରିଖରେ ମୁମ୍ବାଇରେ ଟେଲିଭିଜନ ଉପସ୍ଥାପକଙ୍କ ବାସଭବନରେ ଏକ ଅନ୍ତରଙ୍ଗ ସାଇନ୍ ଇନ୍ ଉତ୍ସବରେ ସେମାନଙ୍କର ମିଳନକୁ ଆନୁଷ୍ଠାନିକ କରିବେ । ଦମ୍ପତି ନିକଟ ପରିବାରର ଉପସ୍ଥିତିରେ ପ୍ରତିଜ୍ଞା ଆଦାନପ୍ରଦାନ କରିବେ, ତା'ପରେ ପରିବାର ଏବଂ ନିକଟତମ ବନ୍ଧୁମାନଙ୍କ ସହିତ ଏକ ବ୍ୟକ୍ତିଗତ ଉତ୍ସବ ପାଳନ କରିବେ । ଦମ୍ପତିଙ୍କ ନିକଟତର ଏକ ସୂତ୍ର କହିଛି, କ୍ରିତିକା ଏବଂ ଗୌରବ ଚାହୁଁଥିଲେ ଯେ ସେମାନଙ୍କର ବିବାହ ଅସାଧାରଣ ନୁହେଁ ବରଂ ପ୍ରକୃତ ଏବଂ ବ୍ୟକ୍ତିଗତ ଅନୁଭବ ହେଉ । ଯଦିଓ ସେମାନେ ପରମ୍ପରାକୁ ଗଭୀର ଭାବରେ ମୂଲ୍ୟ ଦିଅନ୍ତି, ସେମାନେ ମଧ୍ୟ ଚାହୁଁଥିଲେ ଯେ ଏହି ଉତ୍ସବଗୁଡ଼ିକ ସେମାନଙ୍କ ପ୍ରେମକୁ ପ୍ରତିଫଳିତ କରୁ ଯେଉଁମାନେ ସେମାନଙ୍କ ପାଇଁ ପ୍ରକୃତରେ ଗୁରୁତ୍ୱପୂର୍ଣ୍ଣ । ୧୨ତମ ପାର୍ଟି ମୁମ୍ବାଇରେ ଏକ ମହାନ ଚିନ୍ତାଧାରା ସହିତ ଯୋଜନା କରାଯାଉଛି ଯାହା କାଳଜୟୀ ସୌନ୍ଦର୍ଯ୍ୟ ଏବଂ ଅର୍ଥପୂର୍ଣ୍ଣ ସମାବେଶ ପାଇଁ ସେମାନଙ୍କର ସହଭାଗୀ ପ୍ରେମକୁ ସୁନ୍ଦର ଭାବରେ କଏଦ କରେ । କ୍ରିତିକା ଏବଂ ଗୌରବ ମାର୍ଚ୍ଚ ମାସରେ ସେମାନଙ୍କର ବିବାହ ଉତ୍ସବରେ ସମ୍ପୂର୍ଣ୍ଣ ଭାବରେ ବୁଡ଼ି ରହିବା ପାଇଁ ସେମାନଙ୍କର ବୃତ୍ତିଗତ ପ୍ରତିବଦ୍ଧତାକୁ ଶେଷ କରୁଛନ୍ତି ।

ଏହି ଦମ୍ପତିଙ୍କ ନିକଟତର ଏକ ସୂତ୍ର ପୂର୍ବରୁ ସେୟାର କରିଥିଲା, 'କ୍ରିତିକା ଏବଂ ଗୌରବ ଉଭୟ ସେମାନଙ୍କ କାମ ପ୍ରତି ଅତ୍ୟନ୍ତ ସମର୍ପିତ, ତେଣୁ ସେମାନଙ୍କ ବିବାହ ପ୍ରତି ସମ୍ପୂର୍ଣ୍ଣ ଧ୍ୟାନ ଦେବା ପୂର୍ବରୁ ସମସ୍ତ ପୂର୍ବ ପ୍ରତିଶ୍ରୁତିକୁ ଦାୟିତ୍ୱପୂର୍ଣ୍ଣ ଭାବରେ ସମାପ୍ତ କରିବା ସେମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା । ସେମାନେ ଏହି ବିଶେଷ ସମୟ ଅତିକ୍ରମ କରିବାକୁ ଚାହାଁନ୍ତି ନାହିଁ ।

କ୍ରିତିକା, ଯିଏ ସମ୍ପ୍ରତି ଏକ ସ୍ୱାଧୀନ ଧାରା ଚଳଚ୍ଚିତ୍ର ପାଇଁ ସୁଟିଂ ଆରମ୍ଭ କରିଥିଲେ, ତାଙ୍କର କାର୍ଯ୍ୟସୂଚୀକୁ ସୁରୁଖୁରୁରେ ସମାପ୍ତ କରିବାକୁ ପ୍ରତିବଦ୍ଧ । ଆରମ୍ଭରୁ ଶେଷ କାର୍ଯ୍ୟସୂଚୀରେ ସୁଟିଂ ହୋଇଥିବା ଏହି ପ୍ରକଳ୍ପ ମାର୍ଚ୍ଚ ପ୍ରଥମ ସପ୍ତାହ ସୁଦ୍ଧା ଶେଷ ହେବ ବୋଲି ଆଶା କରାଯାଉଛି । ଅଭିନେତ୍ରୀ ଏକକାଳୀନ ବ୍ୟକ୍ତିଗତ କାର୍ଯ୍ୟ ସମନ୍ୱୟ ସହିତ ଦୀର୍ଘ ସୁଟିଂ ଘଣ୍ଟା ସନ୍ତୁଳନ କରୁଛନ୍ତି ।

ଅନ୍ୟପକ୍ଷରେ, ଗୌରବ ଚଳିତ ବିଶ୍ୱକପ୍ ପାଇଁ ତାଙ୍କର ହୋଷ୍ଟିଂ ପ୍ରତିବଦ୍ଧତା ସହିତ ଏକ ଭରପୂର କାର୍ଯ୍ୟସୂଚୀକୁ ମେଣ୍ଟାଉଛନ୍ତି । ମାର୍ଚ୍ଚ ଉତ୍ସବ ପରେ, ଗୌରବ କାର୍ଯ୍ୟ ପ୍ରତିବଦ୍ଧତା ପୁଣି ଥରେ ଆରମ୍ଭ କରିବେ ବୋଲି ଆଶା କରାଯାଉଛି ।

'କଳ୍ପନା ହେଉଛି ସୁଟିଂ, ସ୍କ୍ରିପ୍ଟ କିମ୍ବା କାର୍ଯ୍ୟସୂଚୀ ବିଷୟରେ ଚିନ୍ତା ନକରି ସମ୍ପୂର୍ଣ୍ଣ ଉପସ୍ଥିତ ରହିବା । ମାର୍ଚ୍ଚ ଆରମ୍ଭ ହେବା ପରେ, ସେମାନେ ସମ୍ପୂର୍ଣ୍ଣ ବର-କନ୍ୟା ମୋଡ୍‌କୁ ସ୍ୱିଚ୍ କରିବା ଏବଂ ପରିବାର ଏବଂ ନିକଟତମ ବନ୍ଧୁମାନଙ୍କ ସହିତ ପ୍ରତ୍ୟେକ ମୁହୂର୍ତ୍ତ ଉପଭୋଗ କରିବାକୁ ଯୋଜନା କରୁଛନ୍ତି ।

## ସରକାରୀ ଯୋଜନାରେ ବ୍ୟାପକ ଅନିୟମିତତା

**ଗୋପ: ଏକ୍ସପ୍ରେସ ନ୍ୟୁଜ୍**

ପୁରୀ ଜିଲ୍ଲାର ଗୋପ ବ୍ଲକର ଅଧିକାଂଶ ଅଞ୍ଚଳରେ ସରକାରୀ ଯୋଜନାରେ ବ୍ୟାପକ ପରିମାଣରେ ଅନିୟମିତତା ସାଙ୍ଗକୁ ନିର୍ମାଣଧିନ ପ୍ରକଳ୍ପ ଗୁଡିକ ଅତ୍ୟନ୍ତ ନିମ୍ନମାନ ହେଉଥିବାର ଅଭିଯୋଗ । ଖାସ କରି ଗୋପ ପଞ୍ଚାୟତ ସମିତି ଦ୍ୱାରା ହେଉଥିବା ଉର୍ଣ୍ଣତି ମୂଳକ କାର୍ଯ୍ୟ ଓ ଜଳସମ୍ପଦ ବିଭାଗ, ଅଧୀନରେ ହେଉଥିବା କାର୍ଯ୍ୟରେ ବିଭାଗୀୟରେ ବ୍ୟାପକ ପରିମାଣରେ ଅନିୟମିତତା ହେଉଥିବା ନେଇ ସାଧାରଣ ଚର୍ଚ୍ଚ ହେଉଛି । ପୂର୍ତ୍ତବିଭାଗ ଦ୍ୱାରା ନିର୍ମାଣ ହେଉଥିବା ରାସ୍ତାଘାଟ ଆଦି କାର୍ଯ୍ୟ କଥା ନ କହିଲେ ଭଲ । ଗତ ମାସ ୫ ତାରିଖରେ ଗୋପର ଉଭୟ ପାର୍ଶ୍ୱରେ ଥିବା ସରକାରୀ ଜମିରୁ ଜବରଦଖଲକାରୀଙ୍କୁ ଉଚ୍ଛେଦ ପ୍ରକ୍ରିୟା ଅଭିଯାନ ଆରମ୍ଭ ହୋଇଥିଲା । ତତସହିତ ରାସ୍ତା କଡ଼ରେ ଥିବା ଶହେ ବର୍ଷରୁ ଊର୍ଦ୍ଧ୍ୱ ବିରାଟକାୟ ଚାକୁଣ୍ଡା ବୃକ୍ଷକୁ ଲୁକାୟତ ଭାବେ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ଶାଗ ମାଛ ଦରରେ ବିକ୍ରି କରାଯାଇଛି । ସରକାରୀ ନିୟମ ମୁତାବକ ଯଦି କୌଣସି ବସ୍ତୁ ବା ଦ୍ରବ୍ୟ ଅବା ସାମଗ୍ରୀକୁ ବିକ୍ରୀୟ କରାଯାଏ ତା'ପୂର୍ବରୁ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ଯେକୌଣସି ମଧ୍ୟମରେ ଉଚିତ କରାଯିବାକଥା, କିନ୍ତୁ ଗୋପରେ ତାହା ପରିଲକ୍ଷିତ ହେଲାନାହିଁ । ଯାହାଫଳରେ କି ଲକ୍ଷାଧିକ ଟଙ୍କା ମୂଲ୍ୟର ମୂଲ୍ୟବାନ ପୁରୁଣା ଚାକୁଣ୍ଡା ବୃକ୍ଷ କାଟିନେଲେ । ତାହା ପୁଣି ସ୍ଥାନୀୟ ପୋଲିସ ଓ ଆରଆଇ ଏବଂ ଅନ୍ୟନ୍ୟ ଅଧିକାରୀ ଓ ଅଧିକାରିଣୀଙ୍କ ଉପସ୍ଥିତ ଥିବା ସମୟରେ । ଏହା ଭିତରେ ଏକ ମାସ ବିତିଯାଇଥିଲେ ବି ଅପର ପାର୍ଶ୍ୱରେ ସରକାରୀ ଜମିକୁ ନିଜ ଅକ୍ତିୟାରରେ ରାକଗଇଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ସ୍ଥାନୀୟ ପ୍ରଶାସନ ନୀରବତା ଅବଲମ୍ବନ ଗ୍ରହଣ କରିବା ପଛରେ କ'ଣ ରହସ୍ୟ ଥାଇପାରେ । ପୂର୍ବରୁ ମାଟି ଚୋରାଚାଲାଣ ନେଇ ଖବର ପ୍ରସାରଣ ପରେ ଜିଲ୍ଲା ଖଣି ବିଭାଗ ପକ୍ଷରୁ ୨ ଦିନ ଧର ଅତର୍କିତ ଭାବେ ନିମାପଡା ଠାରୁ ଗୋପ ପର୍ଯ୍ୟନ୍ତ ଚଢାଉ କରିଥିଲେ । ତାର କିଛି ଦିନ ବିତିଗଲାପରେ ପୁନଃ ବାଲି ଓ ମାଟି ମାଫିଆ ସକ୍ରିୟ ହୋଇଗଲେଣି । ଏତେ ସବୁ ଅନିୟମିତତା ଓ ଦୁର୍ନୀତି ପଛରେ ଶାସକ ଦଳର ସ୍ଥାନୀୟ କର୍ମୀଙ୍କ ହାତ ରହୁଥିବାରୁ ଏହା ସବୁ ସମ୍ଭବ ହୋଇପାରୁଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଯଦି ଏ ସବୁ ସ୍ଥାନୀୟ ବିଧାୟିକା ତଥା ରାଜ୍ୟର ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଅଜ୍ଞାତରେ ହେଉଛି ସତ କିନ୍ତୁ ଶ୍ରୀମତୀ ପରିଡାଙ୍କ ପାଖ ଲୋକ ହିଁ ଏଭଳି କାର୍ଯ୍ୟରେ ସକ୍ରିୟ ଥିବାରୁ ଶ୍ରୀମତୀ ପରିଡା ଭାବମୂର୍ତ୍ତି ଉପରେ ଆଞ୍ଚ ଆସୁଥିବା ନେଇ ଚର୍ଚ୍ଚା ହେଉଛି । ଗୋପରେ ଥିବା ସରକାରୀ ଅନୁଷ୍ଠାନର ପ୍ରମୁଖ ଅଧିକାରୀ ଓ ଅଧିକାରିଣୀ ଏବଂ ଦୁର୍ନୀତି ଗ୍ରସ୍ତ ଠିକାଦାରଙ୍କ ସମେତ ଶାସକ ଦଳର କିଛି ସ୍ଥାନୀୟ କର୍ମୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଫଳସରୂପ ଗୋପରେ ଭ୍ରଷ୍ଟାଚାର ଅନିୟମିତତା କ୍ରମଶଃ ବୃଦ୍ଧି ପାଉଥିବା ନେଇ ଚର୍ଚ୍ଚା ହେଉଛି । କୌଣସି ସରକାରୀ ପ୍ରକଳ୍ପରେ ସୂଚନା ଫଳକ ନଥିବା ଦ୍ୱାରା ଠିକାଦାର ନିଜ ଇଚ୍ଛା ମୁତାକୁ କାର୍ଯ୍ୟ କରୁଛନ୍ତି ଯାହାଫଳରେ କାର୍ଯ୍ୟର ସ୍ଥାୟିତ୍ୱକୁ ଉଠୁଛି ବଡ଼ ପ୍ରଶ୍ନ । ଏଣୁ ସାଧାରଣରେ ଦାବି ହେଉଛି କି କୋଟି କୋଟି ଟଙ୍କାର ରାଜସ୍ୱ ହରଥିବା ଅଞ୍ଚଳ ପ୍ରତି ବିଭାଗୀୟ ମନ୍ତ୍ରୀ ତୁରନ୍ତ ଦୃଷ୍ଟି ଦେଇ ବିହିତ ପଦକ୍ଷେପ ଗ୍ରହଣ କରାଯାଉ ।

# ପାନୀୟଜଳ ପାଇଁ ସାଇବେର୍ଣ୍ଣି ଗ୍ରାମବାସୀ ହନ୍ତସନ୍ତ

**୨୦।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଗ୍ରାମାଞ୍ଚଳରେ ଘରକୁ ଘର ପାଇପ ଯୋଗେ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦେବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ଥିବା ବେଳେ ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ ମୋଚିବାହାଳ ଗ୍ରାମ ପଞ୍ଚାୟତ ଅଧୀନ ସାଇବେର୍ଣ୍ଣି ଗ୍ରାମର ସ୍କୁଲପଡା ବାସୀଙ୍କ ପକ୍ଷେ ଏହା ସାତ ସପନ ପାଲଟିଥିବା ସ୍ପଷ୍ଟ ବାରି ହୋଇ ପଡିଛି । ବୃହତ ପାନୀୟଜଳ ପ୍ରକଳ୍ପ ଦାୟିତ୍ୱରେ ଥିବା ଠିକା ସଂସ୍ଥା ଗାଁ ଭିତରେ କେଉଁଠି ଖାଲି ଟ୍ୟାବ ବିହିନ ଷ୍ଟାଣ୍ଡ ପୋଷ୍ଟଗୁଡିକ ଛିଡା କରି ରଖିଛି ତ କେଉଁଠି ଖାଲି ପାଇପ୍ ପକେଇ ଛାଡି ଦେଇଥିବା



ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଦୀର୍ଘ ଦିନ ହେଲା କାର୍ଯ୍ୟର କୌଣସି ଅଗ୍ରଗତି ହୋଇନାହିଁ । ସାଇବେର୍ଣ୍ଣି ଗ୍ରାମ ଭିତରେ ଜଳଯୋଗାଣ କରାଯାଉଛି, ହେଲେ ଏହି ସ୍କୁଲପଡାକୁ ଆଜିଯାଏ ପାଣି ପହଞ୍ଚି ପାରିନାହିଁ । ଯାହାକୁ ନେଇ ଦାୟିତ୍ୱରେ ଥିବା ଜଳଯୋଗାଣ ବିଭାଗ ଓ ଠିକା ସଂସ୍ଥାର ପାରିବାପଣିଆ ପ୍ରତି ଅନେକ ପ୍ରଶ୍ନ ଉଠୁଛି । ଏଥିରୁ କେବେ ପାଇପରେ ଜଳଯୋଗାଣ ଆରମ୍ଭ କରାଯିବ, କେବେ ସାଇବେର୍ଣ୍ଣି ଗ୍ରାମର ସ୍କୁଲପଡା ବାସୀଙ୍କ ଜଳକଷ୍ଟ ଦୂର ହେବ ତାହା କାହାକୁ ଜଣାନାହିଁ । ଏଥିରେ ୩୦ ପରିବାର ବିଶିଷ୍ଟ ଏହି ପଡାର ପାଖାପାଖି ୧୦୦ ଜନସାଧାରଣଙ୍କ ଆଶା ନିରାଶାରେ ପରିଣତ ହୋଇସାରିଛି । ପୂର୍ବରୁ ଏଠାରେ ସରକାରୀ ସ୍ତରରେ ପାନୀୟଜଳ ବ୍ୟବସ୍ଥା କହିଲେ ଏହି ପଡାରେ କେବଳ ଦୁଇଟି ନଳକୂପ ସ୍ଥାପନ କରାଯାଇଛି । ତନ୍ମଧ୍ୟରୁ ଗୋଟିଏ ନଳକୂପ ଠିକ୍ ଭାବରେ କାମ କରୁଥିଲେ ବି ଲୁହା କଳଙ୍କି ମିଶା, ତେଲିଆ ଏବଂ ହଳଦିଆ ରଙ୍ଗର ଦୂଷିତ ପାଣି ବାହାରୁଛି । ଯାହାକି ପିଇବା ପାଇଁ ଆଦୌ ଉପଯୋଗୀ ନୁହେଁ । ଏଥିରେ ପଡ଼ାର ମହିଳା ମାନେ ଏକତ୍ରିତ ହୋଇ ପାନୀୟ ଜଳର ଅବ୍ୟବସ୍ଥାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ । ଦୀର୍ଘ ଦିନରୁ ପଡାବାସୀଙ୍କ ସମସ୍ୟା ସମ୍ପର୍କରେ ସ୍ଥାନୀୟ ନିର୍ବାଚିତ ଜନ ପ୍ରତିନିଧି ଓ ପ୍ରଶାସନର ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଅବଗତ କରୁଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କେହି ଏଥିପ୍ରତି ଧ୍ୟାନ ଦେଉ ନାହାଁନ୍ତି ବୋଲି ଗ୍ରାମ ପଡାବାସୀ ପ୍ରତିକ୍ରିୟା ପ୍ରକାଶ କହିଥିଲେ । ସେପଟେ ରେଢ଼ାଖୋଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜେନ୍ଦ୍ର ନାରାୟଣ ସେନାପତି କହିଛନ୍ତି ଯେ ଖୁବଶୀଘ୍ର ସାଇବେର୍ଣ୍ଣି ଗାଁର ଏହି ପଡାକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା ସହ ଗ୍ରାମ୍ୟ ଜଳଯୋଗାଣ ବିଭାଗର ସହକାରୀ ଯନ୍ତ୍ରୀ, ମୋଚିବାହାଳ ସରପଞ୍ଚ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା କରି ଯଥାଶୀଘ୍ର ଗ୍ରାମରେ ପାନୀୟଜଳ ପ୍ରକଳ୍ପରୁ ଜଳଯୋଗାଣ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରାଯିବ । ତତ୍ ସହିତ ଆବଶ୍ୟକ ସ୍ଥଳେ ଟ୍ୟାଙ୍କର କିମ୍ବା ନୂତନ ନଳକୂପ ଖୋଳାଯାଇ ଗ୍ରାମବାସୀଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦିଆଯିବ ବୋଲି ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ।

## ଆଜିର ରାଶିଫଳ

| ତାରିଖ | ଶନିବାର– ଚତୁର୍ଥୀ |
|---|---|
| ୨୧.୨.୨୦୨୬ | ନକ୍ଷତ୍ର– ରେବତୀ, ମୀନଚନ୍ଦ୍ର |

| | | |
|---|---|---|
| ମେଷ | : | ପୂର୍ବର କିଛି କଥାକୁ ନେଇ ମନସ୍ତାପ କରିବେ । |
| ବୃଷ | : | କର୍ମକ୍ଷେତ୍ରରେ ପଦୋନ୍ନତି ପାଇବେ । |
| ମିଥୁନ | : | ଶତ୍ରୁରେ ବିଜୟଲାଭ କରିବେ । |
| କର୍କଟ | : | ବନ୍ଧୁଙ୍କ ସାହାଯ୍ୟ ପାଇବେ । |
| ସିଂହ | : | ଯାନବାହନରେ ଆଘାତ ପାଇପାରନ୍ତି । |
| କନ୍ୟା | : | ଭଲ କାମ କରି ଖୁସି ହେବେ । |
| ତୁଳା | : | କର୍ମେ ଉନ୍ନତି ଦେଖାଦେବ । |
| ବିଛା | : | ଶ୍ୱାସପୀଡ଼ା କଷ୍ଟ ଦେବ । |
| ଧନୁ | : | ଦିନଟି ଅଶାନ୍ତିରେ କଟିବ । |
| ମକର | : | ଅପେକ୍ଷା କରିଥିବା କାମରେ ସଫଳତା ପାଇବେ । |
| କୁମ୍ଭ | : | ସମ୍ମାନିତ ହେବେ । |
| ମୀନ | : | ଆଭୂଷଣ ପ୍ରାପ୍ତି ହେବେ । |

# ବାର୍ଦ୍ଧକ୍ୟ ଭତ୍ତାକୁ ଚାହିଁ ବସିଛନ୍ତି ୪୩୦୦ ଆବେଦନକାରୀ

**ହିନ୍ଦୋଳ, ୨୦।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ହିନ୍ଦୋଳ ବ୍ଲକରେ ରାଜ୍ୟ ସରକାରଙ୍କ ମଧୁବାବୁ ପେନସନ ଯୋଜନା ଓ କେନ୍ଦ୍ର ସରକାରଙ୍କ ସାମାଜିକ ସୁରକ୍ଷା ଯୋଜନା ଅନ୍ତର୍ଗତ ୪୩୦୦ ଆବେଦନକାରୀ ଏବେବି ବାର୍ଦ୍ଧକ୍ୟ ଭତ୍ତା ପାଇଁ ଚାତକ ଭଳି ଚାହିଁ ରହିଛନ୍ତି । ୨୦୨୪ ମସିହା ମାର୍ଚ୍ଚ ମାସରୁ ଅଦ୍ୟାବଧି ଭତ୍ତା ଆବେଦନକାରୀଙ୍କ ପାଇଁ ସରକାରୀ ସ୍ତରରେ ଅର୍ଥ ମଞ୍ଜୁର ହେଉ ନଥିବାରୁ ସେମାନେ ଏଥିରୁ ବଞ୍ଚିତ ରହିଛନ୍ତି । ବିଶେଷ କରି ବାର୍ଦ୍ଧକ୍ୟ ଭତ୍ତା ପାଇଁ ନୂଆ ଲକ୍ଷ୍ୟ ଧାର୍ଯ୍ୟ ପୂରଣ ପାଇଁ ସରକାରୀ ସ୍ତରରେ ନିର୍ଦ୍ଦେଶ ନାମା ଜାରି ହେଉ ନଥିବାରୁ ଆଶାୟୀମାନେ ହାହତାଶ ହୋଇପଡ଼ିଛନ୍ତି । ଏଥିସହିତ ଏହି ବ୍ଲକରେ ପାଖାପାଖି ୨୦୦ ଯୋଗ୍ୟ ହିତାଧିକାରୀ ବିଧବା, ଦିବ୍ୟାଙ୍ଗ, ଅବିବାହିତ ଭତ୍ତା ପାଇବାରୁ ବଞ୍ଚିତ ରହିଥିବାର ସୂଚନା ମିଳିଛି । ଅବଶ୍ୟ ବ୍ଲକ ସ୍ତରରେ ସମୟେ ସମୟେ ଆୟୋଜିତ ହେଉଥିବା ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରମାନଙ୍କରେ କିଛି କିଛି ଯୋଗ୍ୟ ହିତାଧିକାରୀମାନଙ୍କୁ ଚିହ୍ନଟ କରା ଯାଇ ଏଥିରେ ସାମିଲ କରାଯାଉଛି । ଫଳରେ ଏହାର ସଂଖ୍ୟା ବାର୍ଦ୍ଧକ୍ୟ ଭତ୍ତା ଆଶାୟୀଙ୍କ ଠାରୁ କମ୍ ରହୁଥିବା ଜଣାଯାଉଛି । ଉଲ୍ଲେଖଯୋଗ୍ୟ ଯେ ଆମ ସମ୍ବିଧାନ ଧାରା ୪୧, ୨୦୦୭ ମସିହାରେ ଏହା ଲିପିବଧ ହେଲା ଏବଂ ବୃଦ୍ଧ, ବୃଦ୍ଧା, ବିଧବା, ବିକଳାଙ୍ଗ ଓ ଅସହାୟମାନଙ୍କୁ ଭତ୍ତା ପ୍ରଦାନ ପାଇଁ ସ୍ଥିର କରାଗଲା । ବିକଳାଙ୍ଗ ଓ ବିଧବାଙ୍କ କ୍ଷେତ୍ରରେ ବୟସର ତା'ର ତମ୍ୟ ରଖା ଗଲା ନାହ । ଜଣେ ଭିନ୍ନକ୍ଷମ ୪୦% ପ୍ରମାଣ ପତ୍ର ପାଇଥିଲେ ଭତ୍ତା ପାଇବାକୁ ହକ ଦାର୍, ୮୦% ପ୍ରତିଶତ ଭିନ୍ନକ୍ଷମ ହୋଇଥିଲେ ଭତ୍ତା ୩୫୦୦ ଟଙ୍କା ପାଇବାକୁ ସରକାର ସ୍ଥିର କଲେ, ମାତ୍ର ଏହି ବ୍ଲକରେ କେତେକ ହିତାଧିକାରୀ ୮୦ରୁ ୯୦% ପ୍ରତିଶତ ହୋଇ ବି ସେଥିରୁ ବଞ୍ଚିତ ରହି ଥିବା ଅଭିଯୋଗ ହେଉଛି । ସେହିଭଳି ବୟସ ୮୦ ବର୍ଷ ହୋଇ ଥିଲେ ୩୫୦୦ ଟଙ୍କା ଭତ୍ତା ପାଇବାକୁ ହକଦାର ବୋଲି ସରକାରୀ ନିର୍ଦ୍ଦେଶନାମା ରହିଥିଲେ ମଧ୍ୟ ଏଠାରେ ବହୁ ବୃଦ୍ଧବୃଦ୍ଧା ହିତାଧିକାରୀ ଏହି ବୟସରେ ଉପନୀତ ହୋଇ ବି ଆଜି ସୁଦ୍ଧା ୧୨୦୦ ଟଙ୍କା ଲେଖାଏଁ ମାସିକ ଭତ୍ତା ପାଉଛନ୍ତି । ଏଭଳି ଭତ୍ତା ପ୍ରଦାନରେ ଅନିୟମିତତାକୁ ଖୁବ୍ ଶୀଘ୍ର ଦୂର କରିବା ପାଇଁ ବହୁ ହିତାଧିକାରୀ ନିବେଦନ କରିଛନ୍ତି ।

## ମହିଳାଙ୍କ ଗଳିତ ମୃତଦେହ ଉଦ୍ଧାର

**ଝାରସୁଗୁଡ଼ା : ଏକ୍ସପ୍ରେସ୍ ନ୍ୟୁଜ୍**

ଝାରସୁଗୁଡ଼ା ଜିଲା ଓରିଏଣ୍ଟ ଥାନା ଅନ୍ତର୍ଗତ ସାନଯୋବ ହନୁମାନ ମନ୍ଦିରପଡ଼ାରେ ରହୁଥିବା ଜଣେ ମହିଳାଙ୍କ ଗଳିତ ମୃତଦେହ ପୋଲିସ ଜବତ କରିଛି । ମୃତକ ହେଲେ ଗୋବିନ୍ଦ ଭୋଇ(୬୧)ଙ୍କ ସ୍ତ୍ରୀ ରୁକ୍ମିଣୀ ଭୋଇ(୫୫) । ଖବର ପାଇ ବ୍ରଜରାଜନଗର ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତ । ଉକ୍ତ ପଡ଼ାର ଗୋବିନ୍ଦ ଏବଂ ତାଙ୍କ ସ୍ତ୍ରୀ ରୁକ୍ମିଣୀ ଉକ୍ତ ଘରେ ରହୁଥିଲେ । ହେଲେ ୪ଦିନ ହେଲା ଘର ଭିତର ପଟୁ କବାଟ ବନ୍ଦ ରହିଥିଲା । ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ରୁକ୍ମିଣୀଙ୍କ ଭଉଣୀ ଆସି ବାହାରପଟୁ କବାଟ ବାଡେଇଥିଲେ । ଗୋବିନ୍ଦ ଭିତର ପଟୁ ଆସି କବାଟ ଖୋଲିଥିଲେ । ସେ ଘରକୁ ଯାଇ ଦେଖିଲା ବେଳକୁ ଭଉଣୀର ମୃତଦେହ ପଡିଥିବା ଦେଖି ପୋଲିସକୁ ଖବର ଦେଇଥିଲେ । ପୋଲିସ ପହଞ୍ଚିବା ଦେଖି ଗୋବିନ୍ଦ ଚେତାଶୁନ୍ୟ ହୋଇ ପଡିଥିଲେ । ପୋଲିସ ତୁରନ୍ତ ଗୋବିନ୍ଦଙ୍କୁ ଉଦ୍ଧାର କରି ହସ୍ପିଟାଲକୁ ପଠାଯାଇଥିଲା । ଅନ୍ୟପକ୍ଷେ ରୁକ୍ମିଣୀଙ୍କ ୩ ଦିନ ତଳେ ମୃତ୍ୟୁ ଘଟିଥିବା ପୋଲିସ ପକ୍ଷରୁ ଅନୁମାନ କରାଯାଉଛି । ପୋଲିସ ମୃତଦେହ ଜବତ କରିଛ । ଅନ୍ୟପକ୍ଷେ ମହିଳାଙ୍କ ମୃତ୍ୟୁକୁ ନେଇ ସ୍ଥାନୀୟ ଲୋକେ ସନ୍ଦେହ ପ୍ରକାଶ କରିଛନ୍ତି ।

# ସରକାରୀ ଓ ଗୋଚର ଜମି ଜବରଦଖଲରେ

**ଫୁଲନଖରା, ୨୦।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ବାଲିଅନ୍ତା ତହସିଲ ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମ ପଞ୍ଚାୟତର ଜଗନ୍ନାଥପୁର ଗ୍ରାମରେ ଆଇନ ଓ ପ୍ରଶାସନକୁ ଖୋଲା ଚ୍ୟାଲେଞ୍ଜ ଦେଇ ବାଲି ମାଫିଆମାନେ ସରକାରୀ ଓ ଗୋଚର କିସମ ଜମିକୁ ଜବରଦଖଲ କରି ବିଶାଳ ପରିମାଣରେ ବାଲି ଠୁଳ କରି ବ୍ୟବସାୟ ଚଳାଉଥିବା ଅଭିଯୋଗ ସାମ୍ନାକୁ ଆସିଛି । ଗ୍ରାମବାସୀଙ୍କ ମତାନୁସାରେ, ଏହି ଅବୈଧ କାରବାର ଦିନକୁ ଦିନ ବଢ଼ୁଛି, କିନ୍ତୁ ପ୍ରଶାସନୀୟ କାର୍ଯ୍ୟାନୁଷ୍ଠାନ ଶୂନ୍ୟ । ରାଜ୍ୟରେ ସରକାରୀ ଜମିରୁ ଅବୈଧ ଦଖଲ ଉଚ୍ଛେଦ ପାଇଁ ରାଜସ୍ୱ ମନ୍ତ୍ରୀଙ୍କ ଦ୍ୱାରା ଜୋରଦାର ଅଭିଯାନ ଚାଲିଥିବା ବେଳେ ବାଲିଅନ୍ତା ତହସିଲରେ ଏଭଳି ଅଭାବନୀୟ ଓ ଆଇନ ବିରୋଧୀ କାର୍ଯ୍ୟ ଚାଲିବା ପ୍ରଶାସନର କାର୍ଯ୍ୟକ୍ଷମତାକୁ



ପ୍ରଶ୍ନଚିହ୍ନରେ ପକାଇଛି । ଏହା କେବଳ ଜମି ଦଖଲର ମାମଲା ନୁହେଁ, ଏହା ସରକାରୀ ସମ୍ପତ୍ତିର ଖୋଲା ଲୁଟ୍ । ଗୋଚର ଜମି ସାଧାରଣତଃ ଗାଈଗୋରୁମାନଙ୍କ ଚରିବା ପାଇଁ ରଖାଯାଇଥାଏ । ଏହାକୁ ଦଖଲ କରି ବାଲି ଠୁଳ କରାଯାଇବାରୁ ଗ୍ରାମବାସୀଙ୍କ ଜୀବିକା ଓ ପରିବେଶ ଉପରେ ମଧ୍ୟ ଗଭୀର ପ୍ରଭାବ ପଡୁଛି । ଏହି ଅବୈଧ ବ୍ୟବସାୟ ଫଳରେ ସରକାର ରାଜସ୍ୱ ହରାଉଛି, ଆଉ କିଛି ପ୍ରଭାବଶାଳୀ ବ୍ୟକ୍ତି ଅବୈଧ ଲାଭ କମାଉଛନ୍ତି । ସବୁଠାରୁ ଆଶ୍ଚର୍ଯ୍ୟକର କଥା ହେଲା, ଏହି ସମସ୍ତ ଅବୈଧ କାର୍ଯ୍ୟକଳାପ ସମ୍ପର୍କରେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଓ ତହସିଲ ପ୍ରଶାସନ ସଚେତନ ଥିବା ସତ୍ତ୍ୱେ କୌଣସି କଠୋର ପଦକ୍ଷେପ ନେଉନାହାନ୍ତି । ଏହି ନିରବତା ପଛରେ କୌଣସି ଗୁପ୍ତ ସମର୍ଥନ ରହିଛି କି? ଅବୈଧ ବାଲି ଠୁଳ ଓ ଚାଲାଣ ଦୀର୍ଘଦିନ ଧରି ଚାଲିଥିଲେ ମଧ୍ୟ କୌଣସି ଚଢ଼ାଉ ନାହିଁ, କୌଣସି ଜବତ ନାହିଁ, କୌଣସି ମାମଲା ନାହିଁ । ଏହା ପ୍ରମାଣ କରୁଛି କି ତହସିଲ ପ୍ରଶାସନ ପରୋକ୍ଷ ଭାବରେ ବାଲି ମାଫିଆଙ୍କୁ ସୁବିଧା ଯୋଗାଉଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ତୁରନ୍ତ ଘଟଣାସ୍ଥଳର ଯାଞ୍ଚ କରି ଜବରଦଖଲ ଉଚ୍ଛେଦ କରାଯାଉ, ଦୋଷୀଙ୍କୁ ଆଇନ ଅନୁଯାୟୀ କଠୋର ଶାସ୍ତି ଦିଆଯାଉ ଓ ଏଥିରେ ଯଦି କୌଣସି କର୍ମଚାରୀଙ୍କ ଭୂମିକା ଥାଏ, ସେମାନଙ୍କ ବିରୋଧରେ ମଧ୍ୟ କଠୋର ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସାଧାରଣରେ ଦାବି ହେଉଛି ।

## ଚୋରି ଅଭିଯୋଗରେ ଜଣେ ଗିରଫ

**ନିଆଳୀ : ଏକ୍ସପ୍ରେସ୍ ନ୍ୟୁଜ୍**

ନିଆଳୀ ଥାନା ପୋଲିସ ଗତକାଲି ଚୋରି ଅଭିଯୋଗରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ସୂଚନା ମୁତାବକ ଉକ୍ତ ଥାନା ଅଧିନସ୍ତ ନୂଆ ଗାଁ ପଞ୍ଚାୟତ ମଝି ଖଣ୍ଡ ଗ୍ରାମର ନିରଞ୍ଜନ ପୁଷ୍ଟିଙ୍କ ଘରୁ ବେଟ୍ରି, ଇନଭର୍ଟର ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ନେଇ ନିଆଳୀ ଥାନାରେ ଶ୍ରୀ ପୁଷ୍ଟି ଅଭିଯୋଗ କରିଥିଲେ । ନିଆଳି ଥାନା ପୋଲିସ ୧୦୪/୨୬ରେ ମାମଲା ରୁଜୁ କରି କଟକ ଜିଲ୍ଲା ଓଲଟପୁର ଥାନା ଅଧିନସ୍ତ ପିଙ୍ଗାପଡା ଗ୍ରାମର କୁଲୁ ଭୋଇ (୪୧)କୁ ଗିରଫ କରିଛି । ତା' ନିକଟରୁ ଚୋରି ହୋଇଥିବା ସମସ୍ତ ଜବତ କରାଯାଇଥିବା ବେଳେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ନିଆଳି ଥାନା ଆଇଆଇସି ରାଜେନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି ।

## ରାସ୍ତାକାମ ଅଧା କରି ଠିକାଦାର ଛୁ

**ମାହାଙ୍ଗା, ୨୦।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ମାହାଙ୍ଗା ବ୍ଲକ ଅନ୍ତର୍ଗତ ଗୋତରାଠାରୁ ଖନ୍ଦୋଳ ଭାୟା ଓସ୍ତପୁର ଗ୍ରାମ୍ୟ ଉନ୍ନୟନ ରାସ୍ତା ପିଚୁ କାମ ନିମ୍ନମାନର ହେବା ଓ ଏହାକ ସ୍ଥାନୀୟ ଲୋକେ ବିରୋଧ କରିବା ଫଳରେ କାର୍ଯ୍ୟ କରୁଥିବା ସଂପୃକ୍ତ ଠିକାଦାର ଅଧା କାମ କରି ଛୁ ମାରିବା ଘଟଣା ସାଧାରଣରେ ଆଲୋଚନାର ବିଷୟ ହୋଇଛି । ନିମ୍ନମାନର କାର୍ଯ୍ୟ କରି ବାରମ୍ବାର ଲୋକଙ୍କ ଦ୍ୱାରା ବିରୋଧର ସମ୍ମୁଖୀନ ହେଉଥିଲେ ମଧ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗୀୟ ଯନ୍ତ୍ରୀ ଠିକାଦାରକୁ ଘଣ୍ଟ



ଘୋଡାଇ କାମ କରୁଥିବା ସାଧାରଣରେ ଆଲୋଚନା ହୋଇଛି । ଯାହାଫଳରେ ସଂପୃକ୍ତ ଠିକାଦାର ଦିନକୁ ଦିନ ନିମ୍ନମାନର କାର୍ଯ୍ୟ କରି ବେଶ୍ ମାଲେମାଲ୍ ହେଉଥିବା ଅଭିଯୋଗ ହୋଇଛି । ଠିକାଦାର ଓ ଯନ୍ତ୍ରୀଙ୍କର ଏଭଳି କାର୍ଯ୍ୟ ପଦାରେ ପଡି ଦାଣ୍ଡରେ ଗଢ଼ୁଛି । ସଂପୃକ୍ତ ଠିକାଦାର ଯେଉଁଠି କାର୍ଯ୍ୟ କରୁଛନ୍ତି ସେଠାରେ ଜଳ ଜଳ ହୋଇ ଦୁର୍ନୀତିର ଗନ୍ଧ ବାରିହୋଇ ପଡୁଛି ।

ପ୍ରାପ୍ତ ଖବର ଅନୁଯାୟୀ ନିଶ୍ଚିନ୍ତକୋଇଲି ଗ୍ରାମ ଉନ୍ନୟନ ବିଭାଗ ଅଧିନରେ ଥିବା ଗୋତରା–ଖନ୍ଦୋଳ ଭାୟା ଓସ୍ତପୁର ରାସ୍ତାଟି ଜୈନିକ ଠିକାଦାର ପିଚୁ କାର୍ଯ୍ୟ କରୁଥିଲେ । ବିଭାଗୀୟ ଯନ୍ତ୍ରୀଙ୍କ ଅନୁପସ୍ଥିତି ଯୋଗୁ ଠିକାଦାର ମନମୁଖୀ ଭାବେ ନିମ୍ନମାନର କାର୍ଯ୍ୟ କରୁଥିବାର ଦେଖି ସ୍ଥାନୀୟ ଜନସାଧାରଣ ସେଠାରେ ପହଂଚି ହୋ ହାଲ୍ଲା କରିଥିଲେ । ପରିସ୍ଥିତି ଅଣାୟତ ହେବାରୁ ଠିକାଦାର ଜଣକ କାର୍ଯ୍ୟସ୍ଥଳ ଛାଡି ଛୁ ମାରିଥିଲେ । ଏପରିକି କାର୍ଯ୍ୟରେ ବ୍ୟବହୃତ ହେବାକୁ ଆସିଥିବା ଏକ ପିଚୁ ବୋଝେଇ ହାଇୱାକୁ ଠିକାଦାରକୁ ଫେରାଇ ନେବାକୁ ପଡିଥିଲା । ଏଠାରେ ସୂଚନା ଥାଉ କି ଉକ୍ତ ଠିକାଦାର ଜଣକ ଓଲାଶୁଣୀ ଗୁମ୍ଫା ନିକଟରେ ନିକଟସ୍ଥ ରାସ୍ତାର ପିଚୁ କାର୍ଯ୍ୟ କରୁଥିଲେ । ଗୋଟିଏ ଦିନ ପରେ ପିଚୁ ରାସ୍ତାରୁ ଉଠିଯିବା ନେଇ ସାମାଜିକ ଗଣମାଧ୍ୟମରେ ଉକ୍ତ ଅନୀୟମିତତା କାର୍ଯ୍ୟର ବେଶ୍ ପ୍ରସାରିତ ହୋଇଥିଲା । ଜୈନିକ ମହିଳା ଗ୍ରାମ୍ୟ ଉନ୍ନୟନ ବିଭାଗୀୟ ଯନ୍ତ୍ରୀ ଏକାଧିକ ବିଭାଗୀୟ ଦାୟିତ୍ୱରେ ରହିଛନ୍ତି । ଉକ୍ତ ଯନ୍ତ୍ରୀ ଜଣକ ଠିକ୍ ଭାବରେ କାର୍ଯ୍ୟ ତଦାରଖ କରିପାରୁନଥିବା ସାଧାରଣରେ ଅଭିଯୋଗ ହୋଇଛି । ସଂପୃକ୍ତ ଯନ୍ତ୍ରୀଙ୍କ ଅଧିନରେ ଯେଉଁ ରାସ୍ତାକାମ ହେଉଛି ତାହା ନିମ୍ନମାନର ବୋଲି ପୂର୍ବରୁ ବହୁବାର ଖବର ପ୍ରସାରଣ ହୋଇଆସୁଅଛି । ଏପରିକି ଖନ୍ଦୋଳ–ଉମର ରାସ୍ତା ନିମ୍ନମାନର ହୋଇଥିବା ଖବର ପ୍ରସାରଣ ପରେ ପୁନଃ ନିର୍ମାଣ କରାଯାଇଥିଲା । ଏବେ ସେହିପରି ଅବସ୍ଥା ସବୁ ରାସ୍ତାରେ ଦେଖିବାକୁ ମିଳୁଛି । ଏହାର ଏକ ଭିଜିଲାନ୍ସ ତଦନ୍ତ କରାଯାଇ ଅର୍ଦ୍ଧନିର୍ମିତ ହୋଇ ପଡିଥିବା ରାସ୍ତାକୁ ପୁନଃ ନିର୍ମାଣ ପାଇଁ ଦାବି ହେଉଛି ।

## ଫସଲ ଉଜାଡ଼ିଲା ଦନ୍ତା

**କଣାସ : ଏକ୍ସପ୍ରେସ୍ ନ୍ୟୁଜ୍**

ପ୍ରତ୍ୟେକ ବର୍ଷ ଧାନ ଫସଲ ଖାଇବା ପାଇଁ ବରୁଣେଇ ଜଙ୍ଗଲରୁ ହାତୀମାନେ କଣାସ ବ୍ଲକର ବିଭିନ୍ନ ପଞ୍ଚାୟତକୁ ଆସି ବ୍ୟାପକ ଫସଲ କ୍ଷତିଗ୍ରସ୍ତ କରିବା ସହିତ କେତେକ ଜୀବନ ନେଇଛନ୍ତି । ବରୁଣେଇ ଜଙ୍ଗଲରୁ ଏକ ହାତୀ ନିଜ ମେଳଠାରୁ ଅଲଗା ହୋଇ କଣାସ ବ୍ଲକରେ ପ୍ରବାହିତ ହେଉଥିବା ରାଜୁଆ, ମକରାନଦୀ ପାର ହୋଇ କୋଟକଣା ମୌଜାର ଧାନ ବିଲରେ ପଶି ରହିଥିବା ଦେଖିବାକୁ ମିଳିଛି ।

# ୩ଦିନ ବିତିଲା ଖାଁ ଖାଁ ଗାନ୍ଧିଶିଳ୍ପ ବଜାର

**କୋଣାର୍କ, ୨୦।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

କୋଣାର୍କ ଅର୍ବାନ ହାଟ ପରିସରରେ ଭାରତ ସରକାରଙ୍କ ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରଣାଳୟ ସହଯୋଗରେ ଅର୍କକ୍ଷେତ୍ର ବହୁମୁଖୀ ଗାନ୍ଧି ସମବାୟ ସମିତି ପକ୍ଷରୁ ଆୟୋଜିତ ହୋଇଥିବା ୭ ଦିନିକିଆ ଗାନ୍ଧୀ ଶିଳ୍ପ ବଜାର ସ୍ଥିରୀକୃତ ୧୭ ତାରିଖ ପରିବର୍ତ୍ତେ ଗୋଟିଏ ଦିନ ବିଳମ୍ବିରେ ଗତ ବୁଧବାର ୧୮ ତାରିଖରେ ମନମୁଖୀ ଏହାକୁ ଉଦ୍‌ଘାଟନ କରାଯାଇଛି । ପ୍ରଚାର ପ୍ରସାର ବିନା ଏହି ହସ୍ତଶିଳ୍ପ ବଜାର ଖୋଲି ଦିଆଯାଇଛି । ଏବେ ଏହି ଶିଳ୍ପ ବଜାର ଏକ ପ୍ରହସନରେ ପାଲଟିଥିବା ଦେଖିବାକୁ ମିଳିଛି । ଅର୍ବାନ ହାଟ ପରିସରରେ ଥିବା ସ୍ଥାୟୀ ୩୨ ଗୃହ ଓ ଅସ୍ଥାୟୀ ଭାବେ ୮ଟି ଷ୍ଟଲ ସମୁଦାୟ ୪୦ଟି ଷ୍ଟଲର ବ୍ୟବସ୍ଥା କରାଯାଇଥିଲା ବେଳେ ମାତ୍ର ନାମକୁ ମାତ୍ର ପ୍ରତି ବ୍ଲକରେ ଗୋଟିଏ ଲେଖା ଷ୍ଟଲ ଖୋଲା ଯାଇଥିବା ବେଳେ



ଅନେକ ଷ୍ଟଲ ଚାବି ପଡିରହିଥିବା ଦେଖାଯାଇଛି । ସମଗ୍ର ଗାନ୍ଧୀ ଶିଳ୍ପ ବଜାର ଖାଁ ଖାଁ ପଡିଥିବା ଦେଖାଯାଇଛି । ଏହି ଗାନ୍ଧୀ ଶିଳ୍ପ ବଜାରରେ ୪୦ ଜଣ ହସ୍ତଶିଳ୍ପ କାରୀଗର ଭାଗ ନେଇ ଷ୍ଟଲ ଖୋଲିଥିବା ମିଛ ପ୍ରଚାର ପ୍ରସାର କରାଯାଉଥିବା ଦେଖାଯାଇଛି । ସଠିକ ବ୍ୟବସ୍ଥିତ ଭାବେ ଏହି ଶିଳ୍ପ ବଜାର ବ୍ୟବସ୍ଥା ଓ ଏହାରର ପ୍ରଚାର ପ୍ରସାର କରା ନଯାଇ ନାମକୁ ମାତ୍ର ଗୋଟିଏ ଅଟୋ ପ୍ରଚାରରେ ବୁଲୁଥିବା ଜଣାପଡିଛି ।

ସୂଚନା ଥାଉକି ଭାରତ ସରକାରଙ୍କ ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରଣାଳୟ ହସ୍ତଶିଳ୍ପଗୁଡିକୁ ପ୍ରଚାର ପ୍ରସାର କରି ହସ୍ତଶିଳ୍ପ କାରୀଗରଙ୍କୁ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ସହ ଓଡିଶା ତଥା ଭାରତର ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରିବା କ୍ଷେତ୍ରରେ ଏହି ଗାନ୍ଧୀ ଶିଳ୍ପ ବଜାର ପ୍ରମୁଖ ଭୂମିକା ନେଉଥିଲା ବେଳେ କେତେକ ଭ୍ରଷ୍ଟ ବିଭାଗୀୟ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟ ପାଇଁ ଓ ଯୋଜନାବଦ୍ଧ ଭାବେ କେନ୍ଦ୍ର ସରକାରଙ୍କ ଅର୍ଥ ଅନୁଦାନକୁ ହଡପ କରିବା ଉଦେଶ୍ୟରେ ଏପରି ଗାନ୍ଧୀ ଶିଳ୍ପ ବଜାର କରି ଲୋକହାସ୍ୟପଦର କାରଣ ପାଲଟିଛି । କୌଣସି ଉଚ୍ଚମାନର ହସ୍ତଶିଳ୍ପ ସାମଗ୍ରୀ ଏହି ବଜାର ମଧ୍ୟରେ ପ୍ରଦର୍ଶିତ ହେଉ ନଥିବା ସ୍ଥାନୀୟ ଲୋକ ସହ କେତେକ ପର୍ଯ୍ୟଟକ କ୍ଷୋଭ ପ୍ରକାଶ କରି କହୁଥିବା ଦେଖିବାକୁ ମିଳିଛି ।

ତୁରନ୍ତ ଭାରତ ସରକାରଙ୍କ ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରଣାଳୟର ଉଚ୍ଚ ଅଧିକାରୀମାନେ ଏ ଦିଗରେ ଦୃଢ଼ ପଦକ୍ଷେପ ନେଇ ସରକାରୀ ଅନୁଦାନ ରାଶିକୁ ହଡପ କରିବାରେ ରୋକ ଲଗାଇବା ସହ ଏହି ଗାନ୍ଧୀ ଶିଳ୍ପ ବଜାରର ମାନ ରକ୍ଷା କରିବା ପାଇଁ ଦକ୍ଷତା ଓ କ୍ଷମତା ଥିବା ସମବାୟ ସମିତିଗୁଡିକୁ ସଠିକ ଯାଞ୍ଚ ଓ ତଦାରଖ କରି ଏହି ଶିଳ୍ପ ବଜାର ଖୋଲିବାକୁ ଅନୁମତି ପ୍ରଦାନ କରିବାକୁ ସାଧାରଣରେ ଦାବି ହୋଇଛି ।

## ଖବର ପ୍ରକାଶ ପରେ ଚେତିଲା ଏନ୍‌ଏସି ପ୍ରଶାସନ
## ବିପଜ୍ଜନକ ଭଙ୍ଗା କଭର ପ୍ଲେଟକୁ ସଜାଡିଲା

**ବୁଗୁଡ଼ା, ୨୦।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ବୁଗୁଡ଼ା ଏନଏସିର ୱାର୍ଡ ନଂ–୭ ଅନ୍ତର୍ଗତ ମଦନ ମୋହନ ଛକଠାରୁ ପୋଲସରା ଅଭିମୁଖେ ଲମ୍ବିଥିବା ସଡକର ମଝିରେ ଡ୍ରେନ ଉପରେ ପଡିଥିବା ଏକ କଭର ପ୍ଲେଟ ଭାଙ୍ଗିଯାଇ ନାନାଦି ଦୁର୍ଘଟଣାର କାରଣ ପାଲଟିଥିଲା । ଦୁର୍ଘଟଣାକୁ ଏଡାଇବା ପାଇଁ ଏହାର ଅସ୍ଥାୟୀ ପ୍ରତିକାର ଭାବେ ଲୋକେ ସେହି ଭଙ୍ଗା ସ୍ଥାନରେ ଛୋଟ ଡାଳ ପୋତୁଥିଲେ । ତାହା କେତେକ ଗାଡିରେ ଟାଣିହୋଇ ସେଠାରୁ ଉଭେଇ ଯାଇ ପୁଣି ପୂର୍ବାବସ୍ଥାକୁ ଫେରିଆସୁଥିଲା । ବିଶେଷକରି



ରାତିରେ ସେହି ରାସ୍ତା ଦେଇ ଯାଉଥିବା ଯାନବାହାନ ଚାଳକ ଏହି ଦୁର୍ଘଟଣାର ସମ୍ମୁଖୀନ ହେଉଥିଲେ । ତେବେ ସ୍ଥାନୀୟ ଏନ୍‌ଏସି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆଢ଼ୁଆଳରେ ରହିଥିବା ଏହି ବିପଦଜ୍ଜନକ ଭଙ୍ଗା କଭର ପ୍ଲେଟ୍ ଯୋଗୁଁ ସୃଷ୍ଟ ସମସ୍ୟାର ସ୍ଥାୟୀ ପ୍ରତିକାର ନିମନ୍ତେ ସାଧାରଣରେ ବାରମ୍ବାର ଦାବି ସାଙ୍ଗକୁ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶନ ଏବଂ ବିଭିନ୍ନ ମହଲରୁ ପ୍ରବଳ ସମାଲୋଚନା ହେବାପରେ ପରେ ଏନ୍‌ଏସି ପ୍ରଶାସନ ଚେତିଥିଲା । ତେବେ ଏନ୍‌ଏସି ପକ୍ଷରୁ ରାସ୍ତା ମଧ୍ୟସ୍ଥ ସେହି ବିପଜ୍ଜନକ ଭଙ୍ଗା କଭର ପ୍ଲେଟ୍ ସଜାଡାଯିବା ପରେ ବିପଦ ଟଳିଥିବା ଜଣାଯାଇଛି ।

# ଢେଙ୍କାନାଳର ରୁଗ୍‌ଣ ଶିଳ୍ପ ସମୁହର ଉନ୍ନତିକରଣ କେବେ?

**ଢେଙ୍କାନାଳ, ୨୦।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ସଂପ୍ରତି ବିଜେପି ନେତୃତ୍ୱାଧୀନ ମୋହନ ମାଝୀଙ୍କ ସରକାରର ୨ବର୍ଷ ମଧ୍ୟରେ ଢେଙ୍କାନାଳବାସୀଙ୍କ ପାଇଁ ବହୁ ନୂତନ ଶିଳ୍ପ ସ୍ଥାପନାର ସୁନେଲି ସ୍ୱପ୍ନ ଦେଖାଯାଇଛି । ଏଥିମଧ୍ୟରେ ୱାରି ଓ ଆୟୋନେକ୍ସ ସୋଲାର ପ୍ରକଳ୍ପ ପ୍ରତିଷ୍ଠା, ବେଦାନ୍ତ ଆଲୁମିନିୟମ୍‌ର ସ୍ମେଲ୍‌ଟର ପ୍ରତିଷ୍ଠା, ଜିନ୍ଦଲ ଷ୍ଟିଲ୍ ପ୍ଲାଣ୍ଟ, କଲ୍ୟାଣୀ ଏରୋସ୍ପେସ୍ ଶିଳ୍ପ, କପିଳାସ ଚନ୍ଦ୍ରଶେଖର ଜୀଉଙ୍କ ପୀଠର ଅଭିନବ ଉନ୍ନତିକରଣ ଓ ସର୍ବୋପରି ମେଡିକାଲ୍ କଲେଜ୍ ପ୍ରତିଷ୍ଠା ଆଦି ପ୍ରମୁଖ ପ୍ରସଙ୍ଗ ଭାବେ ଜିଲ୍ଲାର ଉନ୍ନୟନ ସୂଚୀରେ ସ୍ଥାନ ପାଇଛି । ଏସବୁ କାର୍ଯ୍ୟକାରୀ ହେଲେ ଢେଙ୍କାନାଳର ବାସ୍ତବ ସ୍ଥିତି ବଦଳିଯିବ ଓ ଏହା ଏକ ଆଧୁନିକ ମହାନଗର ନିଗମ ଆଡକୁ ଗତି କରିବ । କିନ୍ତୁ ଏହାକୁ ଟିକିଏ ତଳେଇ ଦେଖିଲେ ଏହା ସ୍ୱପ୍ନ ବା ବାସ୍ତବ ତା'ର କଳନା ସମାଲୋଚକମାନେ କରୁଛନ୍ତି । ବହୁ ଆଡମ୍ବରରେ ଶୀଳାନ୍ୟାସ ହୋଇଥିବା ୱାରି ସୋଲାର ପ୍ରକଳ୍ପ ଆଗକୁ ଇଞ୍ଚେ



ପାଞ୍ଚ ଦଶବର୍ଷ ଧରି ଅଚଳ ହୋଇ ପଡ଼ିଥିବା ଘୁଞ୍ଚିପଟାରେ ଅମ୍ଳଜାନ ସିଲିଣ୍ଡର ପ୍ରସ୍ତୁତକାରୀ ଓଡ଼ିଶା ଏୟାର ପ୍ରଡକ୍ଟସ୍



୨୦୧୮ରୁ ମେଡିକାଲ କଲେଜ ପ୍ରତିଷ୍ଠା ଅପେକ୍ଷାରେ ଥିବା ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ

ବି ବଢ଼ିନାହିଁ । ମେଡିକାଲ କଲେଜ ପ୍ରତିଷ୍ଠା ବାବଦ ସରକାରୀ ନୋଟିଫିକେସନ୍ ଏଯାଏଁ ପ୍ରକାଶିତ ହୋଇନାହିଁ । ଅନ୍ୟ ପ୍ରକଳ୍ପଗୁଡିକର ବିଧିବଦ୍ଧ ପ୍ରତିଷ୍ଠାକୁ ଆଗ୍ରହର ସହ ସାଧାରଣରେ ଅପେକ୍ଷା କରାଯାଇଛି । କିନ୍ତୁ ଢେଙ୍କାନାଳ ନିକଟରେ ପ୍ରତିଷ୍ଠିତ ଗୋଟିଏ ବି ରୁଗ୍‌ଣ ଶିଳ୍ପ ନୂତନ ସରକାରଙ୍କ ଦ୍ୱାରା ପୁନରୁଦ୍ଧାର ହୋଇନାହିଁ । ରାଜ୍ୟର ଖ୍ୟାତନାମା ଗୋବିନ୍ଦପୁର କଳିଙ୍ଗ ସୂତାକଳ, ସିମିନଇର ବୃହତମ କଳତନ୍ତ, ଇପିଷ୍ଟିଲ୍ ରୋଲିଂ ମିଲ୍, ଅମ୍ୟାନୀ ଗୁପ୍‌ର ଝାରଗାଡିଆସ୍ଥିତ ପଲିଷ୍ଟର ଫାଇବର ଲିଃ କାରଖାନା, ପଂଚୁପଟିର ଇପିଟାଟା ରେଫ୍ରାକ୍ଟୋରିଜ୍ ଲିଃ, ଯାହାର କୋଠାବାଡି ଓ କ୍ୱାର୍ଟର ସମୂହ ଏବେ ବି ଅକ୍ଷତ ରହିଛି ଏବଂ ଅମ୍ଳଜାନ ସିଲିଣ୍ଡର ନିର୍ମାଣକାରୀ ଓଡିଶା ଏୟାର ପ୍ରଡକ୍ଟସ୍ ଲିଃ ଆଦି ଯାହା ଆଜକୁ ଦଶବର୍ଷ ହେବ ବନ୍ଦ ହୋଇରହିଛି, ଏହିଭଳି ଏକାଧିକ ଶିଳ୍ପସଂସ୍ଥା ତାଲାପଡି ଧୀରେ ଧୀରେ ଅବକ୍ଷୟ ଆଡକୁ ଗତି କରୁଛି ସିନା ଏହାର ପୁନରୁଦ୍ଧାର ଦିଗରେ କାହାର ଦୃଷ୍ଟି ପଡୁନାହିଁ । କପିଳାସ ପୀଠ ପାଦଦେଶରେ ସ୍ଥାପିତ ଶିବମୂର୍ତ୍ତି ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି । କପିଳାସ ବାଙ୍କ ରାସ୍ତାରେ ୧୨ଟି ବୁଲାଣି ଥିବା ସ୍ଥାନଗୁଡିକରେ ସୌନ୍ଦର୍ଯ୍ୟକରଣ ପ୍ରସ୍ତାବ ଆଜକୁ ୨୫ବର୍ଷ ହେବ ଶୀତଳ ଭଣ୍ଡାରରେ ରହିଛି । କପିଳାସ ସାଇନ୍ସ ସିଟି ପ୍ରତିଷ୍ଠାର ଆଉ ନାମଗନ୍ଧ ନାହିଁ । ମହାପୁରୁଷଙ୍କ ଐତିହ୍ୟ ଗ୍ରାମ ଯୋଜନାରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସାରଙ୍ଗଧର ଦାସଙ୍କ ଜନ୍ମସ୍ଥାନ ହରେକୃଷ୍ଣପୁର ସ୍ଥାନ ପାଇନାହିଁ କି କାଇମାଟି ନିକଟସ୍ଥ ଏହାର ମୁଖ୍ୟ ପ୍ରବେଶ ପଥରେ ପ୍ରସ୍ତାବିତ ତୋରଣଟିଏ ବି ଦୁଇବର୍ଷ ମଧ୍ୟରେ ପ୍ରତିଶ୍ରୁତି ସତ୍ତ୍ୱେ ଏଯାବତ ସାକାର ହୋଇନାହିଁ । ସେହିପରି ଏକ ଐତିହ୍ୟ ଗ୍ରାମ ହେଉଛି କାହୁଆ ଯେଉଁ ଗ୍ରାମର ନିବାସୀ ସଦାନନ୍ଦ ଶବର ମହିମାସ୍ୱାମୀଙ୍କୁ ବାରବର୍ଷ ଧରି ଫଳମୂଳ ଯୋଗାଇ ଆସିଥିଲା । ଏହି କାହୁଆ ତପୋବନ ପୀଠ ଯାହା ମହିମା ଧର୍ମର ଏକ୍ତୁଡିଶାଳ ଭାବେ ପରିଚିତ ସେହି ରାସ୍ତାର ପ୍ରବେଶପଥରେ ମହାରାଜା ଭଗିରଥ ଓ ସଦାନନ୍ଦ ଶବରଙ୍କ ପ୍ରତିକୃତି ସମ୍ବଳିତ ଏକ ଭବ୍ୟ ତୋରଣ ନିର୍ମାଣ ପାଇଁ ଗ୍ରାମବାସୀଙ୍କ ତରଫରୁ ବିଗତ ଜିଲ୍ଲାପାଳ ସରୋଜ ସେଠୀଙ୍କୁ ୨୦୨୧ରୁ ଏକ ସ୍ମାରକପତ୍ର ଦିଆଯାଇ ନିର୍ମାଣ ପ୍ରତିଶ୍ରୁତି ମିଳିଥିଲେ ବି ତାହା ଗତ ୫ବର୍ଷ ଭିତରେ ଏଯାବତ୍ କାର୍ଯ୍ୟକାରୀ ହୋଇପାରି ନାହିଁ । ପ୍ରଶାସନିକ ପ୍ରତିଶ୍ରୁତି ସବୁ ପାଣିର ଗାର ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଏସବୁ ପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ଢେଙ୍କାନାଳ ବିଧାୟକ ତଥା ରାଜ୍ୟ ଖାଦ୍ୟ ଓ ଯୋଗାଣ ବିଭାଗର ବରିଷ୍ଠ କ୍ୟାବିନେଟ୍ ପାହ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ବିଧାୟିକା ସୀମାରାଣୀ ନାୟକ, ସାଂସଦ ରୁଦ୍ର ନାରାୟଣ ପାଣି ଓ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ୍ ପ୍ରମୁଖଙ୍କୁ ଢେଙ୍କାନାଳ ଜିଲ୍ଲା ସକ୍ରିୟ ନାଗରିକ ପରିଷଦର ସଭାପତି ପ୍ରଦ୍ୟୁମ୍ନ ରଥ ଓ ସମ୍ପାଦକ ଅଶୋକ ନନ୍ଦଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ ସଭ୍ୟବୃନ୍ଦ ନିବେଦନ କରିଛନ୍ତି । ରୁଗ୍‌ଣ ଶିଳ୍ପଗୁଡିକର ପୁନରୁଦ୍ଧାର ହୋଇପାରିଲେ ହଜାର ହଜାର ଯୁବକଙ୍କ କର୍ମସଂସ୍ଥାନ ସମ୍ଭବ ହୋଇପାରିବ । ରାଜ୍ୟର ଯୁବ ଶିଳ୍ପମନ୍ତ୍ରୀ ସଂପଦ ସ୍ୱାଇଁ ଏଥିପ୍ରତି ଯତ୍ନବାନ୍ ହେବାକୁ ସକ୍ରିୟ ନାଗରିକ ପରିଷଦ ପକ୍ଷରୁ ଦାବୀ କରାଯାଇଛି ।

**ଆମ ଦେଶର ଶିକ୍ଷିତ ଏବଂ ଧନିକ ବର୍ଗଙ୍କ ଭୋଟ୍‌ରେ ଗଣତନ୍ତ୍ର ଶାସନ ଗଠନ ହୁଏନି । ଗାଁ ଗହଳିର ଲୋକମାନେ ହିଁ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରନ୍ତି । ତେଣୁ ମାଗଣା ବଣ୍ଟନ ସେମାନଙ୍କୁ ନିଶ୍ଚିତ ଭାବରେ ଆକର୍ଷିତ କରେ । ଯେଉଁମାନେ ମାଗଣା ଯୋଜନା ଏବଂ ଟଙ୍କା ବଦଳରେ ଭୋଟ୍ ଦିଅନ୍ତି ସେମାନେ ଯେ ସେ ପ୍ରାର୍ଥୀ ବା ଦଳର ନୀତି ନୈତିକତାକୁ ଗୁରୁତ୍ୱ ଦିଅନ୍ତି ଏକଥା କହିବା ଭୁଲ୍ ହେବ । ତେଣୁ ଭୋଟ୍ ପୂର୍ବରୁ ମାଗଣା ବଣ୍ଟନ ନିଶ୍ଚିତ ଭାବେ ଗଣତନ୍ତ୍ରକୁ ଦୁର୍ବଳ କରୁଛି । ଯେଉଁମାନେ ଦେଶର ବିକାଶ କଥା ଚିନ୍ତା ନକରି ମାଗଣା ଯୋଜନା ଘୋଷଣା କରନ୍ତି ସେଇମାନଙ୍କୁ ହିଁ ଲୋକେ ଭୋଟ୍ ଦେଇଥାନ୍ତି ।**



## ଓଡ଼ିଶା ଏକ୍ସପ୍ରେସ୍

# ଗଣତନ୍ତ୍ର ଦୁର୍ବଳ ଗରିବୀ ସବଳ

ସୁପ୍ରିମ୍‌କୋର୍ଟ ରାଜନୈତିକ ଦଳଗୁଡ଼ିକ ଦ୍ୱାରା ସେମାନଙ୍କ ନିର୍ବାଚନ ପ୍ରତିଶ୍ରୁତିର ଅଂଶ ଭାବରେ ମାଗଣା ଉପହାର ବଣ୍ଟନକୁ କଡ଼ା ସମାଲୋଚନା କରିଛନ୍ତି । ପ୍ରଧାନ ବିଚାରପତି କହିଛନ୍ତି- ଅନେକ ରାଜ୍ୟ ଋଣଭାର ଓ କ୍ଷତି ସତ୍ତ୍ୱେ ମାଗଣା ଯୋଜନାରେ ବଣ୍ଟନ କରୁଛନ୍ତି । ଯଦି ସରକାର ମଗଣା ଟଙ୍କା, ବିଦ୍ୟୁତ୍ ଏବଂ ଅନ୍ୟାନ୍ୟ ସୁବିଧା ପ୍ରଦାନ କରିବା ଜାରି ରଖନ୍ତି, ତା'ହେଲେ ଏ ଖର୍ଚ୍ଚ କିଏ ବହନ କରିବ? କୋର୍ଟ କହିଛନ୍ତି-ମାଗଣା ବଣ୍ଟନ କରିବା ଅପେକ୍ଷା ନିଯୁକ୍ତି ସୃଷ୍ଟି ଉପରେ ଅଧିକ ଧ୍ୟାନ ଦେବା ଉଚିତ୍ । ଯେଉଁମାନେ ଶିକ୍ଷା କିମ୍ବା ମୌଳିକ ଜୀବନଯାପନ ଖର୍ଚ୍ଚ ବହନ କରିପାରୁନାହାନ୍ତି ସେମାନଙ୍କୁ ସୁବିଧା ଯୋଗାଇଦେବା ରାଜ୍ୟର କର୍ତ୍ତବ୍ୟ, କିନ୍ତୁ ଯେଉଁମାନେ ଉପଭୋଗ କରୁଛନ୍ତି ସେମାନେ ପ୍ରଥମେ ମାଗଣା ବଣ୍ଟନକୁ ପକେଟରେ ପୂରାଉଛନ୍ତି ।

ଶୁଣାଣି ସମୟରେ ପ୍ରଧାନ ବିଚାରପତି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠାଇଛନ୍ତି । ସେ କହିଛନ୍ତି- ଯଦି ସକାଳୁ ସଂଜ ଯାଏଁ ସବୁକିଛି ମାଗଣାରେ ମିଳିବ ତେବେ କାମ କରିବ କିଏ? ମାଗଣା ବଣ୍ଟନ ଦେଶର ଶ୍ରମ ସଂସ୍କୃତିକୁ ନଷ୍ଟ କରୁଥିବା କୋର୍ଟ କହିଛନ୍ତି । କୋର୍ଟ ଏକଥା ମଧ୍ୟ କହିଛନ୍ତି- ଅଧିକାଂଶ ରାଜ୍ୟ ନିଜ ମୋଟ୍ ରାଜସ୍ୱର ପ୍ରାୟ ୨୫ ପ୍ରତିଶତ କେବଳ ସବ୍‌ସିଡିରେ ଖର୍ଚ୍ଚ କରୁଛନ୍ତି, ଫଳରେ ରାସ୍ତାଘାଟ, ଡାକ୍ତରଖାନା ଏବଂ ବିଦ୍ୟାଳୟ ଭଳି ଜନକଲ୍ୟାଣକାରୀ ଭିତ୍ତିଭୂମି ପାଇଁ ପାଣ୍ଠିର ଅଭାବ ଦେଖାଦେଉଛି । ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି- ଗରିବଙ୍କୁ ସାହାଯ୍ୟ କରିବା ଉଚିତ୍ କିନ୍ତୁ ସମସ୍ତଙ୍କ ପାଇଁ ମାଗଣା ସୁବିଧା କେବଳ ଏକ ରାଜନୈତିକ ଆପୋଷ ବୁଝାମଣା ନୀତି ହୋଇଗଲାଣି । ସବୁଠୁ ଗୁରୁତ୍ୱପୂର୍ଣ୍ଣ ଯେଉଁ ପ୍ରଶ୍ନଟି ସୁପ୍ରିମ୍‌କୋର୍ଟ ଉଠାଇଛନ୍ତି ତାହା ହେଲା- ବିଭିନ୍ନ ମାଗଣା ଯୋଜନା ନିର୍ବାଚନ ପୂର୍ବରୁ କାହିଁକି ଘୋଷଣା କରାଯାଉଛି?

ଗୋଟେପଟେ ସରକାର କହୁଛନ୍ତି- ଆମ ଦେଶ ବିକାଶଶୀଳ ଦେଶ ତାଲିକାରେ ସାମିଲ ହେବାକୁ ଯାଉଛି । ଆମ ଦେଶ ପ୍ରଗତି କରୁଛି, ଯଦି ବିକଶିତ ହେଲାଣି ତା'ହେଲେ ମାଗଣା ଯୋଜନା କାହିଁକି? – ଏଭଳି ପ୍ରଶ୍ନ ବୁଦ୍ଧିଜୀବୀଙ୍କ ମନକୁ ଆସୁଛି ।

ଆମ ଦେଶର ଶିକ୍ଷିତ ଏବଂ ଧନିକ ବର୍ଗଙ୍କ ଭୋଟ୍‌ରେ ଗଣତନ୍ତ୍ର ଶାସନ ଗଠନ ହୁଏନି । ଗାଁ ଗହଳିର ଲୋକମାନେ ହିଁ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରନ୍ତି । ତେଣୁ ମାଗଣା ବଣ୍ଟନ ସେମାନଙ୍କୁ ନିଶ୍ଚିତ ଭାବରେ ଆକର୍ଷିତ କରେ । ଯେଉଁମାନେ ମାଗଣା ଯୋଜନା ଏବଂ ଟଙ୍କା ବଦଳରେ ଭୋଟ୍ ଦିଅନ୍ତି ସେମାନେ ଯେ ସେ ପ୍ରାର୍ଥୀ ବା ଦଳର ନୀତି ନୈତିକତାକୁ ଗୁରୁତ୍ୱ ଦିଅନ୍ତି ଏକଥା କହିବା ଭୁଲ୍ ହେବ । ତେଣୁ ଭୋଟ୍ ପୂର୍ବରୁ ମାଗଣା ବଣ୍ଟନ ନିଶ୍ଚିତ ଭାବେ ଗଣତନ୍ତ୍ରକୁ ଦୁର୍ବଳ କରୁଛି । ଯେଉଁମାନେ ଦେଶର ବିକାଶ କଥା ଚିନ୍ତା ନକରି ମାଗଣା ଯୋଜନା ଘୋଷଣା କରନ୍ତି ସେଇମାନଙ୍କୁ ହିଁ ଲୋକେ ଭୋଟ୍ ଦେଇଥାନ୍ତି । ଯେଉଁମାନେ ଏକଥା ବୁଝି ଦଳ ବା ପ୍ରାର୍ଥୀଙ୍କୁ ନାକଚ କରନ୍ତି ସେମାନଙ୍କ ଭୋଟ୍ ସଂଖ୍ୟା ଖୁବ୍ କମ୍, ମାଗଣାରେ ପ୍ରଲୁବ୍ଧ ହେଉଥିବା ଭୋଟ୍‌ରଙ୍କ ଅପେକ୍ଷା ।

ଆମ ରାଜ୍ୟରେ ଆରମ୍ଭ ହୋଇଛି ମାଟ୍ରିକ୍ ପରୀକ୍ଷା । ପ୍ରଥମ ଦିନରେ ୧୨ହଜାର ୯୩ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବାର ଜଣାଯାଇଛି । ଏମାନଙ୍କ ଭିତରୁ ଅନେକ ଯେ ଦାଦନ ଖଟିବାକୁ ଯାଇଥିବେ ଏ ସମ୍ଭାବନା ସୃଷ୍ଟି ହୋଇଛି ପ୍ରକାଶିତ ଆଉ ଏକ ଖବରରୁ । ସେଇ ଖବରଟି ଆହୁରି ଚିନ୍ତାଜନକ- ଭୋକ ପାଇଁ ବଳିପଡ଼ିଲା ପାଠପଢ଼ା । ମାଟ୍ରିକ୍ ପରୀକ୍ଷା ନଦେଇ ଦାଦନ ଖଟିବାକୁ ଯାଇଥିବା ସୁନ୍ଦରଗଡ଼ ଜିଲ୍ଲାର ଉତ୍ତମରୋହୀ ଦାସଙ୍କ କାହାଣୀ ଖୁବ୍ ବେଦନାଦାୟକ । ବାପାଙ୍କ ମୃତ୍ୟୁ ପରେ କାନ୍ଧରେ ବହିବସ୍ତାନି ବଦଳରେ ଦାରିଦ୍ର୍ୟର ବୋଝ ଉଠାଇବାକୁ ସେ ଗୋଆ ଯାଉଥିବାରୁ ଜଣାଯାଇଛି । ଘରେ ବିଧବା ମା' ଏବଂ ସାନଭାଇ । ମା' କୁଲି ମଜୁରି କରି ଯାହା ଆଣୁଥିଲେ ସେଥିରେ ତିନିପ୍ରାଣୀ ଚଳୁଥିଲେ । ହେଲେ ଘରର ଦାରିଦ୍ର୍ୟ ଏବଂ ମା'ଙ୍କ କଷ୍ଟ ଉତ୍ତମଙ୍କୁ ଦାଦନ ଯିବାକୁ ବାଧ କରିଥିଲା ।

ପ୍ରଶ୍ନ ଉଠିପାରେ– ମାଗଣା ବଣ୍ଟନ ଗରିବ ବର୍ଗଙ୍କୁ ସ୍ୱଚ୍ଛଳ ବର୍ଗରେ ପରିଣତ କରିପାରିପାରିଛି କି? ଯେଉଁମାନେ ଦାଦନ ଖଟିବାକୁ ଯାଉଛନ୍ତି ସେମାନେ ଯେ ମାଗଣା ଯୋଜନା ପାଉନଥିବେ ଏକଥା କହିବା ଭୁଲ୍ ହେବ । ତେଣୁ ସୁପ୍ରିମ୍‌କୋର୍ଟଙ୍କ ମତ ମୁତାବକ ମାଗଣା ଯୋଜନା ବଦଳରେ ଲୋକଙ୍କୁ କିଭଳି ରୋଜଗାର ଯୋଗାଇ ଦିଆଯାଇପାରିବ ସେ ଦିଗରେ ଚିନ୍ତା କରାଯିବା ଉଚିତ୍ ।

# ବାପ-ପୁଅ

## ଅଆ-ପଣକିଆ



**ବିଜୟ ଦାସ**

ପିତା ଧର୍ମ ପିତା ସ୍ୱର୍ଗ
ପିତା ହି ପରମଂ ତପଃ,
ପିତରି ପ୍ରିତିମାପନ୍ନେ
ପ୍ରିୟନ୍ତେ ସର୍ବଦେବତା ।

ପୁତ୍ର ଧର୍ମ ପିତା, ସେ ସ୍ୱର୍ଗ ଓ ସେ ତପ ତାଙ୍କ ସେବା କଲେ, ସେ ପ୍ରିତ ହେଲେ, ଦେବତାମାନେ ମଧ୍ୟ ଆଦର କରନ୍ତି । ଏହା ତ ପୁତ୍ରର କର୍ତ୍ତବ୍ୟ । ନିଜେ ପୁତ୍ର ପିତାମାତାଙ୍କୁ ପୁତ୍ ନାମକ ନର୍କରୁ ଉଦ୍ଧାର କରେ ବୋଲି ସେ ପୁତ୍ର । ଏଥକୁ ଏହି ପୁତ୍ର ଓ ପିତାର ସମ୍ପର୍କ ଯେ ଭବ୍ୟ ଓ ଅନନ୍ତ, ଏକଥାରେ ଦ୍ୱିମତ ନାହିଁ । ଶାଶ୍ୱତ ପ୍ରେମର ଏକ ନିଦର୍ଶନ ଯେ ସମ୍ପର୍କ । ଏମିତିରେ ମାତା କଥା ଶିଖାଇଲା ବେଳେ ପିତା ଚାଲି ଶିଖାଏ । ନିଜର ଛିଣ୍ଡା ପରିଧାନକୁ ନ ବଦଳାଇ ଯିଏ ପୁତ୍ରର ପରିଧାନକୁ ବାରମ୍ବାର ନୂଆ ପରିଧାନରେ ବଦଳଉଥାଏ, ସେ ହେଉଛି ବାପା । ପୁତ୍ରର କଷ୍ଟରେ କେବେ ଲୁହ ନଗଡ଼ାଇ ଛାତିର କୋହକୁ ଚାପିରଖି କଷ୍ଟ ଲାଘବର ଉପାୟ ଖୋଜୁଥାଏ ପିତା ।

ପୁତ୍ର କିନ୍ତୁ ପିତାର ଜୋତା ଭିତରେ ବାରମ୍ବାର ପାଦଥାପି ପରଖୁଥାଏ ବୟସ । ଯେତେବେଳେ ପୁଅ ଆଗକୁ ବଢ଼ି ସମାଜରେ ପ୍ରତିଷ୍ଠିତ ହୁଏ, ବାପାର ସ୍ଥିତିଠାରୁ କାହିଁ କେତେ ଉପରେ ପ୍ରତିଷ୍ଠା ଲାଭ କରେ, ସେତେବେଳେ ସଭିଏଁ ଈର୍ଷା କଲାବେଳେ ପିତା କିନ୍ତୁ ଗର୍ବ କରେ । କେହି ଚିହ୍ନୁ କି ନ ଚିହ୍ନୁ, ହାତୀ ବନରେ ବୁଲିଲେ ରାଜାର କହି ନିନ୍ଦୁକମାନଙ୍କୁ ଜବାବ ଦିଏ । ବେଳେବେଳେ ଏମିତି ପର କଥାରେ ଲାଗେ, ଏ ପ୍ରସିଦ୍ଧି ଏ ଆସନ ତମର ଥିଲା, ଏ ସାମ୍ରାଜ୍ୟ ତମର ଥିଲା ଏବେ ମୋର ହେଲା, ତତ୍‌କ୍ଷଣାତ୍ ପିତା ମୁହଁରୁ ଅକସ୍ମାତ୍ ବାହାରେ ହଉ ହେଲା, ତୁ ତ ମୋ ପିଲା ।

ଏହି ମୋର ମୋର କହୁଥିବା ବାପଟି ସର୍ବଦା ଶୁଣିବାକୁ ପୁତ୍ରଠାରୁ ଇଚ୍ଛା କରେ ସେହି ମୋର ମୋର । କିନ୍ତୁ ଏଇଟି ଯଦି ଝଟ୍‌କା ଲାଗିଲା, ମୋର ବଦଳରେ ପର ବୋଲି ବୁଝାଗଲା ତ ସମ୍ପର୍କରେ କଳାଦାଗ ଲାଗିଗଲା । ଏଠାରେ ମାଆଟି କେବଳ ମୂକସାକ୍ଷୀ ହୋଇ ରହେ ନାହିଁ । ପ୍ରବୋଧନା ଦିଏ ବାପାକୁ, ବୁଝାଏ ପୁଅକୁ । କିନ୍ତୁ ବାପା ଚାହେଁ ନାହିଁ ପିତା-ପୁତ୍ର ଭିତରେ ଆଉ କିଏ ମଧ୍ୟସ୍ଥତା କରୁ । ଏପରିକି ନିଜ ସହଧର୍ମିଣୀ ବି ନୁହେଁ ବା ପୁତ୍ରର ମାତା ମଧ୍ୟ ନୁହେଁ । ଏଠାରେ ପୁତ୍ର ସହିତ କନ୍ୟାର କଥା କୁହାଯାଉନାହିଁ, କାରଣ ଏ ଏକ ଭିନ୍ନ ପ୍ରସଙ୍ଗ । କେବଳ ବାପରୁ ପୁଅ ଆଉ ପୁଅର ବାପ ଦୁଇଟି କଥନିକାର ଅବତାରଣା କରିବ ।

**ବାପର ପୁଅ**

ପୁରୁଷ ଓ ପ୍ରକୃତିର ମିଳନରୁ ସନ୍ତାନ ଜାତ । ତେବେ ଏଠାରେ ବାପର ପୁଅ କ'ଣ? ସରଳ ବ୍ୟାଖ୍ୟା କଲେ ବାପ କଥାରେ ପରିଚାଳିତ, ବାପର ଅତ୍ୟନ୍ତ ଗେହ୍ଲା ବା ଆଦରର, ବାପର ମାନସିକତାରେ ଅନୁଧାବିତ ପୁତ୍ରକୁ ବାପର ପୁଅ କହିବା । ଏମିତିରେ ଆଗକୁ ବାପର ନାମରେ ପରିଚିତ ହେଉଥିଲା ପୁତ୍ର, ଏବେ ସିନା ସେଥିରେ ପରିବର୍ତ୍ତନ ଆସିଛି, ପରିଚୟପତ୍ର ମାନଙ୍କରେ ପିତାଙ୍କ ନାମ ସହିତ ମାତାଙ୍କ ନାମ ମଧ୍ୟ ଲେଖାଯାଉଛି । ତଥାପି କାହା ପୁଅ କହିଲେ ଅମୁକର ପୁଅ ଅର୍ଥ ବାପର ନାଆଁ ଆସେ । କଥା କାହାଣୀ ଓ ପୋଥି ପୁରାଣରେ ବର୍ଣ୍ଣିତ ବାପାର ଅତି ନିଜର ପୁତ୍ରମାନଙ୍କ ବିଷୟରେ ତର୍ଜମା କରିବା । 'ବନସ୍ତରେ ବୁଲିଲେ ମଧ ହାତୀ ରାଜାର', ଏହାର ଅର୍ଥ ବାହାରେ ପୁତ୍ର ରହିଲେ ମଧ ପିତାର ନାମ ପ୍ରଘଟ ହେଉଥାଏ । ରାଣୀର ନୁହେଁ ବା ମାତାଙ୍କର ନୁହେଁ ।

ପ୍ରଥମେ ରାମାୟଣକୁ ଆସିବା । ରାଜା ଦଶରଥଙ୍କର ଅତିପ୍ରିୟ ଥିଲେ ଶ୍ରୀରାମ । ଅନିଚ୍ଛା ସତ୍ତ୍ୱେ ମଧ୍ୟମ ରାଣୀ କୈକେୟୀଙ୍କୁ ଦେଇଥିବା ବର ଅନୁସାରେ ସେହି ପ୍ରିୟ ପୁତ୍ର ବନବାସ ଯିବାକୁ ବାଧ ହେଲା । ଏଥକୁ ବାପର ସତ୍ୟପାଳିବାକୁ ବା ପିତୃସତ୍ୟ ପାଳିବାକୁ ଯିଏ ରାଜ୍ୟ ସୁଖ, ରାଜସିଂହାସନ ମୋହ ତ୍ୟାଗ କଲା ସେ ହିଁ ବାପର ପୁଅ । ଆଉ ପୁଅର ଏତାଦୃଶ ବିଦାୟ ପାଇଁ ଯେଉଁ ପିତା ସଂସାରରୁ ବିଦାୟ ନେଲେ ସେହି ପୁଅର ଆଦର୍ଶ ବାପ । 'ପ୍ରାଣ ଯାଉ ପଛେ ବଚନ ନଯାଉ' ସତ୍ୟ, ଧର୍ମ, ନ୍ୟାୟ ଓ ସମ୍ପର୍କର ଏକ ନୂଆ ପରିଭାଷା । କିନ୍ତୁ ମହାଭାରତକୁ ଆସିଲେ ଯଦିଓ ପିତାପୁତ୍ରର ମୋହ ସେହିପରି ଅନୁବନ୍ଧିତ କିନ୍ତୁ ସମାଜ ପାଇଁ ପ୍ରତିବନ୍ଧିତ । ଏହା ଧୃତରାଷ୍ଟ୍ର ଓ ଦୁର୍ଯ୍ୟୋଧନର ବାପ-ପୁଅ ଦୃଢ଼ବନ୍ଧନର କୁଫଳାଫଳ ସାରା ସମୟ ପାଇଁ ଏକ ଅପମାନ, ଏକ ଘୃଣା ଓ ତିରସ୍କାରର ସମ୍ପର୍କ । କଥା ପୁଣି ସେହି ସିଂହାସନର । ଏଠାରେ କଥା କିନ୍ତୁ ନିଃସ୍ୱାର୍ଥପରତାର ନୁହେଁ ବରଂ ଆତ୍ମକୈନ୍ଦ୍ରୀକ ସ୍ୱାର୍ଥର, ପୁଣି ଅନ୍ୟ କାହାର ଅଧିକାରକୁ ଅପହରଣ କରିବାର । ସେ ଅଧିକାର ଥିଲା ନିଶ୍ଚେ ଯୁଧିଷ୍ଠିରଙ୍କର, ପାଣ୍ଡବମାନଙ୍କର । ଏଠାରେ ମଧ ବାପର ପୁଅ ବୋଲି ଦୁର୍ଯ୍ୟୋଧନକୁ କହିପାରିବା । କାରଣ ନିଜ ପୁତ୍ରକୁ ସିଂହାସନ ଅନ୍ୟାୟ ଭାବେ ଟେକିଦେବାର ପ୍ରଚ୍ଛନ୍ନ ଇଚ୍ଛାକୁ, ସେହି ପୁତ୍ରର ଇଚ୍ଛାକୁ ବଳବତ୍ତର କଲା । ଏଠାରେ ଯଦି ଦୁର୍ଯ୍ୟୋଧନ ପିତାର ଇଚ୍ଛାକୁ ବିରୋଧ କରିଥାଆନ୍ତା! ଅନ୍ୟାୟ ଅସତ୍ୟ ପଥରେ ନଯାଇ ମହତ୍ତ୍ୱାକାଂକ୍ଷୀ ପିତାଙ୍କୁ ସଦ୍‌ବୁଦ୍ଧି ଦେଇଥାଆନ୍ତା! ପ୍ରକୃତରେ ଆମ୍ଭେ ତାଙ୍କୁ ବାପର ସୁଯୋଗ୍ୟ ପୁତ୍ର ବୋଲି ଗଣନା କରିଥାଆନ୍ତେ ।

ଏଠାରେ ଆମ୍ଭେ ହିରଣ୍ୟକଶିପୁ ଏବଂ ପ୍ରହ୍ଲାଦର କଥା ବଖାଣିପାରିବା । ଯେତେ ପ୍ରତିକୂଳ ପରିସ୍ଥିତି ଆସିଲେ ବି କେବେହେଲେ ପ୍ରହ୍ଲାଦ ନିଜ ପିତାର କଥାରେ ପ୍ରଭୁ ନାରାୟଣଙ୍କୁ ଭୁଲିଯାଇନି । ବିରୋଧ କରିଛି ପିତାର ଚିନ୍ତାଧାରାକୁ, ବିଷ୍ଣୁସତ୍ତାକୁ ଅପମାନ କରିବାର ମାନସିକତାକୁ । ଆମ୍ଭେ ଏଠାରେ କ'ଣ ସେ ବାପର ପୁଅ ବୋଲି କହିପାରିବା ନାହିଁ? ନିଶ୍ଚେ କହିପାରିବା । ଏଥିପାଇଁ ଯେ ପୁତ୍ର ପାଇଁ ପିତା ନିସ୍ତାର ଲଭିଲା । ନୃସିଂହ ଅବତାରି ପ୍ରଭୁ ନାରାୟଣଙ୍କ ଦ୍ୱାରା ହିରଣ୍ୟକଶିପୁ ମୁକ୍ତି ପାଇଲା । ପାପରୁ, ଅଧର୍ମରୁ ଏବଂ ଅସୁର ଜନ୍ମରୁ । ପୁତ୍ ନାମକ ନର୍କରୁ ଯିଏ ରକ୍ଷା କରେ ସେ ହିଁ ପୁତ୍ର । ଅତଏବ ଅସତ୍ ମାର୍ଗରୁ ପିତାଙ୍କୁ ଫେରେଇ ଆଣିବାକୁ ଯଦି ପୁତ୍ର ବିରୋଧ ବି କରେ ତାହା ମଧ ଗ୍ରହଣୀୟ । ସୁଯୋଗ୍ୟ ପିତାର ସୁଯୋଗ୍ୟ ପୁତ୍ର ହେଲେ ବାପର ପୁଅ ବୋଲି ସମାଜରେ ଡିଣ୍ଡିମ ବାଜେ । 'ଯାହାର ବାପ ଚଢ଼େ ଘୋଡ଼ା, ତା'ର ପୁଅ ଥୋଡ଼ା ଥୋଡ଼ା'ର ଅର୍ଥ ପିତାର ସଂସ୍କୃତି ପୁତ୍ର ପାଖକୁ ଯାଇଥାଏ । କିନ୍ତୁ ଦୁଷ୍ଟପୁତ୍ରମାନେ ପିତାମାନଙ୍କୁ ଅନେକ ନିର୍ଯ୍ୟାତନା ଓ କଷ୍ଟ ଦେଇ ସୁଯୋଗ୍ୟ ପିତାର ଅଯୋଗ୍ୟ ସନ୍ତାନ ବୋଲି ପ୍ରତିପାଦିତ କରିଛନ୍ତି ନିଜକୁ । ଇତିହାସର ଅଜାତଶତ୍ରୁର ପିତା ବିମ୍ବିସାରକୁ କଷ୍ଟଦେବା, ବନ୍ଦୀ କରିବା କି ଆଉରଙ୍ଗଜେବ ନିଜର ପିତା ଶାହାଜାହାନଙ୍କୁ ବନ୍ଦୀ କରି ରଖିବା କ'ଣ କୁଳାଙ୍ଗାର ପୁତ୍ରର ପରିଚାୟକ ନୁହେଁ । ସେତେବେଳେ ପିତା କହେ 'ବରଂ ନିଃସନ୍ତାନ ହେବା ଭଲ ।' ତା'ଛଡ଼ା ପ୍ରତିପାଳନରେ ତ୍ରୁଟି ନିଶ୍ଚେ ପୁତ୍ରକୁ ଅବାଟରେ ଚାଲିବାକୁ ପ୍ରେରଣା ଦିଏ । ସେହି ପିତା ଗର୍ବ କରେ ଯଦି ପୁତ୍ର ଦି'ପାଦ ଆଗକୁ ଯାଏ, ଆଉ ପୁତ୍ର ଯଦି ସଫଳତାର ସିଡି ଚଢ଼ି ଚିତ୍କାର କରେ ଯେ ଏସବୁ ତା' ପିତାଙ୍କର ଶିକ୍ଷା ଦୀକ୍ଷା ଯୋଗୁଁ, ସେତେବେଳେ ପିତାର ଆଖିରୁ ଝରିପଡ଼େ ଆନନ୍ଦାଶ୍ରୁ । ପିତୃତ୍ୱର ପରାକାଷ୍ଠା ବଜାୟ ରହେ, ନଚେତ୍...

**ମାଆର ପୁଅ**

ମାତୃକୈନ୍ଦ୍ରୀକ ପରିବାରରେ ସନ୍ତାନ ପରିଚୟ ଲାଭ କରେ ମାଆର ନାଆଁରୁ । ଏମିତିରେ ବାପର ଝିଅ ବେଶ୍ ଆଦରର ଏବଂ ମାଆ ପାଇଁ ପୁଅ ଆପଣାର । ଅନେକ ପରିବାରରେ ପୁଅଟିଏ ମାଆକୁ ଯେତେ ମନର କଥା କହିପାରେ, ଯେତେ ଅଳିଅର୍ଦ୍ଦଳି ମାଆ ପାଖରେ କରିଥାଏ, ସେତେ ବାପ ପାଖରେ କରିପାରେ ନାହିଁ । ଯେତେ ଯେତେ ଉଦାହରଣ ଦେଲେ ବି ମାଆର ପୁଅ କଥା କହିଲେ ଯଶୋଦା ଓ କାହ୍ନାର କଥା ଶ୍ରେଷ୍ଠ ଉଦାହରଣ ହୋଇଥାଏ । ସାରା ସଂସାର ଶ୍ରୀକୃଷ୍ଣଙ୍କୁ ଯଶୋଦାଙ୍କର ପାଳିତ ପୁତ୍ର ଜାଣିଲେ ବି କାହ୍ନାକୁ ଯଶୋଦା ମାଆର ପୁଅ ବୋଲି ନିଃସଙ୍କୋଚରେ କହେ । କାହ୍ନା ନିଜ ରକ୍ତର ନୁହେଁ ବୋଲି ଜାଣିଲା ପରେ ବି ଯଶୋଦା କ'ଣ ପୁତ୍ରକୁ ଝୁରିବା ବନ୍ଦ କରିଦେଇଛନ୍ତି? ପୁଣି ପ୍ରଭାସ ଯଜ୍ଞରେ ଦେବକୀ ଓ ଯଶୋଦାଙ୍କ ଭିତରୁ କାହ୍ନା କ'ଣ କେବଳ ଯଶୋଦାଙ୍କୁ ମାଆ ବୋଲି ସ୍ୱୀକୃତି ଦେଇନାହାନ୍ତି । ଏହା ହିଁ ପ୍ରତିସିଦ୍ଧ କରେ ସେହି କାଆର ପୁଅ ଯିଏ ଶ୍ରୀକୃଷ୍ଣ ପରି ମାନସିକତା ରଖେ ।

ଏଥକୁ ପୁଅଟି ମାଆକୁ ବେଶି ଭଲପାଏନା ମାଆଟି ପୁଅକୁ? ନିଃସନ୍ଦେହ ଦୁହେଁ ଦୁହିଁଙ୍କୁ । ଆଦରର ପ୍ରଥମ ପର୍ବ ମାଆଠାରୁ । ମାଆ କ୍ଷୀରରୁ । କଥାରେ କୁହନ୍ତି 'ମା କ୍ଷୀର ଖାଇଚୁ ଯଦି, ଲଢ଼ିବାକୁ ବାହାରିପଡ଼' । ମାଆ ପୁଅ କଥା ବଖାଣିଲେ କଥା ସରିବନି । ଆଚ୍ଛା, ମାଆର ସ୍ନେହ ମମତା ପିଲାଟା ବିଗିଡ଼ି ଯିବାର କାରଣ କି? ସମୟ ସମୟରେ ହଁ । ଦୋଷ ଦୁର୍ବଳତାକୁ ଢାଙ୍କି ପକାଇବା, ଭୁଲ୍ ଭଟ୍‌କା କଲେ ଘୋଡ଼େଇ ପକେଇବା ନିଶ୍ଚେ ପୁଅର ଦୁଷ୍ଟାମୀକୁ ବଢ଼େଇଦିଏ । ଶିଶୁ ସୁଲଭ ଚପଳତା କିନ୍ତୁ ଦୁଷ୍ଟାମୀରେ ପହଞ୍ଚିନଯାଉ । ଛୋଟ ଛୋଟ ଭୁଲ୍ ପାଇଁ ମାଆ ତାଗିଦ୍ ନକଲେ ବଡ଼ ବଡ଼ ଭୁଲ୍ କରିବାକୁ ପଛାଏ ନାହିଁ ପୁଅ । ପୁଅ ପାଇଁ ମାଆ ସବୁଠାରୁ ବିଶ୍ୱସ୍ତ । ବାପାର ଶାସ୍ତିରୁ ରକ୍ଷା ପାଇବାକୁ ମାଆର ପଣତ ଯେ କବଚ ସାଜିବ ଏକଥା ପୁଅକୁ ଜଣା । ଏଠାରେ ମାଆର ପଣତ ପଛେ ସୁରକ୍ଷା ବଳୟ ହେଉ, ହେଲେ ମାଆର ତାଗିଦ୍ ବା ଦଣ୍ଡ ମଧ ଚାଲୁ ରହୁଥାଉ ।

ମାଆ ଶବ୍ଦଟି ଏକ ଗୁରୁଦାୟିତ୍ୱ । ଧ୍ରୁବଙ୍କ ମାଆ ସୁନୀତିଙ୍କ କଥା ହେଉ କି ପ୍ରହ୍ଲାଦଙ୍କ ମାଆ କୟାଧୁଙ୍କ କଥା ହେଉ, ପୁତ୍ରଙ୍କ ଉପରେ ମାତାଙ୍କର ସୁପ୍ରଭାବ ହେତୁ ସେମାନେ ଧାର୍ମିକ ଏବଂ ସତ୍ୟପଥର ଯାତ୍ରୀ ଥିଲେ । ଯେଉଁ କ୍ଷେତ୍ରରେ ମାତାମାନେ ଅସତ୍ୟର ସାଥି, ସେଠାରେ ପୁତ୍ରମାନେ ମଧ କୁପଥଗାମୀ । ଯଦିଓ ବିଭୀଷଣଙ୍କ ପରି ପୁତ୍ର ବି ଅଛନ୍ତି ଯିଏ ମାତାଙ୍କ ଆସୁରିକ ପ୍ରବୃତ୍ତିରେ ପ୍ରବୁଦ୍ଧ ନୁହଁନ୍ତି । ସାର୍ବଜନୀ ଭାବେ ପୁଅ ପାଇଁ ମାଆ ଶବ୍ଦ ଏକ ପବିତ୍ର ଶବ୍ଦ ଏବଂ ମାଆର ବାଣୀ ତାଙ୍କ ପାଇଁ ଅକାଟ୍ୟ । ପୁତ୍ର ଭୀଷ୍ମ ଏବଂ ମାତା ଗାନ୍ଧାରୀଙ୍କ ପ୍ରସଙ୍ଗକୁ ଆସିଲେ, ପ୍ରତିକ୍ଷେତ୍ରରେ ଅବର୍ତ୍ତମାନରୁ ବର୍ତ୍ତମାନକୁ ନେଇ ଆସୁଥିଲେ ମାତା ଗଙ୍ଗାଙ୍କୁ ଭୀଷ୍ମ । ସମସ୍ୟାର ସମାଧାନ ପାଇଁ, ଦୁଃଖ ଲାଘବ ପାଇଁ ମାତାଙ୍କ ପରାମର୍ଶ ଓ ଆଶୀର୍ବାଦ ବାରମ୍ବାର ଲୋଡ଼ିଛନ୍ତି । ଗଙ୍ଗାପୁତ୍ର ଦେବବ୍ରତ ବୋଲି ଭୀଷ୍ମ ସାରା ସଂସାରରେ ବିଦିତ ।

ମାଆ ପୁଅର ସମ୍ପର୍କ ଭିତରେ ପୁତ୍ରର ଅଧର୍ମ ଚିନ୍ତାଧାରାକୁ କେବେବି ମାତା ସମର୍ଥନ କରିବା ଉଚିତ୍ ନୁହେଁ । ପୁଅ ଯେ ଠିକ୍‌ବାଟରେ ଚାଲୁ ଏବଂ ସତ୍ୟର ସାଥି ହୋଇ ସୁନାମ ଅର୍ଜନ କରୁ, ଏହାହିଁ ମାଆର ଚିନ୍ତାଧାରା ହେବା ଉଚିତ୍ । ଏଥକୁ ଗାନ୍ଧାରୀଙ୍କ ଉଦାହରଣ ଯଥେଷ୍ଟ । ନିଜ ପୁତ୍ର ଦୁର୍ଯ୍ୟୋଧନ ଏବଂ ପଣ୍ଡୁପୁତ୍ର ବା କୁନ୍ତୀପୁତ୍ର ଯୁଧିଷ୍ଠିରଙ୍କୁ ଦେଇଥିବା ଆଶୀର୍ବାଦକୁ ମନେପକାଇବା । ମହାଭାରତ ଯୁଦ୍ଧ ପୂର୍ବରୁ ନିଜ ପୁତ୍ର ଦୁର୍ଯ୍ୟୋଧନକୁ ସମର୍ଥନ ନକରି କହିଲେ, 'ଅକ୍ଷୟ ହେଉ ପୁଣ୍ୟ ଜଗତେ ଧର୍ମର ହେଉ ଜୟ' । ଏଠାରେ ଦୁର୍ଯ୍ୟୋଧନ ବୁଝିଯିବା କଥା ଯେ ମାତା ଯେତେବେଳେ ଏପରି ଆଶୀର୍ବାଦ ବଚନ କହୁଛନ୍ତି, ମୋର ଏ ଯୁଦ୍ଧରୁ ଓହରିଯିବା ଉଚିତ୍ ।

ମାଆଠାରୁ କେହି ବେଶି ମଙ୍ଗଳ ଚାହେଁ ନାହିଁ ପୁଅର । ହେଉ ପଛେ ଅପାଠୋଇ, ହେଉ ପଛେ ସରଳ, କିନ୍ତୁ ମାତାଙ୍କର ଉପଦେଶ ନିଶ୍ଚେ ସର୍ବଦା ଗ୍ରହଣୀୟ । ଏଇଥିପାଇଁ ଯେ ଯତ୍ କିଞ୍ଚିତ ଜ୍ଞାନ ଭିତରେ ମଧ କେବଳ ସେ ସେହି ନୀତିବାଣୀଗୁଡ଼ିକ ମନେରଖିଥାଏ, ଯାହା ତା'ର ପୁତ୍ରର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ସହାୟକ ହେବ । ଆଜିକାଲିର ଅତ୍ୟାଧୁନିକ ସମାଜରେ ବିବାହିତ ପୁତ୍ରମାନେ ଯେପରି ନିଜ ମାତାଙ୍କ କଥାକୁ ପାଣିର ଗାର ବୋଲି ଭାବୁଛନ୍ତି, ତାହାହିଁ ବିଚଳିତ କରୁଛି । ମାଆକୁ ପୁଅ ଯେତେ ନିର୍ଯ୍ୟାତନା ଦେଲେ ବି ମାଆ ମୁହଁରୁ ଅଭିଶାପ ବାହାରିବା ବଡ଼ କଷ୍ଟ । ନିଜ ଗର୍ଭରେ ଥିଲାବେଳେ ପୁଅର ଲାତ ସହିଥିବା ମାତାକୁ, ବଡ଼ହେଲା ପରେ ପଦାଘାତ ସଦୃଶ କଟୁବାକ୍ୟ ଏବଂ ଆଚରଣକୁ ମଧ ସହିଯାଏ । ଆଦର୍ଶ ମାତା ହେବା ସହଜାତ କିନ୍ତୁ ଆଦର୍ଶ ପୁତ୍ର ହେବା ପୁତ୍ର ଉପରେ ନିର୍ଭର କରେ । ଆଜିର ପ୍ରସଙ୍ଗରେ ହୁଏତ କନ୍ୟାମାନଙ୍କୁ ଆମ୍ଭେ ଅନୁଚାରିତ କରି ରଖିଛୁ, ଏଥିପାଇଁ ଯେ ଏହା ମଧ ଏକ ବିଶାଳ ପ୍ରସଙ୍ଗ । ତଥାପି ମାଆ ପରି ଝିଅ ହେବା ସ୍ୱାଭାବିକ କିନ୍ତୁ ମାଆ ପରି ପୁତ୍ର ହେବା ବିଚାର୍ଯ୍ୟ ।

*ଅନନ୍ତବିହାର, ଫେଜ୍-୨, ପୋଖରୀପୁଟ, ଭୁବନେଶ୍ୱର*
*ମୋ. ୯୩୪୮୮୯୩୭୫୨*

# ପଦବୀ ସ୍ଥିର ନା ବ୍ୟକ୍ତି ସ୍ଥିର

**■ ଉତ୍କଳାନନ୍ଦ ଅଜୟ କୁମାର ବେହେରା ■**

ଖମ୍ୟ ଆଲୁ ଖୋଲୁ ଖୋଲୁ ଯୋଗକୁ ଶିବଲିଙ୍ଗ ସନ୍ଧାନ ଦେଲା । ହଳ କଲାବେଳେ ଲଙ୍ଗଳ ସିଆରରେ ଲଙ୍ଗଳ ଲୁହାବାଜି ମହାଦେବ ବାହାରିଥିଲେ, ଲୋକଙ୍କୁ ଅଜଣା ସ୍ୱ ଢ଼ିଙ୍କିଶାଳର ଢ଼ିଙ୍କି ପାହାର ସହିବା ଭଳି ଏକ ପଥର ପିଣ୍ଡକୁ ପାହାର ପଡ଼ିବା ସ୍ଥଳ ଭରାଣ୍ଡିର ନିମ୍ନରେ ପୋତି କିଛି ଦିନ କାର୍ଯ୍ୟ କୁଟଣ କାର୍ଯ୍ୟ କରିବାପରେ କୌଣସି ଅସୁବିଧାରେ ପଥରକୁ ବାହାର କରିବା ପରେ ଜଣଗଲା ତାହା ଶିବଲିଙ୍ଗ ଯେତେବେଳେ ଢ଼ିଙ୍କି ପ୍ରହାରର ଲୁହସମା ଶିବଲିଙ୍ଗ ଉପରେ ଏକ ସୁଦୃଶ୍ୟ ଗର୍ତ୍ତ କରିସାରିଛି, ସହିପରି ଭାବରେ ପାଣ୍ଡିତଗଣଙ୍କ ସହମତରେ ପ୍ରତିଷ୍ଠା କରାଯାଇଛି । ପ୍ରତିଷ୍ଠିତ ଲିଙ୍ଗରେ ଢ଼ିଙ୍କି ପାହାର ଚିହ୍ନର ଏବେ ବି ରହିଛି । କୁହାଯାଏ ଏକମତ ନିର୍ଯ୍ୟାସର ସ୍ୱୀକାରକୁ ସାଧାରଣ ଜନତା ସେ ପଥର ଖଣ୍ଡକୁ ପୂଜା କରୁଛନ୍ତି । କୁହାଯାଏ ଯେତେ ପଥର ସେତେ ଶଙ୍କର । ଏହା ନର୍ମଦା ନଦୀର ବାଲିଗରଡ଼ା, ଯାହା ନର୍ମଦେଶ୍ୱର ଶିବଲିଙ୍ଗ ରୂପେ ଭକ୍ତ ମାନଙ୍କର ଗଣ୍ଠି ଧନ। କାହିଁ ଆବାହମାନ କାଳରୁ ଏହି ବାଲିଗରଡ଼ା ଉପଲବ୍ଧ ହୋଇ ଆସୁଛି, ଲୋକେ ପବିତ୍ର ମନରେ ଦେବଅଙ୍ଗ ବୋଲି ସଂଗ୍ରହ କରି ପୂଜା କରୁଛନ୍ତି ଏରି ନେପାଳର ଗଣ୍ଡୁକୀ ନଦୀର ଶିଳା ଖଣ୍ଡ ବିଷ୍ଣୁଶିଳା ଶାଳଗ୍ରାମ ବିଷ୍ଣୁ ଉପାସକ ମାନଙ୍କର ଗଣ୍ଠିଧନ, ଶାଳଗ୍ରାମ ପରିଚିତ ଚକ୍ର ଚିହ୍ନରୁ ବିଷ୍ଣୁଙ୍କର ଭିନ୍ନ ଭିନ୍ନ ରୂପର ନାମରେ ଗ୍ରହଣ କରାଯାଏ। ଗୋମତୀ ନଦୀ ଦ୍ୱାରକା ଧାମର ଦ୍ୱାରକାଧୀଶ ମନ୍ଦିର ପାଖ ଏଥିରେ ମିଳୁଥିବା ଗୋମତୀ ଚକ୍ର ଏମିତି ପବିତ୍ର ଦ୍ରବ୍ୟ । ମାନବ ଅସ୍ଥି ମନ୍ଦିର ମନା ମାତ୍ର ସାମୁଦ୍ରିକ ଜୀବ ଶଙ୍ଖର ମୃତ ଅଙ୍ଗ ସବୁ ମନ୍ଦିରରେ ପୂଜାରେ ରହୁଛି । ବାଦ୍ୟରେ ଏକ ବିଶେଷ ମଙ୍ଗଳନାଦ ମାନ୍ୟତା ପାଉଛି। କେହି ମନ୍ଦିରକୁ ଜୋତା ଚପଲ କମାରପଟି ଆଉ ଚମଡ଼ା ବଟୁଆ ଟଙ୍କା ମୁଣି ନେଇଯିବାଶକ୍ତ ମନା ମାତ୍ର ମନ୍ଦିରରେ ବାଜୁଥିବା ମୃଦଙ୍ଗ, ସକାଳେ ସନ୍ଧ୍ୟା ଆରତୀରେ ନାଦ ବାଦ୍ୟ ବୃହତ ନାଗରାରେ ମଇଁଷି ବା ଗୋଚର୍ମ ହିଁ ଛାଉଣୀ ରହିଛି । ଏହା ମାନ୍ୟତାକୁ ଆସୁଛି, ଚାମର ଚାମରୀ ଗାଈର ଲାଞ୍ଜି ଚୁଳ, ଗୁଛ ଏହା ଦେବ ମନ୍ଦିରର ଦେବ ଉପଚାରର ଅଙ୍ଗ, ପାଲାଗାୟକଙ୍କ ଅଭିଷେକ ଦିନରୁ ତାଙ୍କ ଗୁରୁଙ୍କ ଦ୍ୱାରା ଧରାଇ ଦିଆଯିବା ଚାମର ଏକ ଗାୟକଙ୍କ ଦୀକ୍ଷିତ ମାନ୍ୟତାକୁ ଏକ ଦର୍ଶକ ସମ୍ମୋହନକାରୀ କବଚ । ଏହାରି ମଧ୍ୟାମରେ ସେ ରାଜା, ମହାରାଜାଙ୍କୁ ମସ୍ତକରେ ଚାମର ଛୁଆଁଇ ଆଶୀର୍ବାଦ କରନ୍ତି । ଯେଉଁ ପିଲାର ମାନସିକ ପୂଜା କରାଯାଉଥାଏ ତା' ମସ୍ତକରେ ସେହି ଚାମର ଲଗାଇ କଲ୍ୟାଣ କରନ୍ତି । ତେବେ ଉପଚାର, ରାଜଉପଚାରରେ ଏକ ଅଙ୍ଗ ଏହି ଚାମର ରହିଛି । ପୂଜାରେ ଦେବତା ଆବାହନ ହେଉ, ପିତୃ ଶ୍ରାଦ୍ଧ ହେଉ, ପୁରୋହିତ ବରଣ ହେଉ ବନ୍ଧୁ ଶଙ୍ଖୁଳା ହେଉ ଗୁଆ, ଲାଗୁଛି, ଦେବତାର ପ୍ରତିନିଧି ଗୁଆ ସାଜୁଛନ୍ତି । କଳସରେ ଦେବତା ଆବାହନ ହେଉଛି ଏପରିକି ପ୍ରେତ ଆବାହନ କଳସରେ ବି କରାଯାଏ ।

ଆଜିକାଲି ଶତ୍ରୁତା ସାଧନରେ ଶତ୍ରୁକୁ ଜୀବନରୁ ଶେଷ କରିବାକୁ ଭଡ଼ାଟିଆ ପେଶାଦାର ହିତାହିତ ଶୂନ୍ୟ ଜୀବନ୍ତ ଯମଦୂତଙ୍କୁ ଅର୍ଥରତୋଫା ସୁପାରୀ ଚଳା ଯିବା ପୋଲିସ ଧରପକଡ଼ରେ ଜଣାପଡୁଛି । ଦୁଇଜଣ ଭାବ ଆଦାନ ପ୍ରଦାନରେ ତୃତୀୟ ଆବଶ୍ୟକରେ ଦୌତକ୍ରିୟା ଥିଲା । ଶାସ୍ତ୍ରରେ ହଂସ ଦୂତ ମେଘଦୂତ, ଦେବଦୂତ, ଦେବୀଦୂତୀର ନଜିର ଅଛି। ରାଜତନ୍ତ୍ରରେ ଏକ ରାଜାଙ୍କ ଦରକାରରେ ଅନ୍ୟ ରାଜସହ ସମ୍ପର୍କ ଏହି ଦୌତ କ୍ରିୟା ଆବାହମାନ ଚାଲି ଆସୁଛି । ଏବେ ଏହା ରାଜଦୂତ ଅଛ, ରାଜତନ୍ତ୍ରରେ ଅନେକ ଦେଶରେ ବଦଳ ହୋଇ ମୁତୟନ ରହିଛନ୍ତି ବାଣିଜିକ ଦୂତବାସ ଏମିତି ଅଛି । ଯେଉଁମାନେ ପ୍ରେରିତ ଦେଶ ରାଜଶକ୍ତିର ଆଭିମୁଖ୍ୟ ତତ ଦେଶ ରାଜ ଚେୟାର ଥିବା କର୍ତ୍ତୃପକ୍ଷଙ୍କୁ ଅବଗତ କରାଉଛନ୍ତି। ଭଗବାନ ଶ୍ରୀକୃଷ୍ଣ ଦିନେ ଏମିତି ଶାନ୍ତି ଦୂତ ସାଜିଥିଲେ। ଖବର କାଗଜ, ବେତାର ମେଡ଼ିଆ, ମୋବାଇଲ ଫୋନ, ଦୂରଦର୍ଶନ ଏସବୁ ଦୂତ କାମ କରୁଛନ୍ତି । ଏହା ମହା ଦାୟିତ୍ୱ କାମ ଏହା ମୂଳ ଉତ୍ସ ଦେବର୍ଷି ନାରଦ । ସ୍ୱର୍ଗ, ମର୍ତ୍ତ୍ୟ, ପାତାଳର ସମାଚାର ଅନ୍ନଦାତା, ପାଳନ କର୍ତ୍ତା, ଏମିତି ଧ୍ୱଂସକର୍ତ୍ତା, ଦଣ୍ଡଦାତା, ସର୍ବତ୍ର ସେ ଯାଇ ଗୁରୁତ୍ୱପୂର୍ଣ୍ଣ ଖବର, ସରବରାହ କରୁଥିଲେ ଏହି ପରମ୍ପରା ଏ ସମୟରେ ମେଡ଼ିଆମାନେ କରିବା ଦେଖାଯାଉଛି । ଏମିତି ବିଭିନ୍ନ ଧାରାରେ ସଂସାର ଚାଲୁଛି, ପଦବୀ ସ୍ଥିର ସମୟକୁ ଅଧିକାରୀ ବଦଳୁଛନ୍ତି, ସ୍ୱର୍ଗମହାରାଣୀ ଇନ୍ଦ୍ରାଣୀ ସ୍ଥିର ରାଜା ଇନ୍ଦ୍ର ବଦଳୁଛନ୍ତି, ରାଷ୍ଟ୍ରପତି ପ୍ରଧାନ ମନ୍ତ୍ରୀ ମୁଖ୍ୟମନ୍ତ୍ରୀ ଏପରି ପଦକୁ ସମୟାନ୍ତରକୁ ଭିନ୍ନ ନାମର ବ୍ୟକ୍ତି ଆସିଲେ ବି ପଦ ସ୍ଥିର । ଦାୟିତ୍ୱ ତୁଲାଇବାରେ ପଦବୀ ଧାରୀଙ୍କ ସମୟାନ୍ତରକୁ ସମସ୍ୟା ଆଣେ କେବଳ ସ୍ଥିତପ୍ରଜ୍ଞ ହିଁ ତା'ର ମୁକାବିଲା ଠିକ କରିପାରନ୍ତ ।

ଅରୁଣୋଦୟ ମାର୍କେଟ, କଟକ,
ମୋ. ୯୪୩୭୦୩୧୨୫୩

# ସତ୍ୟବାଦୀର ଶେଷସଖା-ଆଚାର୍ଯ୍ୟ ହରିହର

**■ ଅକ୍ଷୟ କୁମାର ରାଉତ ■**

ପୁରୀ ଜିଲ୍ଲାର ସାକ୍ଷୀଗୋପାଳ ଗୋଟିଏ ପ୍ରସିଦ୍ଧ ତୀର୍ଥ ସ୍ଥାନ । ସମଗ୍ର ଭାରତରୁ ହଜାର ହଜାର ଯାତ୍ରୀ ସେଠାକୁ ଆସନ୍ତି । ଶ୍ରୀରାମଚନ୍ଦ୍ରପୁର ଗ୍ରାମ ସାକ୍ଷୀଗୋପାଳ ମନ୍ଦିର ଠାରୁ ଅଳ୍ପ ଦୂରରେ ଥିବାରୁ ଓଡିଶାର ଅନ୍ୟ ଗ୍ରାମ ତୁଳନାରେ ଟିକିଏ ଆଗୁଆ ଥାଏ । ଏହି ଗ୍ରାମର ମହାଦେବ ବ୍ରହ୍ମାଙ୍କର ସେ ଅଞ୍ଚଳରେ ବେଶ୍ ଖାତିର । ୧୮୭୯ ମସିହା ଫାଲ୍‌ଗୁନ କୃଷ୍ଣ ଦ୍ୱିତୀୟା (ଫେବ୍ରୁଆରୀ ମାସ) ଶନିବାର ଦିନ ମହାଦେବ ବ୍ରହ୍ମାଙ୍କ ଯେଉଁ ପ୍ରଥମ ପୁତ୍ର ହେଲା ତାହାରି ନାମ ଦିଆଗଲା ହରି । ପାଞ୍ଚବର୍ଷ ବୟସରେ ହରି ମା'ଙ୍କୁ ହରାଇଥିଲେ । ମହାଦେବ ବ୍ରହ୍ମାଙ୍କର ଅଳ୍ପ ବୟସ ହୋଇଥିବାରୁ ସେ ଦ୍ୱିତୀୟ ବିବାହ କଲେ । ସାବତ ମା'ଙ୍କ ଦ୍ୱାରା ପାଳିତ ହୋଇଥିଲେ । ସାବତ ମା'ଙ୍କର ତିନିପୁଅଙ୍କ ନାମ ରାମ, ଗୋବିନ୍ଦ ଓ ଶଙ୍କର, ଝିଅ ନାମ ନିଶା ଥିଲା ।

ଗାଁର ଭର୍ଣ୍ଣାକୁଲର ସ୍କୁଲରୁ ପାସ୍ କରି ହରି ପୁରୀ ଜିଲ୍ଲା ବିଦ୍ୟାଳୟରେ ନାମ ଲେଖାଇଥିଲେ । ପାଉଥିବା ଚାରିଟଙ୍କା ବୃତିରେ ସେ ମାସକର ଖର୍ଚ୍ଚ ବହନ କରିଥିଲେ । ସେଠାରେ ସେ ଗୋପୀନାଥ ଦାଶ ପାଖରେ ରହିଥିଲେ । ଗୋପୀ ଭାଇନାଙ୍କ ଦ୍ୱାରା ଗୋପବନ୍ଧୁ ଦାସଙ୍କ ସହିତ ପରିଚିତ ହେଲେ । ଗୋପବନ୍ଧୁଙ୍କର ପ୍ରଭାବ ହରି ଉପରେ ପଡିଲାରୁ ବିଲାତି ପତଳା ଲୁଗା ପିନ୍ଧିବାର କଳ୍ପନା ହରିଙ୍କର ମଉଳି ଗଲା । ଗୋପୀନାଥ ଓ ଗୋପବନ୍ଧୁଙ୍କର ପ୍ରଭାବରେ ହରି ପାଲଟିଗଲା ଜନତାର ସେବକ । ମାନବିକ ତଥା ବୈପ୍ଲବିକ ଭିତରେ ସେ ସାମଞ୍ଜସ୍ୟ ରଖି ପାରୁଥିଲେ । ଚିକିତ୍ସା ଅଭାବରୁ ଯେଉଁ ହଇଜା ରୋଗୀ ଚିତ୍କାର କରୁଛି ତାଙ୍କୁ ଅଭୟ ଦେବାପାଇଁ ସେ ଯେତିକି ଆଗଭର ହେଉଥିଲେ କୋରାପୁଟର ପାହାଡ, ଜଙ୍ଗଲ କୋଳରେ ରହିଥିବା ଆଦିବାସୀ ମନରେ ଅତ୍ୟାଚାର ବିରୁଦ୍ଧରେ ଶକ୍ତିର ସଂଚୟ କରିବା ପାଇଁ ମଧ୍ୟ ଠିକ୍ ସେହି ପରିମାଣରେ ବ୍ୟାକୁଳତା ଦେଖାଉଥିଲେ । ଅତ୍ୟାଚାର ସହି ସହି ଯେଉଁ ଦରିଦ୍ର ଲୋକଙ୍କର ଅଣ୍ଟା ନଇଁ ଯାଇଛି ସେମାନଙ୍କ ହାତଧରି, ଅଣ୍ଟାକୁ ଆଉଁସିଦେଇ ସିଧା କରିବା କାର୍ଯ୍ୟକୁ ହରି ସେବା ମନେକରୁଥିଲେ । ଅସହାୟର ଉଦ୍ଧାର ପାଇଁ ହିଁ ହରି ଜନ୍ମ ହୋଇଛନ୍ତି । ମାନବ ସମାଜର ସେବା ଯଜ୍ଞରେ ହରିଙ୍କୁ ଉତ୍ସାହର ଘିଅ ଯୋଗାଉଥିଲେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ। ହରିହର ପାଲଟିଗଲେ ବିପ୍ଳବୀ, ସଂସ୍କାରକ, ଶିକ୍ଷକ ଓ ଦଳିତ ନିର୍ଯ୍ୟାତିତମାନଙ୍କର କଳ୍ପବଟ ।

ଆଜି ଓଡ଼ିଶାର ଯେଉଁ କୋଣକୁ ଯାଅ ଦେଖିବ ଆଚାର୍ଯ୍ୟ ହରିହରଙ୍କର ଛାତ୍ର । ଛୋଟବେଳୁ ହରିହର ନିଜ ପାଠ ପଢ଼ିବା ପରେ ଗାଁର ଅନ୍ୟ ଲୋକମାନଙ୍କୁ ପାଠପଢ଼ାନ୍ତି । ଦିନେଦିନେ ମା' ଶ୍ରଦ୍ଧାଦେବୀ ହରିର ଘରକୁ ଫେରିବା ବିଳମ୍ବ ହେଲେ ବ୍ୟସ୍ତ ହୋଇପଡ଼ନ୍ତି । କୁହନ୍ତି ତୁ ଏତେ ଲୋକଙ୍କୁ ପାଠ ପଢ଼ାଉଛୁ, ମୋତେ ଟିକିଏ ପଢ଼ାନ୍ତୁନି ? ଏତିକିରେ ହରି ହୋଇଗଲେ 'ମା'ର ଶିକ୍ଷକ । ନିଜ ମାମୁଁ ଅଜାଙ୍କ ଘରେ ପୁରୀରେ ରହି ପାଠ ପଢ଼ିଲେ । ଏଫ.ଏ.ପାସ୍ ପରେ ହରିହର ପି.ଏଲ୍ ପଢ଼ିଲେ । କଟକରୁ ଯାଇ କଲିକତାରେ ଓକିଲାତି ପାଠ ପଢ଼ିଲେ । ଓକିଲାତିର ଶେଷ ପରୀକ୍ଷା ନଦେଇ ପୁରୀ ଜିଲ୍ଲା ସ୍କୁଲରେ ଆସି ଶିକ୍ଷକତା କଲେ । ସରକାରୀ ଚାକିରିରେ ମନ ମାନିଲା ନାହିଁ । ନୀଳଗିରି ଗଡ଼ଜାତରେ ଗୋଟିଏ ପ୍ରସ୍ତାବିତ ହାଇସ୍କୁଲରେ କିଛି ଦିନ କାର୍ଯ୍ୟ କଲେ । ଏହି ସମୟରେ ଜାତୀୟ ଆନ୍ଦୋଳନ ମୁଣ୍ଡ ଟେକିଲାଣି । ପଲିଟିକାଲ ଏଜେଣ୍ଟ କବ୍‌ଡେନ୍ ରାମ୍‌ସେଙ୍କ ବିଷ ଦୃଷ୍ଟିରେ ଉକ୍ତ ହାଇସ୍କୁଲଟି ପଡିବାରୁ, ସେ ରାଜାଙ୍କୁ ସ୍କୁଲ ଭାଙ୍ଗିଦେବାକୁ ପରାମର୍ଶ ଦେଲେ । ସ୍କୁଲ ଭାଙ୍ଗିଲା, ତେଣୁ ହରିହର ନୀଳଗିରିରୁ କଟକର ପ୍ୟାରୀମୋହନ ଏକାଡେମୀକୁ ଚାଲିଆସିଲେ । କଟକରେ ସେ ନିଜର ଦକ୍ଷତା ଯୋଗୁଁ ସମସ୍ତଙ୍କର ପ୍ରିୟପାତ୍ର ହେଲେ । ୧୯୧୨ ମସିହାରେ ହରିହର ଚାଲିଲେ ସତ୍ୟବାଦୀରୁ ବକୁଳବନ ବିଦ୍ୟାଳୟକୁ । ଉତ୍କଳମଣି, ନୀଳକଣ୍ଠ, ଗୋଦାବରୀଶ, ନନ୍ଦକିଶୋର ଓ କୃପାସିନ୍ଧୁଙ୍କ ଗହଣରେ ସେଠାରେ ସେ ଆଦର୍ଶ ବିଦ୍ୟାଳୟ ଚଳାଇବାରେ ସହଭାଗୀ ହୋଇଥିଲେ । ୧୯୧୨ରେ ଅସହଯୋଗ ଆନ୍ଦୋଳନ ଆରମ୍ଭ ହେଲା । ଗୋପବନ୍ଧୁ ଆନ୍ଦୋଳନରେ ଯୋଗ ଦେବାରୁ ସରକାର ସତ୍ୟବାଦୀ ଜାତୀୟ ବିଦ୍ୟାଳୟକୁ ବନ୍ଦ କରିଦେଲେ । ତଥାପି ହରିହର ଶିକ୍ଷାଦାନର ସୁଯୋଗ ସବୁବେଳେ ଖୋଜୁଥାନ୍ତି । ୧୯୩୦ରେ ହଜାରୀବାଗ ଜେଲ୍ ଭିତରେ ବନ୍ଦୀମାନଙ୍କୁ ପଢ଼ାଇବାର ଦାୟିତ୍ୱ ହରିହରଙ୍କ ଉପରେ ଥିଲା । ଭାରତଛାଡ ଆନ୍ଦୋଳନରେ ଯୋଗଦେଇ ସେ ୧୯୪୨ ମସିହା ଅଗଷ୍ଟମାସରେ ବ୍ରହ୍ମପୁର ଜେଲ୍‌ରେ ଅଟକବନ୍ଦୀ ହେଲେ । ଦୁଇବର୍ଷକାଳ ପ୍ରତିଦିନ ଜଗନ୍ନାଥ ଦାସ, ଲୋକନାଥ ମିଶ୍ର, ଗୋପବନ୍ଧୁ ଚୌଧୁରୀ ଓ ଭାଗୀରଥି ମହାପାତ୍ରଙ୍କ ମେଳରେ ବସି ହରିହର ଗୀତା ଓ ଉପନିଷଦ ପଢ଼ାନ୍ତି । ସେହିଠାରେ ସମସ୍ତର ଶ୍ରୀମଦ୍ ଭାଗବତ ଗୀତା ରଚିତ ହୋଇଥିଲା । ମହାତ୍ମା ଗାନ୍ଧୀଙ୍କ ଡାକରାରେ ନୂତନ ଶିକ୍ଷାର ପ୍ରବର୍ତ୍ତନ ପାଇଁ ଉତ୍କଳ ମୌଳିକ ଶିକ୍ଷା ପରିଷଦ ଗଠନ କରାଗଲା । ଏହି ପରିଷଦର ସଭାପତି ଥିଲେ ଆଚାର୍ଯ୍ୟ ହରିହର ।



୧୯୩୦ ମସିହାର ଆଇନ ଅମାନ୍ୟ ଆନ୍ଦୋଳନର ଦାୟିତ୍ୱ ନେଲେ ଗୋପବନ୍ଧୁ ଚୌଧୁରୀ ଓ ଆଚାର୍ଯ୍ୟ ହରିହର । ଲବଣ ସତ୍ୟାଗ୍ରହ ଦଳ ସେହି ବର୍ଷ ଏପ୍ରିଲ ଛଅ ତାରିଖ ଦିନ କଟକଠାରୁ ବାଲେଶ୍ୱରର ଇଞ୍ଚୁଡି ଅଭିମୁଖେ ବାହାରିଲେ । ପ୍ରଥମେ ଗୋପବନ୍ଧୁ ଚୌଧୁରୀଙ୍କୁ ଗିରଫ କରିନିଆଗଲା । ଏପ୍ରିଲ ୧୩ ତାରିଖରେ ଲବଣ ଆଇନ୍ ଅମାନ୍ୟ କରିବାକୁ ଯାଇ ହରିହର ଗିରଫ ହେଲେ ଓ ହଜାରୀବାଗ ଜେଲରେ ରହିଲେ । ୧୯୩୧ରେ ହରିହର ଜେଲରେ ଥାଆନ୍ତି । ଗାନ୍ଧୀଜୀଙ୍କର ହରିଜନ ପଦଯାତ୍ରା ପୁରୀରୁ ଆରମ୍ଭ ହେଲା । ଯାତ୍ରାର ଶେଷବେଳକୁ ହରିହର ଜେଲରୁ ମୁକ୍ତିପାଇ ଗାନ୍ଧୀଜୀଙ୍କୁ ଦେଖାକଲେ । ୧୯୪୨ ମସିହାରେ ଭାରତ ଛାଡ ଆନ୍ଦୋଳନରେ ହରିହର ଯୋଗଦେଇ ଦୁଇବର୍ଷରୁ ଅଧିକ କାଳ ଜେଲରେ ରହି ୧୯୪୪ ଶେଷଭାଗରେ ଜେଲରୁ ମୁକ୍ତ ହେଲେ ।

ହରିହର ଦୁଇଥର ବିବାହ କରିଥିଲେ ମଧ ତାଙ୍କ ଦୁଇଟି ସ୍ତ୍ରୀଙ୍କର ଅକାଳ ମୃତ୍ୟୁ ଘଟିଥିଲା । ଯୁବକ ଅବସ୍ଥାରୁ ସଂସାରିକ ସୁଖରୁ ମନକୁ ଫେରାଇନେଇ ସମାଜର ସେବାକୁ ଆଦରି ନେଇଥିଲେ । ଓଡ଼ିଶାର ନାରୀ ଜାଗରଣ ସମୟରେ ସେ ନାରୀ ମାନଙ୍କ ଭିତରେ ମାତା, ଭଗିନୀ ବା କନ୍ୟାର ରୂପହିଁ ଦେଖିଛନ୍ତି । ୪୫ ବର୍ଷ ବୟସ ବେଳେ ୧୯୨୪ରେ ସେ ପୁରୀ ବିଧବାଶ୍ରମର ପରିଚାଳନା ଦାୟିତ୍ୱ ନେଇଥିଲେ । ହରିଜନ ଆନ୍ଦୋଳନର ନେତୃତ୍ୱ ଓଡ଼ିଶାରେ ହିଁ ହରିହର ନେଇଥିଲେ । ଅସ୍ପୃଶ୍ୟମାନଙ୍କୁ ଆପଣାର କରିନେଇଥିଲେ ହରିହର । ଜଣେ ଅସ୍ପୃଶ୍ୟ ଅନାଥ ଶବକୁ ଦାହ କରିଥିବାରୁ, ବ୍ରାହ୍ମଣମାନେ ହରିହରଙ୍କୁ ଜାତିରୁ ଅଟକ କରିବାପାଇଁ ଆଗଭର ହେଲେ । ଜଣେ ପଣ୍ଡିତ ମନୁ ସଂହିତାରୁ ଶୋଲ୍କ ପଢ଼ି ବୁଝାଇଦେଲେ ଯେ ଅନାଥର ଶବସତ୍କାର କଲେ ଅଶ୍ୱମେଧ ଯଜ୍ଞର ଫଳ ମିଳେ । ହରିଜନ ସେବା କରୁଥିବା ଜୟନ୍ତୀ କମିଟି ତରଫରୁ ଆଚାର୍ଯ୍ୟ ହରିହରଙ୍କୁ ୫ ହଜାର ଟଙ୍କା ଓ ମାନପତ୍ର ଦେବାର କଥା ଉଠିଲା । ହରିହର ଗରିବ ହରିଜନଙ୍କୁ ସେବା ପାଇଁ ଟଙ୍କା ନେବାକୁ ରାଜିହେଲେ । କିନ୍ତୁ ଅଭିନନ୍ଦନ ଗ୍ରନ୍ଥ ନେବାକୁ ଅରାଜି ହେଲେ । ଉତ୍କଳ ବିଶ୍ୱବିଦ୍ୟାଳୟର ଡକ୍ଟରେଟ୍, ଉପାଧି ଗ୍ରହଣ କରିବାକୁ ଅସ୍ୱୀକାର କରିଦେଇଥିବା ମଣିଷଟିଏ ଗରିବର ସେବା ପାଇଁ ଅଭିନନ୍ଦନର ଗ୍ରନ୍ଥଟିକୁ ଗ୍ରହଣକଲେ ।

ଓଡ଼ିଶାର ସ୍ୱାଧୀନତା ଆନ୍ଦୋଳନର ପ୍ରକୃତ ଚିତ୍ର ଯେତେବେଳେ ମନ ମଧ୍ୟକୁ ଆସେ, ଆଚାର୍ଯ୍ୟ ହରିହରଙ୍କର ଦେଶପ୍ରତି ମୂଲ୍ୟବାନ ଦାନ, ମହାନ୍ ସଂଗ୍ରାମ ପ୍ରତି କିଭଳି ରହିଛି ତାହାର ଉଲ୍ଲେଖ ବିଶେଷ ଭାବରେ ଦେଖାଯାଏ । ୧୯୨୮ରେ ଗୋପବନ୍ଧୁଙ୍କର ଦେହାନ୍ତ ଓ ୧୯୪୮ରେ ଗାନ୍ଧୀ ଗୁଳି ଚୋଟରେ ଟଳି ପଡିବାର ଦାରୁଣ ଦୁଃଖନ୍ତକ ଘଟଣା ତାଙ୍କ ମନରୁ ସମସ୍ତ ଆନନ୍ଦ ନେଇଯାଇଥିଲା । ସେହିଦିନଠାରୁ ସବୁ କାମ ଚାଲେ ସତ, କିନ୍ତୁ ମନରେ ଆନନ୍ଦ ନଥାଏ । ବିନୋବାଜୀଙ୍କ ଭୂଦାନ ଆନ୍ଦେଳନରେ ଯୋଗଦେଇ ମନପ୍ରାଣଦେଇ କାର୍ଯ୍ୟ ଆରମ୍ଭ କଲେ । ୧୯୫୪ ମସିହା ବେଳକୁ ଜଣାପଡିଲା ଯେ ସେ ଦୃଷ୍ଟିଶକ୍ତି ହରାଇବସିଲେଣି । ଫକୀର ମିଶ୍ରଙ୍କ ସାହାର୍ଯ୍ୟରେ ହରିହର ଚଳପ୍ରଚଳ କରୁଥାଆନ୍ତି । ୧୯୫୮ ଏପ୍ରିଲ ୨୯ ତାରିଖରେ ଗୋପବନ୍ଧୁ ଚୌଧୁରୀ ସଂସାର ଛାଡି ଚାଲିଗଲେ । ଆଚାର୍ଯ୍ୟ ହରିହରଙ୍କ ଉପରେ ପଡ଼ିଲା ଶକ୍ତ ଧକ୍କା । ସେ ଏକାବେଳକେ ତଟସ୍ଥ ହୋଇଗଲେ । ସଂପୂର୍ଣ୍ଣରୂପେ ଭାଙ୍ଗି ପଡିଲା ପୂର୍ବରୁ ତାଙ୍କର ମନେପଡିଗଲା ରମାଦେବୀଙ୍କ କଥା । ମନର କୋହକୁ ଚାପି ଅଶୀ ବର୍ଷର ବୃଦ୍ଧ ଉପରକୁ ଦେଖାଇଥିଲେ ଅନେକ ସାହାସ । ଗୋପବାବୁଙ୍କ ଭୂଦାନ ଆନ୍ଦୋଳନର ଦାୟିତ୍ୱ ନେଲେ ହରିହର ।

୧୯୬୨ରୁ ୧୯୬୮ ପର୍ଯ୍ୟନ୍ତ ପୁରୀ ଗୋପବନ୍ଧୁ ଭବନରେ ଆଚାର୍ଯ୍ୟ ହରିହର ରହିଲେ । ସେତେବେଳକୁ ତାଙ୍କର ବଳ କମି ଆସିଲାଣି ସତ ତଥାପି ମନର ବଳରେ ମଝିରେ ମଝିରେ ବୁଲି ଯାଇ କର୍ମୀମାନଙ୍କୁ ପ୍ରେରଣା ଦେଇଥାନ୍ତି । ମାତ୍ରାଧିକ ବୟସ ଯୋଗୁଁ ସେ ଅନେକ କଥା ଭୁଲି ଯାଉଛନ୍ତି । ଅନେକ ସମୟରେ ଡାକ୍ତରମାନଙ୍କର ପରାମର୍ଶ ଲୋଡା ପଡୁଛି । ତାଙ୍କର ଦେହ ଖରାପ ରହିବାରୁ ତାଙ୍କୁ କଟକ ଥୋରିଆସାହିର ଭୂଦାନ ଅଫିସକୁ ଆଣି ରହିବାର ବ୍ୟବସ୍ଥା କରାଗଲା । ୧୯୭୧ ଫେବ୍ରୁଆରୀ ୨୧ ତାରିଖ ରବିବାର ଛଅଟା ପଚାଶ ମିନିଟ୍‌ରେ ଆଚାର୍ଯ୍ୟ ହରିହର ଦାସ ଚିରଦିନ ପାଇଁ ଆଖି ବୁଜିଦେଲେ ।

କ୍ରମେ ଲୋକ ଗହଳି ହୋଇଉଠିଲା ଥୋରିଆ ସାହିର ଭୂଦାନ ଅଫିସ୍ । ହଠାତ୍ ତୀର୍ଥ ପାଲଟିଗଲା । ସତ୍ୟର ପୂଜାରୀ, ଦୁଃସ୍ଥ, ନିଷ୍ପେଷିତ, ଦରିଦ୍ର ଓ ଆର୍ତ୍ତବନ୍ଧୁ । ଓଡିଶାର ଶିକ୍ଷା, ସଂସ୍କାର ଓ ସ୍ୱାଧୀନତା ଆନ୍ଦୋଳନର ଅଗ୍ରଦୂତ, ପଞ୍ଚସାଖାଙ୍କ ମଧ୍ୟରୁ ଶେଷସଖା ମରି ବି ଅମର ରହିଗଲେ ଆମ ପାଖରେ ।

କୁଜଙ୍ଗ, ଜଗତ୍‌ସିଂହପୁର
ମୋ– ୯୯୩୭୬୯୧୪୭୫

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୨୧ ଫେବୃଆରୀ ୨୦୨୬ । ଶନିବାର


## +୨ କଳା ପରୀକ୍ଷାରେ ୧୧୬୦ ପରୀକ୍ଷାର୍ଥୀ

**ବୁଗୁଡ଼ା,୨୦।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଶୁକ୍ରବାର +୨ କଳା ପରୀକ୍ଷା ଆରମ୍ଭ ହୋଇଥିବା ବେଳେ ବୁଗୁଡ଼ା ଅଞ୍ଚଳର ୫ଟି ପରୀକ୍ଷା କେନ୍ଦ୍ରରେ ମୋଟ ୧୧୭୨ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୧୬୦ ପରୀକ୍ଷା ଦେଇଥିବା ବେଳେ ୧୨ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଥିବା ଜଣାଯାଇଛି । ବୁଗୁଡ଼ା ପିପୁଲ୍ସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କେନ୍ଦ୍ରରେ ସୁପରିଟେଣ୍ଡେଣ୍ଟ ଆତ୍ମ ପ୍ରକାଶ ନାୟକଙ୍କ ତତ୍ତ୍ୱାବଧାନରେ ୪୩୬ରୁ ୪୨୮ ଜଣ ଓ ବଳଦେବଜୀଉ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କେନ୍ଦ୍ରରେ ସୁପରିଟେଣ୍ଡେଣ୍ଟ ମନୋଜ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ୨୨୦ରୁ ୨୧୯ ଜଣ, ବାଲିପଦର ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କେନ୍ଦ୍ରରେ ସୁପରିଟେଣ୍ଡେଣ୍ଟ ସରୋଜ କାନ୍ତ ଦାସଙ୍କ ତତ୍ତ୍ୱାବଧାନରେ ୨୯୬ରୁ ୨୯୪ ଜଣ ଓ ମାଣିତରା ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କେନ୍ଦ୍ରରେ ସୁପରିଟେଣ୍ଡେଣ୍ଟ ଅନୁପ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ୧୬୯ରୁ ୧୬୮ ଜଣ, କରଚୁଲି ଶକୁନ୍ତଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କେନ୍ଦ୍ରରେ ସୁପରିଟେଣ୍ଡେଣ୍ଟ ଗଦାଧର ମିଶ୍ରଙ୍କ ତତ୍ତ୍ୱାବଧାନରେ ୫୧ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି । ତେବେ ପିପୁଲ୍ସ କଲେଜ କେନ୍ଦ୍ରରେ ପିପୁଲ୍ସ କଲେଜର ଛାତ୍ରଛାତ୍ରୀଙ୍କ ସମେତ ବାଲିପଦରସ୍ଥ ଅହଲ୍ୟା ଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ବାଲୁଙ୍କେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି । କପିକୁ ରୋକିବା ପାଇଁ ପରୀକ୍ଷାର୍ଥୀଙ୍କୁ କଡାକଡି ଭାବେ ଯାଞ୍ଚ କରାଯାଇଥିବା ବେଳେ ଉକ୍ତ ୫ଟି କେନ୍ଦ୍ରରେ ଶାନ୍ତିଶୃଙ୍ଖଳାର ସହ ପ୍ରଥମ ଦିନର ପରୀକ୍ଷା ସମ୍ପନ୍ନ ହୋଇଥିବା ଜଣାଯାଇଛି ।

## ଓଡିଶା ଲେଖକ ସମବାୟ ସମିତିର ମାସିକ ଆଲୋଚନା ଚକ୍ର
## କୁନ୍ତଳା କୁମାରୀଙ୍କ କାଳଜୟୀ ସାହିତ୍ୟ ଉପରେ ଚର୍ଚ୍ଚା



**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଓଡିଶା ଲେଖକ ସମବାୟ ସମିତି ପକ୍ଷରୁ ଏହାର ମାସିକ ସାରସ୍ୱତ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି ଅଧିବେଶନରେ ଓଡିଆ ସାହିତ୍ୟ ଆକାଶର ଦୀପ୍ତିମନ୍ତ ନକ୍ଷତ୍ର, 'ଉତ୍କଳ ଭାରତୀ' କୁନ୍ତଳା କୁମାରୀ ସାବତଙ୍କ ବହୁମୁଖୀ ପ୍ରତିଭା ଓ ଓଡିଆ ସାହିତ୍ୟକୁ ତାଙ୍କର ଅତୁଳନୀୟ ଅବଦାନ ସମ୍ପର୍କରେ ଗଭୀର ଆଲୋଚନା କରାଯାଇଛି । ଏହି ସାରସ୍ୱତ ସମାରୋହରେ ବିଶିଷ୍ଟ ସାହିତ୍ୟିକା ଡକ୍ଟର ପ୍ରେମଲତା ଦେବୀ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଲେଖିକା ବନଜଦେବୀ ଯୋଗଦେଇ କୁନ୍ତଳା କୁମାରୀଙ୍କ ଜୀବନୀ ଓ ସାହିତ୍ୟିକ କୃତି କିପରି ସମାଜରେ ଏକ ନୂତନ ଜାଗରଣ ସୃଷ୍ଟି କରିଥିଲା, ସେ ସମ୍ବନ୍ଧରେ ଆଲୋକପାତ କରିଥିଲେ । ଡାକ୍ତରୀ ବୃତ୍ତିରେ ଥାଇ ମଧ୍ୟ ସେ କିପରି ସାହିତ୍ୟ ମାଧ୍ୟମରେ ସ୍ୱାଧୀନତା ସଂଗ୍ରାମ ଓ ସମାଜ ସଂସ୍କାର ପାଇଁ ସ୍ୱର ଉତ୍ତୋଳନ କରିଥିଲେ, ତାହା ବକ୍ତାମାନଙ୍କ ଆଲୋଚନାର ମୁଖ୍ୟ ବିଷୟବସ୍ତୁ ରହିଥିଲା । ସମ୍ମାନିତ ବକ୍ତା ଓ ଆଲୋଚକ ଭାବେ ପ୍ରଭାତ କୁମାର ନନ୍ଦ, ମିନତୀ ଷଡ଼ଙ୍ଗୀ, ମନୋଜ ଜେନା, କ୍ଷେତ୍ର ମୋହନ ଦାଶ, ନିଶାକର ରାଉତ ଏବଂ ନିବେଦିତା ତ୍ରିପାଠୀ ଯୋଗଦାନ କରିଥିଲେ । ଆଲୋଚକମାନେ କୁନ୍ତଳା କୁମାରୀଙ୍କ କବିତା, ଉପନ୍ୟାସ ଓ ପ୍ରବନ୍ଧଗୁଡ଼ିକରେ ଥିବା ଜାତୀୟତାବୋଧ, ମାନବିକତା ଏବଂ ନାରୀ ସଶକ୍ତିକରଣର ସ୍ୱରକୁ ବିଶ୍ଳେଷଣ କରିଥିଲେ । ଓଡିଆ ଭାଷା ଓ ସାହିତ୍ୟକୁ ସମୃଦ୍ଧ କରିବାରେ ତାଙ୍କର ବୈପ୍ଳବିକ ଭୂମିକା ଆଜିର ପିଢ଼ି ପାଇଁ ପ୍ରେରଣାର ଉତ୍ସ ବୋଲି ସେମାନେ ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ରଶ୍ମିତା ରାଉତ ଏବଂ ପୂର୍ଣ୍ଣ ଚନ୍ଦ୍ର ଶାସନୀଙ୍କ ଦ୍ୱାରା ଅତି ସୁଲଳିତ କଣ୍ଠରେ ଜଗନ୍ନାଥ ଭଜନ ଗାନ କରାଯାଇଥିଲା, ଯାହା ସଭାସ୍ଥଳରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା । ପରିଚାଳକ ରମାକାନ୍ତ ମିଶ୍ର ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ସମଗ୍ର ସଭା କାର୍ଯ୍ୟକୁ ସୁଚାରୁରୂପେ ପରିଚାଳନା କରିଥିଲେ । ସମିତିର ସମ୍ପାଦକ ସୁକାନ୍ତ ପ୍ରଧାନ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଆଲୋଚନା ଚକ୍ରରେ ବହୁ ସଂଖ୍ୟାରେ ସାହିତ୍ୟ ପ୍ରେମୀ ଓ ବୁଦ୍ଧିଜୀବୀ ଯୋଗଦେଇ ଉତ୍କଳ ଭାରତୀଙ୍କ ସ୍ମୃତି ଚାରଣ କରିଥିଲେ ।

## 'ଓଡିଶା ଏକ୍ସପ୍ରେସ' ପ୍ରତିନିଧିଙ୍କ ବନ୍ଧୁମିଳନ




**ଆସିକା,୨୦।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଗଞ୍ଜାମ ଜିଲ୍ଲା ଆସିକା ମୁକୁନ୍ଦପୁର ସ୍ଥିତ ସ୍ୱପ୍ନେଶ୍ୱର ମନ୍ଦିର ନିକଟରେ ଆସିକା ପ୍ରତିନିଧି ଯଯାତି କେଶରୀ ମହାନ୍ତିଙ୍କ ଆବାହକରେ 'ଓଡିଶା ଏକ୍ସପ୍ରେସ' ଗଞ୍ଜାମ ଜିଲ୍ଲା ପ୍ରତିନିଧିମାନଙ୍କ ଏକ ବୈଠକ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ଗଞ୍ଜାମ ଜିଲ୍ଲା ପ୍ରତିନିଧି ଅନୀଲ କୁମାର ପାଢ଼ୀଙ୍କ ତତ୍ତ୍ୱାବଧାନରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଛତ୍ରପୁର ଉପଖଣ୍ଡ ପ୍ରତିନିଧି ବସନ୍ତ କୁମାର ପଟ୍ଟନାୟକ, ଭଞ୍ଜନଗର ଉପଖଣ୍ଡ ପ୍ରତିନିଧି ଏ.ନରସିଂହ ଆଚାରୀ, ନାରାୟଣୀମିଶ୍ର (କବିସୂର୍ଯ୍ୟନଗର ପ୍ରତିନିଧି) ଭଗବାନ ପାଢ଼ୀ (କୋଦଳା) ରଞ୍ଜୟ ପାଣିଗ୍ରାହୀ, (ପୋଲସରା), ଟୁନା ନାୟକ (ବେଲଗୁଣ୍ଠା), ସମୀର କୁମାର ପଣ୍ଡା (ଭଞ୍ଜନଗର) ହର ପ୍ରସାଦ ପାଢ଼ୀ, (ବୁଗୁଡ଼ା) ରମେଶ ଚନ୍ଦ୍ର ଗୌଡ଼ (ପୁରୁଷୋତ୍ତମପୁର), ଶ୍ରୀନବାସ ସାହୁ, (ଖଲ୍ଲିକୋଟ), ଅଜିତ କୁମାର ପଣ୍ଡା (ଶେରଗଡ଼), ବିଶ୍ୱ ରଞ୍ଜନ ପଣ୍ଡା (ଗଞ୍ଜାମ), ପ୍ରମୁଖ ଯୋଗ ଦେଇଥିଲେ ।

## ଗୌରଚଣ୍ଡି ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ

**ଆଳି,୨୦।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଆଳି ବ୍ଲକ୍ ଅନ୍ତର୍ଗତ ଅଟାଳ ପଞ୍ଚାୟତ କୋଚିଲା ଛକସ୍ଥ ଗୌରଚଣ୍ଡି ପବ୍ଲିକ ସ୍କୁଲ ଓ ମହାବୀର କୋଚିଂ ସେଣ୍ଟରର ୩ୟ ବାର୍ଷିକ ଉତ୍ସବ ବୁଧବାର ଅପରାହ୍ନରେ ମହାସମାରୋହରେ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଆଳି ମଣ୍ଡଳ ଶିକ୍ଷାଧିକାରୀ ସଞ୍ଜିବ କୁମାର ବେହୁରା, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ନାଟ୍ୟକାର ଓ ଶିକ୍ଷାବିତ ଗୋଲେଖ ଚନ୍ଦ୍ର ମହାରଣା, ସମ୍ମାନୀତ ଅତିଥି ଭାବେ ସମାଜସେବୀ ତଥା ବରିଷ୍ଠ ସାମ୍ବାଦିକ ସୁଶାନ୍ତ କୁମାର ଦାଶ ଓ ଆଳି ଅଗ୍ନିଶମ ମୁଖ୍ୟାଧିକାରୀ ସୁକାନ୍ତ କୁମାର ପରିଜା ପ୍ରମୁଖ ଯୋଗଦାନ କରିଥିଲେ । ଉତ୍ତମ ସଂସ୍କାର ଓ ସଂସ୍କୃତି ସମ୍ପନ୍ନ ଶିକ୍ଷା ଦେବାକୁ ହେଲେ ପିତାମାତା, ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ ସମନ୍ୱୟରେ ସମ୍ଭବ ବୋଲି ଅତିଥିମାନେ ବକ୍ତବ୍ୟ ରଖିଥିଲେ । ବିଦ୍ୟାଳୟର ଅଧ୍ୟକ୍ଷା ସୁମିତ୍ରା ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ । ରିତାରାଣୀ ପ୍ରଧାନ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଗୌରଚଣ୍ଡି ବିଦ୍ୟାଳୟର ପ୍ରତିଷ୍ଠାତା ଓ ସଂଚାଳକ ମନୋଜ କୁମାର ବେହେରା ମଞ୍ଚ ପରିଚାଳନା କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ଓ ଚଣ୍ଡୀ ରାଣୀ ବେହେରାଙ୍କୁ ସମ୍ମାନିତ କରାଯାଇଥିଲା । କୁନି କୁନି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ମଧୁସ୍ମିତା ରାଉତ, ନିବେଦିତା ତରାଇ, ଆନିଶା ଖଣ୍ଡୁଆ, ପ୍ରିତୀମୟୀ ଜେନା, ବନ୍ଦନା ପାଢ଼ୀ, ମମତା ଜେନା, ଧରିତ୍ରୀ ମହାନ୍ତି, ମିସ୍ ମୋନା ପ୍ରମୁଖ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଷ୍ଟାଫ୍ ସହଯୋଗ କରିଥିଲେ । ସର୍ବ ଶେଷରେ ଶିକ୍ଷୟତ୍ରୀ ତୁଳସୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

## ବାଦ୍ ପଡ଼ିଲେ ୫ ପରୀକ୍ଷାର୍ଥୀ

**ମାର୍ଶାଘାଇ,୨୦।୨ ଏକ୍ସପ୍ରେସ୍ ନ୍ୟୁଜ୍**

ମଟ୍ରିକ ପରୀକ୍ଷା ପ୍ରଥମ ଦିନରେ ମାର୍ଶାଘାଇ ବ୍ଲକ ଅଞ୍ଚଳ ବିଭିନ୍ନ ହାଇସ୍କୁଲରୁ ୫ଜଣ ପରୀକ୍ଷା ଦେଇନଥିବା ଜଣାପଡିଛି । ମାର୍ଶାଘାଇ ବ୍ଲକର ୩୮ଟି ହାଇସ୍କୁଲର ଛାତ୍ରୀଛାତ୍ରମାନେ ୯ଟି ପରୀକ୍ଷା କେନ୍ଦ୍ରରେ ଦଶମ ଫାଇନାଲ ପରୀକ୍ଷା ଦେଉଛନ୍ତି । ମାର୍ଶାଘାଇ ସରକାରୀ ହାଇସ୍କୁଲରେ ୧୪୭ଜଣ ମାଟ୍ରିକ ପରୀକ୍ଷା ଦେଉଥିବା ବେଳେ ମଧ୍ୟମାରେ ୧୫ ଜଣ ପରୀକ୍ଷା ଦେଉଛନ୍ତି । ମଣିନାଗେଶ୍ୱର ହାଇସ୍କୁଲ ଶିଳିପୁର ଠାରେ ୧୩୩ ଜଣ, ପଞ୍ଚାୟତ ହାଇସ୍କୁଲ ଅଙ୍ଗୁଳାଇରେ ୧୧୧, କପିଳମୁନୀ ହାଇସ୍କୁଲ ପିକରାଳୀ ଠାରେ ୧୭୩ ଜଣ ପରୀକ୍ଷା ଦେଉଥିବା ବେଳେ ଜଣେ ଅନୁପସ୍ଥିତ ରହିଛନ୍ତି । ମାର୍ଶାଘାଇ ନୋଡାଲ ହାସ୍କୁଲରେ ୧୧୨ ଜଣ, ଅନ୍ତେଇ ହାଇସ୍କୁଲ ୧୩୭ଜଣ, ଆଖୁଆ ହାଇସ୍କୁଲରେ ୧୬୭ଜଣ, ଜନଶକ୍ତି ହାଇସ୍କୁଲ ପେଣ୍ଠ ଠାରେ୧୮୧ ଜଣ ପରୀକ୍ଷା ଦେଉଥିବା ବେଳେ ୨ଜଣ ଅନୁପସ୍ଥିତ, ଜୟୀରାମ ହାଇସ୍କୁଲ କରଲୋପାଟଣା ଠାରେ ୧୪୪ଜଣ ପରୀକ୍ଷା ଦେଉଥିବା ବେଳେ ୨ଜଣ ପରୀକ୍ଷା ଦେବାରୁ ବଦ ପଡିଛନ୍ତି ।

# ସୂଚ଼ନା ଅଧିକାର ଆଇନ ଉଲ୍ଲଂଘନ

**ଓଡ଼ାପଡ଼ା,୨୦।୨ ଏକ୍ସପ୍ରେସ୍ ନ୍ୟୁଜ୍**

ସରକାର ପ୍ରତ୍ୟେକ କ୍ଷେତ୍ରରେ ଦୁର୍ନୀତି ରୋକିବା ତଥା ସ୍ୱଚ୍ଛତା ଆଣିବାକୁ ୨୦୦୫ ମସିହାରେ ସମ୍ବିଧାନରେ ସୂଚ଼ନା ଅଧିକାର ଆଇନକୁ ଯୋଡ଼ିଛନ୍ତି । ଉଦ୍ଦେଶ୍ୟ କିପରି ପ୍ରତ୍ୟେକ ଭାରତୀୟ ନାଗରିକ ଦେଶର ଯେକୌଣସି ସ୍ଥାନରୁ ସରକାରୀ କିମ୍ବା ବେସରକାରୀ କାର୍ଯ୍ୟକ୍ରମର ସମ୍ପୂର୍ଣ୍ଣ ସୂଚ଼ନା ନିର୍ଦ୍ଦିଷ୍ଟ ସମୟ ସୀମା ଭିତରେ ପାଇପାରିବ । ଢେଙ୍କାନାଳ ଜିଲ୍ଲା ଓଡାପଡା ବ୍ଲକରେ କିନ୍ତୁ ଏହାର ବ୍ୟତିକ୍ରମ ବାରମ୍ୱାର ଦେଖିବାକୁ ମିଳୁଛି । ଅଭିଯୋଗ ମୁତାବକ ଆର୍ଥିକ ବର୍ଷ ୨୦୨୫-୨୬ ବର୍ଷରେ ସମ୍ପୂର୍ଣ୍ଣ ଓଡାପଡା ବ୍ଲକର ୨୮ଟି ପଞ୍ଚାୟତରେ ସରକାରଙ୍କ ଏକ୍ ପେଡ୍ ମା କେ ନାମ ଯୋଜନାରେ କେତେ ଅଟକଳ ବ୍ୟୟ ହୋଇଥିଲା । କେଉଁ ପଞ୍ଚାୟତରେ କେତେ କାର୍ଯ୍ୟ ହୋଇଛି, ବର୍ତ୍ତମାନ ପର୍ଯ୍ୟନ୍ତ ଏହି ଯୋଜନାର କେତେ ସଫଳ ରୂପାୟନ ହୋଇଛି । କେତେ ଅର୍ଥ କେଉଁ କେଉଁ ପଞ୍ଚାୟତକୁ ପଇଠ କରାସରିଲାଣି, କାହା କାହା ଖାତାକୁ କେତେ କେତେ ଅର୍ଥ ରାଶି ପ୍ରଦାନ କରାଯାଇଛି । ଏହାର ସବିଶେଷ ବିବରଣୀ, ସୂଚ଼ନା ଅଧିକାର ଆଇନ ବଳରେ ମଗାଯାଇଥିଲେ ମଧ୍ୟ ନିର୍ଦ୍ଦିଷ୍ଟ ସମୟ ସୀମା ପାର ହେବା ପରେ ମଧ ଓଡାପଡା ବ୍ଲକରେ ଏ ଯାଏଁ ତଥ୍ୟ ମିଳିପାରୁନଥିବା ଅଭିଯୋଗ ହୋଇଛି । ଏପରିକି ଓଡାପଡା ବ୍ଲକରେ ସମସ୍ତ ତଥ୍ୟ ଥାଇ ମଧ, ଜାଣି ଜାଣି ବିଳମ୍ୱ କରାଯାଇ ସୂଚ଼ନା ଅଧିକାରୀ କର୍ମୀମାନଙ୍କୁ ସମସ୍ତ ପଞ୍ଚାୟତକୁ ନିଜେ ଯାଇ ତଥ୍ୟ ଆଣିବାକୁ ଚ଼ାପ ପ୍ରୟୋଗ କରାଯାଉଛି । ଏପଟେ ସୂଚ଼ନା ମାଗିଥିବା କର୍ମୀ ପଞ୍ଚାୟତରୁ ପଞ୍ଚାୟତ ଦୌଡ଼ି ଦୌଡ଼ି ନୟାନ୍ତ ହେବା ପରେବି ପଞ୍ଚାୟତରେ ନିର୍ବାହୀ ଅଧିକାରୀ ଅନୁପସ୍ଥିତ ରହୁଛନ୍ତି ଯାହା ଫଳରେ ପାଇବାକୁ ଚ଼ାହୁଁ ଥିବା ସୂଚ଼ନାଟି ସମୟ ସୀମା ଅନୁସାରେ ମିଳିପାରୁନି । ଏହା ସହିତ ତଥ୍ୟ ପ୍ରଦାନ ନିମନ୍ତେ ନିର୍ଦ୍ଧାରିତ ଅର୍ଥ ପଇଠ କରିବା ପାଇଁ ଚ଼ିଠି ଖଣ୍ଡିଏ ସୂଚ଼ନା କର୍ମୀଙ୍କ ଘରକୁ ପଠେଇ ଦେଇ ନାହିରେ ଘିଅ ଦେଇ ବସିଯାଉଛନ୍ତି ପଞ୍ଚାୟତର ଲୋକ ସୂଚ଼ନା ଅଧିକାରୀ । ନିର୍ଦ୍ଧାରିତ ଅର୍ଥ ପଇଠ କରିବା ପାଇଁ ସୂଚ଼ନା ଅଧିକାର କର୍ମୀଟିଏ ବାରମ୍ୱାର ଦୌଡୁ ଥିଲେ ମଧ୍ୟ ପଞ୍ଚାୟତରେ ବାବୁଙ୍କର ଦେଖା ମଧ୍ୟ ମିଳୁନି । ପଠାଇ ଥିବା ଚ଼ିଠି ଗୁଡିକରେ ଜାଣି ଶୁଣି ଯୋଗାଯୋଗ ନମ୍ବର ଦେଇନଥିବାରୁ ଯୋଗାଯୋଗ ମଧ୍ୟ ହୋଇପାରୁନଥିବା ଅଭିଯୋଗ ହେଉଛି । ଚ଼ିଠି ଗୁଡିକରେ ବିସ୍ତୃତ ଭାବେ କେଉଁ ବାବଦକୁ କେତେ ଟଙ୍କା ପଇଠ ହେବ ସେସବୁ ସୂଚ଼ନା ନଦେଇ ଯାହା ମନରୁ ଆସିଲା ଅନୁମାନ କରି ଅନୈତିକ ଭାବେ ଅର୍ଥ ରାଶି ପୈଠ କରିବା ପାଇଁ ମଧ୍ୟ ବାଧ କରାଯାଉଛି । ଏଠି ପ୍ରଶ୍ନ ଉଠୁଛି କି, ବ୍ଲକ୍‌ରେ ମଗା ଯାଇଥିବା ତଥ୍ୟ ପାଇଁ କାହିଁକି ୨୮ଟି ପଞ୍ଚାୟତ ଦୌଡ଼ିବାକୁ ପଡୁଛି । ସତରେ ଗଛ ଲାଗିଛି ନା ଖାଲି କାଗଜ ପତ୍ର ହେଇଛି । କାହିଁକି ଜଣେ ସାଧାରଣ ଲୋକ ତଥ୍ୟ ପାଇଁ ଏତେ ଖର୍ଚ୍ଚାନ୍ତ ହେବ । କାହିଁକି ସମୟ ସୀମା ମଧ୍ୟରେ ନିର୍ଭୁଲ ତଥ୍ୟ ପ୍ରଦାନରେ ଅସମର୍ଥ ବ୍ଲକ ପ୍ରଶାସନ । କିଛି ଅନ୍ତର୍ନିହିତ ଗୁମର ଖୋଲିଯିବାର ଭୟ ରହୁଛି କି ? ଅଧିକ ପରିମାଣର ଅର୍ଥ ପଇଠ ପାଇଁ କିଏ ବାଧ କରୁଛି । ମାସେ ବିତିଯାଇଥିଲେ ମଧ୍ୟ ତଥ୍ୟ ନଦେଇ ଅଦଣ୍ଡା ଯୁକ୍ତି କରୁଥିବା ଅଧିକାରୀଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନର ବିଧି ରହିଛି । ଏ ସବୁର ବିଧିବଦ୍ଧ ତଦନ୍ତ ଭିଜିଲାନ୍ସ ବିଭାଗ ଦ୍ୱାରା କରାଗଲେ ସବୁ ସତ ସାମ୍ନାକୁ ଆସିବ ବୋଲି ବୁଦ୍ଧିଜୀବି ମହଲରେ ଦାବି ହେଉଛି ।

## ଖୁବଶୀଘ୍ର ମେଡିକାଲ କଲେଜ ପାଇଁ ଶିଳାନ୍ୟାସ



**ଭଦ୍ରକ,୨୦।୨ ଏକ୍ସପ୍ରେସ୍ ନ୍ୟୁଜ୍**

ମୁଖ୍ୟମନ୍ତ୍ରୀ ମୋହନ ଚ଼ରଣ ମାଝୀଙ୍କୁ ସାକ୍ଷାତ କରି ଭଦ୍ରକ ଜିଲ୍ଲାର ଉନ୍ନତି ପାଇଁ ପ୍ରସ୍ତାବ କଲେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର । ଭଦ୍ରକର ମା' ଭଦ୍ରକାଳୀଙ୍କ ପୀଠକୁ ପରିକ୍ରମା ପ୍ରକଳ୍ପ ମାଧ୍ୟମରେ ଆଧୁନିକ ଓ ସୁସଂଗଠିତ ତୀର୍ଥକ୍ଷେତ୍ରରେ ପରିଣତ କରିବା, କୋରକୋରାରେ ୮୦ଫୁଟ ଉଚ୍ଚ ଶ୍ରୀରାମଙ୍କ ପ୍ରତିମା ସହ ରାମାୟଣ ଆଧାରିତ ଥିମ୍ ପାର୍କ ଓ ଲାଇଟ୍ ଆଣ୍ଡ ସାଉଣ୍ଡ ସୋ ମାଧ୍ୟମରେ ଭଦ୍ରକକୁ ଧାର୍ମିକ ପର୍ଯ୍ୟଟନରେ ସ୍ଥାନ ଦେବା, ଅଟଳ ବସଷ୍ଟାଣ୍ଡ ଓ ଚ଼ରମ୍ପା ରେଲୱେ ଷ୍ଟେସନର ଆଧୁନିକ ସୁବିଧା ସହ ଉନ୍ନତୀକରଣ ଓ ସହର ମଧ୍ୟଦେଇ ପ୍ରବାହିତ ସାଳନ୍ଦୀ ନଦୀର ନଦୀତଟ ସୌନ୍ଦର୍ଯ୍ୟକରଣ, ଚ଼ରମ୍ପା କୃଷି ବିଜ୍ଞାନ କେନ୍ଦ୍ରରେ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନା, ନଳାଙ୍ଗ ବାଇପାସ ରିଂ ରୋଡ ପ୍ରକଳ୍ପର ନିର୍ମାଣ । ଭଦ୍ରକ ମେଡିକାଲ କଲେଜ ଓ ବିଶ୍ୱବିଦ୍ୟାଳୟ ନିର୍ମାଣର ଶିଳାନ୍ୟାସ ପାଇଁ ନିବେଦନ କରିଛନ୍ତି । ବିଧାୟକ ଶ୍ରୀ ମହାପାତ୍ରଙ୍କ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଗ୍ରହଣ କରିବା ସହ ଭଦ୍ରକର ସର୍ବାଙ୍ଗୀନ ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ । ମୁଖ୍ୟମନ୍ତ୍ରୀ ପୂର୍ବ ଘୋଷିତ ଦୁଇ ପ୍ରକଳ୍ପ ମେଡିକାଲ କଲେଜ ଓ ବିଶ୍ୱବିଦ୍ୟାଳୟର ଖୁବ୍‌ଶୀଘ୍ର ଶିଳାନ୍ୟାସ ହେବ ବୋଲି କହିଥିଲେ ।

## ଭାଗବତ ପ୍ରତିଯୋଗିତା



**ଖୋର୍ଦ୍ଧା,୨୦।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଖୋର୍ଦ୍ଧା ଜିଲ୍ଲା ଠଣାପଲ୍ଲୀ ମା'କାଳିକା ଠାକୁରାଣି ଭାଗବତ ମଣ୍ଡଳୀର ୩୧ତମ ଭାଗବତ ପ୍ରତିଯୋଗିତା ୧୬ ଫେବୃଆରୀ ଠାରୁ ଆରମ୍ଭ ହୋଇ ୧୯ ଫେବୃଆରୀ ପର୍ଯ୍ୟନ୍ତ ଚ଼ାଲିଥିଲା । ଏହି ଭାଗବତ ପ୍ରତିଯୋଗିତା କାର୍ଯ୍ୟକ୍ରମରେ ଅଞ୍ଚଳର ବିଭିନ୍ନ ପିଠମାନଙ୍କ ଦ୍ୱାରା ଅନେକ ପ୍ରତିଯୋଗିତାମାନେ ଭାଗ ନେଇଥିଲେ । ପ୍ରତିଯୋଗିତାରେ ଭାଗ ନେଇଥିବା ଭାଗବତ ପାଠକମାନଙ୍କ ମଧ୍ୟରେ ପ୍ରଥମ ଦ୍ୱିତିୟ ଓ ତୃତୀୟ ସ୍ଥାନରେ ଉତ୍ତିର୍ଣ୍ଣ କରିବା ନିମନ୍ତେ ଏଠାରେ ବିଚ଼ାରକ ଭାବରେ ଫକୀର ପ୍ରଧାନ ଓ ଧନେଶ୍ୱର ଦାସଙ୍କ ସମେତ ବାଲୁଙ୍କେଶ୍ୱର ମହାପାତ୍ର ଯୋଗଦେଇ ଭାଗବତ ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀମାନଙ୍କ ମଧ୍ୟରେ ଶ୍ରେଷ୍ଠ ପ୍ରତିଯୋଗିତାଙ୍କୁ ବିଚ଼ାରକମାନେ ବାଛିଥିବା ଦେଖିବାକୁ ମିଳିଥିଲା । କୋଦ ପିଠ ମାତୃମଣ୍ଡଳୀକୁ ବିଜେତା ଘୋଷଣା କରି ସିଇ ଓ ମାନପୁର ମାତୃମଣ୍ଡଳୀକୁ କପ ପ୍ରଦାନ କରିଥିବା ଜଣାପଡିଛି । ଏହି ପ୍ରତିଯୋଗିତାରେ ମୁଖ୍ୟଅତିଥି ରୂପେ ଧଳା ପଥର ସରପଞ୍ଚ ଯୋଗ ଦେଇଥିବା ବେଳେ ଉକ୍ତ ପଞ୍ଚାୟତର ସମିତିସଭ୍ୟ ସେବା ସମବାୟ ସମିତି ସମ୍ପାଦକ, ସଭାପତିଙ୍କ ସମେତ ଧଳା ପଥର ଫାଣ୍ଡି ଅଧିକାରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ମଞ୍ଚର ସୌନ୍ଦର୍ଯ୍ୟତାକୁ ବୃଦ୍ଧି କରିବା ସହିତ ଭାଗବତ ଚ଼ର୍ଚ୍ଚା ସମାଜ ପାଇଁ ଆବଶ୍ୟକତା ରହିଥିବା ପ୍ରକାଶ କରିଥିବା ଜଣାପଡିଛି ।

## ଅବକାରୀ ବିଭାଗର ଚଢଉ, ୨ ଗିରଫ

**ଜୟପୁର,୨୦।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଦେଶି ମଦ ଚ଼ାଲାଣ ବେଳେ ଜୟପୁର ଅବକାରୀ ଥାନା ଚ଼ଢାଉ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଦୁଇ ଅଭିଯୁକ୍ତ ହେଲେ ବୈପାରିଗୁଡା ଅଞ୍ଚଳର ଗୋବିନ୍ଦ ଗୌଡ ଓ ଗୋବର୍ଦ୍ଧନ ବିଷୋୟୀ । ସୂଚ଼ନା ଅନୁଯାୟୀ, ବୈପାରିଗୁଡା ଅଞ୍ଚଳରୁ ୨ଟି ସ୍କୁଟିରେ ଜୟପୁରକୁ ଦେଶି ମଦ ଚ଼ାଲାଣ ହେଉଥିବା ସୂଚ଼ନା ପାଇ ଜୟପୁର ଅବକାରି ଥାନା ଚ଼ଢଉ କରିଛି । ଜୟପୁର ସଦର ଥାନା ଅନ୍ତର୍ଗତ ବାଲିଆ ଠାରେ ଚ଼ଢାଉ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଦୁଇ ଅଭିଯୁକ୍ତଙ୍କ ଠାରୁ ୨ଟି ସ୍କୁଟି ଓ ୩୩ ଲିଟର ଦେଶି ମଦ ଜବତ କରିଛି । ଗିରଫ ଦୁଇ ଅଭିଯୁକ୍ତଙ୍କୁ କୋର୍ଟଚ଼ାଲାଣ କରାଯାଇଥିବା ବିଷୟ ଆଜି ଅବକାରି ଥାନା ଓଆଇସି ସୁବ୍ରତ କେଶୋରି ହିରନ ସୂଚ଼ନା ଦେଇଛନ୍ତି

## ରବି ଫସଲକୁ ନେଇ ଚର୍ଚ୍ଚା

**ଢେଙ୍କାନାଳ,୨୦।୨ ଏକ୍ସପ୍ରେସ୍ ନ୍ୟୁଜ୍**

ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସଦଭାବନା ସଭାଗୃହରେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠିଙ୍କ ଅଧକ୍ଷତାରେ ରବି ଫସଲ ୨୦୨୫-୨୬ ନିମନ୍ତେ କୃଷି ନିର୍ଦ୍ଧାରଣ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ବିଶ୍ୱନାଥ ଦାସ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ । ଖରିଫ ଋତୁରେ ବିଭିନ୍ନ ଫସଲ ପାଇଁ ୧୭୨୪୦୦ ହେକ୍ଟର ଜମି ଧାର୍ଯ୍ୟ କରାଯାଇଥିବା ବେଳେ ୧୬୫୫୨୨ ହେକ୍ଟର ଜମିରେ ଏହି ଚାଷ କରାଯାଇଥିବା ସେ ସୂଚନା ଦେଇଥିଲେ । ରବି ଋତୁ ୨୦୨୫-୨୬ରେ ଧାନ ଚାଷ ପାଇଁ ୧୪୦ ହେକ୍ଟର, ଅନ୍ୟାନ୍ୟ ଶସ୍ୟ ଜାତୀୟ ପାଇଁ ୧୯୮୦ ହେକ୍ଟର, ଡ଼ାଲି ଜାତୀୟ ପାଇଁ ୬୩୩୦୦ ହେକ୍ଟର, ତୈଳବୀଜ ପାଇଁ ୧୯୮୫୦ ହେ., ପନିପରିବା ପାଇଁ ୧୮୮୦୦ ହେକ୍ଟର, ମସଲା ଜାତୀୟ ପାଇଁ ୬୦୫୦ ହେକ୍ଟର ଏବଂ ଆଖୁ ଚାଷ ପାଇଁ ୯୫୦ ହେକ୍ଟର ଜମି ଏହିପରି ସମୁଦାୟ ୧୧୧୦୭୦ ହେକ୍ଟର ଜମି ଲକ୍ଷ୍ୟଧାର୍ଯ୍ୟ କରାଯାଇଛି । ଏହି ସବୁ ଚାଷ କାର୍ଯ୍ୟରେ ସମୁଦାୟ ୪୩୦୦ ମେଟ୍ରିକ୍ ଟନ୍‌ର ବିଭିନ୍ନ ସାର ବ୍ୟବହାର କରାଯିବ ବୋଲି ସେ ପ୍ରକାଶ କରିଥିଲେ । ଜିଲ୍ଲାରେ ଶ୍ରୀଅନ୍ନ ଅଭିଯାନ ଓ ଉନ୍ନତ ଆଖୁ ଉତ୍ପାଦନ ଉପରେ ଅଧିକ ଫୋକସ୍ କରାଯାଇଛି । ପାରମ୍ପାରିକ ସାର ବ୍ୟବହାର ସହିତ ଉନ୍ନତ କୃଷି ସରାମ ବ୍ୟବହାର କରାଯାଇ ଉତ୍ପାଦନ ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ସେ କହିଥିଲେ । ରବି ଫସଲ ପାଇଁ ବିଭିନ୍ନ ଉତ୍ସ ମାଧ୍ୟମରେ ୪୪୯୧୬ ହେକ୍ଟର ଜମିକୁ ଜଳସେଚନ କରାଯିବ ବୋଲି ୱାଟରସେଡ୍‌ର ପିଡ଼ି ସନତ କୁମାର ନାୟକ ପ୍ରକାଶ କରିଥିଲେ । ହର୍ଟିକଲଚ଼ରର ଡ଼ିଡ଼ି ଦେବ ପ୍ରକାଶ ରାଉତରାୟ ରବିରେ ହେବାକୁଥିବା ଉଦ୍ୟାନ ଭିତ୍ତିକ ଚାଷ କାର୍ଯ୍ୟ ସଂପର୍କରେ ସୂଚ଼ନା ଦେଇଥିଲେ । ଡ଼ିଡ଼ି, ପ୍ଲାନିଂ ରାଜ ବଲ୍ଲଭ କର ଶସ୍ୟ ଅମଳର ଯୋଜନା ପ୍ରସ୍ତୁତ ସଂପର୍କରେ ଆଲୋଚନା କରିଥିଲେ । ଏହି ବୈଠକରେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ବିମଳେନ୍ଦୁ ମହାନ୍ତି, ଜିଲ୍ଲା ପରିଷଦର ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଆଶିଷ ରଂଜନ ସାହୁ, ସମସ୍ତ ବ୍ଲକର କୃଷି ଅଧିକାରୀମାନେ, ସଂପୃକ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଶେଷରେ କୃଷି ଜିଲ୍ଲା ଅଧିକାରୀ ଜ୍ଞାନେନ୍ଦ୍ର କୁମାର ଦଳେଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ନାବାଳିକାକୁ ଅସଦାଚ଼ରଣ

**ଧର୍ମଶାଳା,୨୦।୨ ଏକ୍ସପ୍ରେସ୍ ନ୍ୟୁଜ୍**

ବ୍ରହ୍ମବରଦା ଥାନା ଅନ୍ତର୍ଗତ ଝାଲପଡା ପଞ୍ଚାୟତରେ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଅଷ୍ଟ ପ୍ରହରୀ ଭୋଜି ପରିବେଷଣ କରିବାକୁ କାକୁଡିକୁଦ ଗ୍ରାମରୁ ୫ଜଣ ଯୁବକ ଆସି ଥିଲେ । ସେମାନଙ୍କ ମଧ୍ୟରୁ ଜଣେ ଯୁବକ ନିତ୍ୟକର୍ମ ସାରିବାକୁ ବାହାନା କରି ବାହାରକୁ ଆସିଥିଲେ । ରାତି ପ୍ରାୟ ପାଖାପାଖି ୯ଟା ସମୟରେ ଉକ୍ତ ଯୁବକ ନିଛାଟିଆ ସ୍ଥାନରେ ଭୋଜି ଖାଇବାକୁ ଆସୁଥିବା ଝାଲପଡା ଗ୍ରାମର ଜଣେ ନାବାଳିକାକୁ ଏକୁଟିଆ ପାଇ ଅସଦାଚ଼ରଣ କରିଥିଲା । ନାବାଳିକା ଜଣ ଚ଼ିତ୍କାର କରିବାରୁ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ଯୁବକକୁ କାବୁ କରିଥିଲେ । ଏନେଇ ନେଇ ବ୍ରହ୍ମବରଦା ଥାନାରେ ନାବାଳିକା ପରିବାର ପକ୍ଷରୁ ଅଭିଯୋଗ କରାଯାଇଥିଲା । ଏହି ଘଟଣାରେ ପୋଲିସ ୨୯।୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ଯୁବକକୁ ଗିରଫ କରି କୋର୍ଟ ଚ଼ାଲାଣ କରିଥିବା ଥାନା ଅଧିକାରିଣୀ ଜୟନ୍ତୀ ମଲ୍ଲିକ ସୂଚ଼ନା ଦେଇଛନ୍ତି । ଯୁବକ ଜଣକ ହେଲେ ବ୍ରହ୍ମବରଦା ଥାନା ଅନ୍ତର୍ଗତ କାକୁଡିକୁଦ ଗ୍ରାମର ବସନ୍ତ ସାହୁଙ୍କ ପୁଅ ଅକ୍ଷୟ ଓରଫ ମଣିଆ(୨୭) ବୋଲି ଜଣାପଡିଛି ।

## 'ଭାଷାର ଉନ୍ମେଷରେ କବିତା' ଆଲୋଚ଼ନା



**ମଦନପୁର/ରାମପୁର,୨୦।୨ ଏକ୍ସପ୍ରେସ୍ ନ୍ୟୁଜ୍**

ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀ ମଣ୍ଡଳ ଓ ଶ୍ରୀ ରାମକୃଷ୍ଣ ଆଶ୍ରମ ମଦନପୁର - ରାମପୁରର ମିଳିତ ଆନୁକୂଲ୍ୟରେ ଏକ କବିତା ପାଠୋତ୍ସବ ଓ ଭାଷାର ଉନ୍ମେଷରେ କବିତା ଶୀର୍ଷକ ଆଲୋଚ଼ନାଚ଼କ୍ର ସୀତା ବଲ୍ଲଭ ମହାପାତ୍ରଙ୍କ ପୌରହିତରେ ଅନୁଷ୍ଠିତ ହୋଇଯାଇଛି । ସୁଶାନ୍ତ ମିଶ୍ର ଓ ଡକ୍ଟର ଆରତି କରଙ୍କ ସଂଯୋଜନାରେ ଉଦୟ ନାୟକ, ବଟ କିଶୋର ପ୍ରଧାନ, ଡଃ ଦେବେନ୍ଦ୍ର କୁମାର ନାୟକ, ବିଶ୍ୱଜିତ୍ ବିଶ୍ୱାଳ, ପଦ୍ମ ଲୋଚ଼ନ ମିଶ୍ର, ହୃଦାନନ୍ଦ ସାହୁ, ଡଃ କିଶୋର ଚନ୍ଦ୍ର ତ୍ରିପାଠୀ, ସଙ୍କୀର୍ତ୍ତନ ପାଲ, ନାରାୟଣ ମହାଲିଂଗ, କୀର୍ତ୍ତନ ଘିବେଲା ପ୍ରମୁଖ କବି ସ୍ୱରଚ଼ିତ କବିତା ପାଠ କରିଥିଲେ । ଏପରି କବିତା ଅଛି ଯାହା ସ୍ରଷ୍ଟା କିଏ ଜଣା ନାହିଁ କିନ୍ତୁ ପୁରୁଷ ପୁରୁଷ ଧରି ମା'ମାନେ ପିଲାମାନଙ୍କୁ ଶୁଣାଇ ଚ଼ାଲିଛନ୍ତି ଏବଂ ଏହିପରି ଶୃତି ମାଧ୍ୟମରେ ଭାଷା, ସାହିତ୍ୟ ଓ ସଂସ୍କୃତିକୁ କବିତା ହିଁ ବଞ୍ଚାଇ ରଖିଥିଲା ବୋଲି ସଭାରେ ମତ ପ୍ରକାଶ ପାଇଥିଲା । ଆଲୋଚ଼ନାରେ ସ୍ୱାମୀ ଅଶୋକାନନ୍ଦ, ଦିନଦୟାଲ ପୁରୀ, ସୁକାଦେବାନନ୍ଦ, ବିରେସାନନ୍ଦ, ସୀତାରାମ ଶର୍ମା, ରାମ ନାରାୟଣ ମିଶ୍ର, ମୁରଲୀଧର ଭାଷ୍ୟମ, କୈଳାଶ ଚ଼ନ୍ଦ୍ର ରଥ, ବିରଜା ପ୍ରସାଦ ଶତପଥୀ, ସୁନିଲ କୁମାର ମହାପାତ୍ର, ବାସ ମହାପାତ୍ର, ଅନ୍ନପୂର୍ଣ୍ଣା ମିଶ୍ର, ରାଜଶ୍ରୀ ମହାପାତ୍ର, ରାମ ପ୍ରସାଦ ହୋତା, ଅନ୍ନଦା ପଟ୍ଟନାୟକ, ଅମିତ୍ କୁମାର ଅଗ୍ରୱାଲ ପ୍ରଭୃତି ଆଲୋଚ଼ନାରେ ଭାଗ ନେଇଥିଲେ ।

## ବନାଗ୍ନି ପ୍ରତିରୋଧ ସଚେତନତା

**ବୁଗୁଡ଼ା,୨୦।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଓଡିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ବନ ବିଭାଗ ପକ୍ଷରୁ ବାଘୁଆ ସ୍ଥାୟୀ ଚ଼ାରା ଉତ୍ପାଦନ କେନ୍ଦ୍ର ପରିସରରେ ବନାଞ୍ଚଳସ୍ତରୀୟ ବନାଗ୍ନି ପ୍ରତିରୋଧ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ବନାଞ୍ଚଳ ଅଧିକାରୀ ମାନସ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ ଶିବିରରେ ମୁଖ୍ୟଅତିଥି ଭାବେ ଭାରତୀୟ ବନସେବା ପ୍ରଶିକ୍ଷଣ ଅଧିକାରୀ ଲାବଡି ଜୈନ, ମୁଖ୍ୟବକ୍ତା ଭାବେ ସହକାରୀ ବନ ସଂରକ୍ଷକ ପ୍ରଦୀପ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ଗଙ୍ଗାଧର ବିଷୋୟୀ, ଗୋପାଳ ଚ଼ନ୍ଦ୍ର ପାତ୍ର, ବିଭୁତି ଭୂଷଣ ମିଶ୍ର, ଗୌରୀ ଶଙ୍କର ମିଶ୍ର ପ୍ରମୁଖ ଯୋଗଦେଇ ବନାଗ୍ନି ପ୍ରତିରୋଧ ସମ୍ପର୍କରେ ଆଲୋକପାତ ସହ ସଚେତନତା କରିଥିଲେ ।

## ପ୍ରମୋଦ ରାଉତରାୟ ସତ୍ୟବାଦୀ ବ୍ଲକ ବିଜେଡି ସଭାପତି

**ସାକ୍ଷୀଗୋପାଳ,୨୦।୨ ଏକ୍ସପ୍ରେସ୍ ନ୍ୟୁଜ୍**

ବିଜୁ ଜନତା ଦଳର ସଭାପତି, ନବୀନ ପଟ୍ଟନାୟକ ପୁରୀ ଜିଲ୍ଲାର ବିଭିନ୍ନ ବ୍ଲକ ସଭାପତି ଓ ଏନ୍‌ଏସିରେ ଥିବା ସଂଗଠନକୁ ମଜଭୁତ କରିବା ନିମନ୍ତେ, ସଭାପତିମାନଙ୍କ ନାମ ଘୋଷଣା କରିଛନ୍ତି । ଏହି କ୍ରମରେ ସତ୍ୟବାଦୀ ବ୍ଲକ ସଭାପତି ଭାବେ ପ୍ରମୋଦ ରାଉତରାୟ, ବିଜୁଜନତା ଦଳ ତରଫରୁ ତୃଣମୂଳସ୍ତରରୁ ଦଳକୁ ସୁଦୃଢ଼ କରିବା ପାଇଁ ଦାୟିତ୍ୱ ମିଳିଛି । ପ୍ରମୋଦ ନରେନ୍ଦ୍ରପୁର, ପୂର୍ବତନ ସରପଞ୍ଚ ହୋଇଥିଲେ । ଏଥର ଦଳ ତାଙ୍କ ଉପରେ ଭରସା କରି ଗୁରୁଦାୟିତ୍ୱ ପ୍ରଦାନ କରିଛନ୍ତି । ସେଇପରି ୧୦ ବର୍ଷ ଧରି ବ୍ଲକ ସଭାପତି ରହିଥିଲେ । ଏଥର ବ୍ଲକ ସଭାପତି ଭାବେ ଦାୟିତ୍ୱ ତୁଲାଇବା ସହିତ ଦଳକୁ ତୃଣମୂଳସ୍ତରରେ ସୁଦୃଢ଼ କରିବେ ବୋଲି ରାଉତରାୟ କହିଛନ୍ତି । ସ୍ଥାନୀୟ ବିଜେଡ଼ି ଦଳର ସଭାପତି ଭାବେ ଘୋଷଣା ହେବା ପରେ ସବୁ ଆଡୁ ଶ୍ରୀ ରାଉତରାୟଙ୍କୁ ଶୁଭେଚ୍ଛା ଓ ଶୁଭକାମନା ମିଳିଛି । ଆଗକୁ, ପଞ୍ଚାୟତ ନିର୍ବାଚ଼ନ ଆସୁଥିବା ବେଳେ ଏହି ପଦବୀର ବହୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଦଳର ବରିଷ୍ଠ ଏବଂ ଜୁବ ନେତୃତ୍ୱଙ୍କୁ ନେଇ ବିଜୁଜନତା ଦଳ ପୁଣି ଜନତାଙ୍କ ସମର୍ଥନ ପାଇବେ ବୋଲି ବ୍ଲକ ସଭାପତି, ପ୍ରମୋଦ ରାଉତରାୟ, ସୂଚ଼ନା ଦେଇଛନ୍ତି । ପୂର୍ବତନ ମୁଖ୍ୟମନ୍ତ୍ରୀ, ତଥା ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଦେବା ସହିତ ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ, ତାଙ୍କ ଉପରେ ଭରଷା କରି ସତ୍ୟବାଦୀ ବ୍ଲକର ଦାୟିତ୍ୱ ଦେଇଥିବାରୁ କୃତଜ୍ଞତା ଜଣାଇଛନ୍ତି ।

## ନିଶା ମୁକ୍ତ ଭାରତ ପାଇଁ ସଚେତନତା

**ବୈଶିଙ୍ଗ,୨୦।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଭାରତ ସରକାରଙ୍କ ଯୁବ ଏବଂ କ୍ରୀଡା ବିଭାଗର ସହାୟତାରେ ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ବେତନଟୀ ଆନୁକୂଲ୍ୟରେ ନିଶା ମୁକ୍ତ ଭାରତ ଗଠନ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ମୟୂରଭଞ୍ଜ ଜିଲ୍ଲାର ମୁଖ୍ୟ ସଞ୍ଚାଳିକା ବିକେ ସାବିତ୍ରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବରେ ବେତନଟୀ ଜଳ ସେଚ଼ନ ବିଭାଗର ଏସଡିଓ ଲକ୍ଷ୍ମଣ କୁମାର ମାଝୀ, ମୁଖ୍ୟବକ୍ତା ଭାବରେ ବେତନଟୀ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ଼କ୍ଟର ରମାକାନ୍ତ ସିଂହ, ଭାରତୀୟ ରେଡକ୍ରସ ସୋସାଇଟିର ଭାଇସ ପେଟ୍ରୋନ ଡ଼କ୍ଟର ରମାକାନ୍ତ ମହାନ୍ତ ଯୋଗଦାନ କରିନିଶା ଦ୍ରବ୍ୟ ସେବନର କୁପରିମାଣ ବିଷୟରେ ସଚେତନତା ସୃଷ୍ଟି କରିଥିଲେ । ନିଶା ନିବାରଣ ସଦଭାବନା ଭବନ ନିକଟରୁ ବାହାରି ହୀରାଲାଲ ହାଇସ୍କୁଲ, ଆମ୍ବଯୋଡ଼ା, ଆଗୁଆଡ଼ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଆଗୁଆଡ଼, ଦୁର୍ଗାପୁର ହାଇସ୍କୁଲ, ଦୁର୍ଗାପୁର, ରଙ୍ଗପାଣି ସରକାରୀ ହାଇସ୍କୁଲ, ରଙ୍ଗପାଣି, ଶାଳଗାଁ ଉଚ୍ଚ ବିଦ୍ୟାଳୟ, ଶାଳ ଗାଁର ଛାତ୍ରଛାତ୍ରୀ ଏବଂ ନୁଣୁ କୁଆ, ଆଗ୍ରିଆ, ନାଖରା, ଆଡିଆ ସାହି, ପାଟଳିପୁରାର ସର୍ବ ସାଧାରଣ ଗ୍ରାମବାସୀମାନଙ୍କୁ ନିଶାଦ୍ରବ୍ୟ ସେବନର ଅପକାରିତା ବିଷୟରେ ବିଶଦ ଭାବରେ ବୁଝାଇ ଥିଲେ । ପାଟଳିପୁରା ଗୀତା ପାଠଶାଳାର ସଂଚ଼ାଳିକା ବିକେ ମମତାଙ୍କର ନେତୃତ୍ୱରେ ଏଡଭୋକେଟ ବିକେ ସତ୍ୟବାନ, ବିକେ ନମିତା, ବିକେ ଦିବ୍ୟ, ବିକେ ରବି, ବିକେ ଛତିଶ ପ୍ରମୁଖ ବିଭିନ୍ନ ବିଦ୍ୟାଳୟ ଏବଂ ଗ୍ରାମକୁ ଯାଇ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ ଏଥିରେ ପୂର୍ଣ୍ଣ ସହଯୋଗ କରିଥିଲେ । ଉଦଘାଟନ ସଭାକାର୍ଯ୍ୟକ୍ରମକୁ ପରିଚ଼ାଳନା କରିଥିଲେ ବ୍ରହ୍ମାକୁମାରିଜ ସଂଗଠନର ଜିଲ୍ଲା ସହ ସଂଚ଼ାଳିକା ବିକେ ବନିତା । ନିଶାମୁକ୍ତ ଭାରତ ପ୍ରଚ଼ାର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ବିକେ ମମତା । ଧନ୍ୟବାଦ ଅର୍ପଣ କରିଥିଲେ ଡାକ୍ତର ବିକେ କୃପାସିନ୍ଧୁ ।

## ଅଙ୍ଗନବାଡ଼ି କେନ୍ଦ୍ରରେ 'ଆମ ବ୍ୟଞ୍ଜନ'

**ଗୋପ,୨୦।୨ ଏକ୍ସପ୍ରେସ୍ ନ୍ୟୁଜ୍**



ପୁରୀ ଜିଲ୍ଲାର ଗୋପ ବ୍ଲକ ଅନ୍ତର୍ଗତ ବଡଗାଁ ପଞ୍ଚାୟତର ପୁଟୁପଡା ଗ୍ରାମରେ ଥିବା ଅଙ୍ଗନବାଡି କେନ୍ଦ୍ରରେ ଗତ ଗୁରୁବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଯାହାର ନାମକରଣ ଥିଲା 'ଆମ ବ୍ୟଞ୍ଜନ' । ଏହା ଭୁଆଁ ସେକ୍ଟର ଅଧିନସ୍ତ ପୁଟୁପଡା ଅଙ୍ଗନବାଡି ଜ୍ଞାନ କେନ୍ଦ୍ର ଠାରେ ଆୟୋଜିତ ହୋଇଥିଲା । ଏହାକୁ ଗୋପ ବ୍ଲକ ସମନ୍ୱିତ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଓଡ଼ିଆ ପାରମ୍ପରିକ ଖାଦ୍ୟର ଗୁରୁତ୍ୱ ଓ ଏହାର ସ୍ୱାସ୍ଥ୍ୟଗତ ଉପକାରିତା ଉପରେ ଆଲୋକପାତ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଅଙ୍ଗନବାଡ଼ି କର୍ମୀ ଅହଲ୍ୟା ପାଣ୍ଡି କହିଛନ୍ତି ଯେ, ଓଡ଼ିଆ ଖାଦ୍ୟ କେବଳ ଏକ ପରମ୍ପରା ନୁହେଁ, ବରଂ ଏହା ଶରୀର ପାଇଁ ଆବଶ୍ୟକୀୟ ଭିଟାମିନ୍ ଓ ଖଣିଜ ଲବଣରେ ଭରପୂର । ବିଶେଷ କରି ଜୈବିକ ପଦ୍ଧତିରେ ପ୍ରସ୍ତୁତ ମାଣ୍ଡିଆ ଜାଉ, ଚ଼କୁଳି ପିଠା ଓ ପାରମ୍ପରିକ ପଣା ଭଳି ଖାଦ୍ୟ ଆଧୁନିକ ଫାଷ୍ଟଫୁଡ୍ ତୁଳନାରେ ଯଥେଷ୍ଟ ଗୁଣକାରୀ । ଆଜିର ପିଢ଼ିକୁ ଆଧୁନିକ ତେଲ-ମସଲାଯୁକ୍ତ ଖାଦ୍ୟରୁ ଦୂରେଇ ରଖି ପୁଣି ଥରେ ନିଜ ସଂସ୍କୃତିର ସୁଷମ ଖାଦ୍ୟ ପ୍ରତି ଆକୃଷ୍ଟ କରିବା ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ । ଏହି ସଚେତନତା କାର୍ଯ୍ୟକ୍ରମରେ ସେକ୍ଟରର ଅଙ୍ଗନୱାଡ଼ି କର୍ମୀମାନେ ଯୋଗ ଦେଇଥିଲେ । ସେମାନଙ୍କୁ ପୁଷ୍ଟିହୀନତା ଦୂର କରିବା ପାଇଁ ଖାଦ୍ୟର ଚ଼ୟନ ଓ ପ୍ରସ୍ତୁତି ପ୍ରଣାଳୀ ସମ୍ପର୍କରେ ସଚେତନ କରାଯାଇଥିଲା । ଏହି ଅବସରରେ ଭୂଆଁ ସେକ୍ଟରର ପର୍ଯ୍ୟବେକ୍ଷିକା ରାଧାରାଣୀ ପ୍ରଧାନ ଅତିଥି ଭାବେ ଉପସ୍ଥିତ ରହି କାର୍ଯ୍ୟକ୍ରମର ପରିଚ଼ାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଙ୍ଗନବାଡ଼ି କର୍ମୀ ମମତା ଜେନା, ସ୍ୱର୍ଣ୍ଣଲତା ଦାସ, କବିତା ବିଶ୍ୱାଳ, ସସ୍ମିତା ଜେନା, ଅଶାନ୍ତି ଦାସ, ଦୀପ୍ତିପ୍ରାଭା ସ୍ୱାଇଁ ଏବଂ ସନ୍ତୋଷୀ ସାହୁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ୧୧ କେନ୍ଦ୍ରରେ ମାଟ୍ରିକ ପରୀକ୍ଷା

**ଖଣ୍ଡପଡ଼ା,୨୦।୨ ଏକ୍ସପ୍ରେସ୍ ନ୍ୟୁଜ୍**

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚ଼ାଳିତ ମାଟ୍ରିକ ପରୀକ୍ଷା ଗୁରୁବାର ଠାରୁ ଆରମ୍ଭ ହୋଇଛି । ଖଣ୍ଡପଡ଼ା ବ୍ଲକ ଅଧୀନ ଖଣ୍ଡପଡ଼ା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ନୋଡାଲ କେନ୍ଦ୍ର ଅଧୀନସ୍ଥ ୧୧ଟି ପରୀକ୍ଷା କେନ୍ଦ୍ରରେ ସମୁଦାୟ ୧୫୬୯ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବାର ବ୍ୟବସ୍ଥା ହୋଇଥିବା ବେଳେ ସର୍ବମୋଟ ୧୫୪୮ ଜଣ ମାତୃଭାଷା ଓଡିଆ ପରୀକ୍ଷା ଦେଇଥିବା ଜଣାପଡିଛି । ବିଭିନ୍ନ କେନ୍ଦ୍ରରେ ୨୧ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ଜଣାପଡ଼ିଛି । ଖଣ୍ଡପଡ଼ା ବ୍ଲକ ଅଧୀନ କୋସକା ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ଓ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ଖଣ୍ଡପଡ଼ା କେନ୍ଦ୍ରରେ ୩ ଜଣ ଲେଖାଁଏ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ବେଳେ ରାମଚଣ୍ଡି ଉଚ୍ଚ ବିଦ୍ୟାଳୟରେ ୪ ଜଣ, ସିଧାମୂଳା ଓ କୁଞ୍ଜବିହାରୀ ବାଳିକା ଉଚ୍ଚ ବିଦ୍ୟାଳୟ କଣ୍ଟିଲୋ କେନ୍ଦ୍ରରେ ଜଣେ ଲେଖାଁଏ, ବଳଦିଆ ନୂଆଗାଁ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୫ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ଜଣାପଡିଛି ।

## ପରୀକ୍ଷାରେ ୨୨ ଛାତ୍ରଛାତ୍ରୀ ଅନୁପସ୍ଥିତ

**ଦଶପଲ୍ଲା,୨୦।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଦଶପଲ୍ଲା ବ୍ଲକ ଅଂଚ଼ଳରେ ଥିବା ୯ଟି ପରୀକ୍ଷା କେନ୍ଦ୍ରରେ ମୋଟ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୨ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇ ନାହାନ୍ତି । ସେଥିମଧ୍ୟରେ ବାଣିଗୋଚ୍ଛାରେ ୩ ଜଣ, ଟାକରାରେ ୧ ଜଣ, ବୁଗୁଡ଼ାରେ ୨ଜଣ, ଦଶପଲ୍ଲାରେ ୪ଜଣ, ଦଶପଲ୍ଲା ବାଳିକା ହାଇସ୍କୁଲରେ ୩ ଜଣ, ରାଧା ମୋହନ ଜିଉରେ ୨ ଜଣ, ସାତପାଟଣା ହାଇସ୍କୁଲରେ ୧ଜଣ, ଖମାରସାହିରେ ୩ ଜଣ ଏବଂ ମଧ୍ୟ ଖଣ୍ଡ ହାଇସ୍କୁଲରେ ୩ଜଣ ଅନୁପସ୍ଥିତ ଥିବା ହେତୁ ପରୀକ୍ଷା ଦେଇପାରି ନାହାନ୍ତି । ଏଥିପାଇଁ ବିଭିନ୍ନ କାରଣ ଦାୟୀ ହେଉ ଥିଲେ ହେଁ ଛାତ୍ରଛାତ୍ରୀମାନଙ୍କ ପରିବାରର ବୋଝ ସହ ଆର୍ଥିକ ସମସ୍ୟା ମୁଖ୍ୟତଃ ଦାୟୀ ବୋଲି ସାଧାରଣରେ ବିବେଚ଼ନା କରାଯାଉଛି । ତେବେ ପରୀକ୍ଷା ଶୃଙ୍ଖଳାର ସହ ଚ଼ାଲିଥିବା ଦଶପଲ୍ଲା ହାଇସ୍କୁଲ ପ୍ରଧାନଶିକ୍ଷକ ତଥା ସୁପରିନଟେଣ୍ଡେଣ୍ଟ ସୁବାସ ଚ଼ନ୍ଦ୍ର ସାହୁ ଜଣାଇଛନ୍ତି ।

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର | ପୃଷ୍ଠା : ୭

● ୨୧ ଫେବୃଆରୀ ୨୦୨୬ ● ଶନିବାର


## ଯାତ୍ରା ମଞ୍ଚ ଲାଗି ସମାଧି ଭାଙ୍ଗିଲା



**ଫୁଲନଖରା:ଏକ୍ସପ୍ରେସ୍ ନ୍ୟୁଜ୍**

ବାଲିଅନ୍ତା ତହସିଲ ଅନ୍ତର୍ଗତ ଜୟର ଶାସନ ମୌଜାରେ ଘଟିଥିବା ଏକ ଅଭାବନୀୟ ଓ ଅସଭ୍ୟ ଘଟଣା ସ୍ଥାନୀୟ ଲୋକଙ୍କ ଭାବାବେଗକୁ ଗଭୀର ଆଘାତ ଦେଇଛି। ଯାତ୍ରା ମଞ୍ଚ ପ୍ରସ୍ତୁତି ପାଇଁ ଶ୍ମଶାନ ପାଖରେ ଥିବା ବହୁ ବର୍ଷ ପୁରୁଣା ପୂର୍ବପୁରୁଷଙ୍କ ସମାଧିକୁ ଭାଙ୍ଗି ଦେଇଥିବା ଅଭିଯୋଗ ଆସିଛି। ସାଂସ୍କୃତିକ କାର୍ଯ୍ୟକ୍ରମର ନାମରେ ଏପରି ଅମାନବିକ କାର୍ଯ୍ୟ ସମାଜରେ ଗଭୀର ଅସନ୍ତୋଷ ସୃଷ୍ଟି କରିଛି। ପ୍ରଶ୍ନ ଉଠୁଛି, ଯାତ୍ରା କରିବା ପାଇଁ କଣ ପୂର୍ବପୁରୁଷଙ୍କ ସମାଧି ଭାଙ୍ଗିବା ଆବଶ୍ୟକ? ଏହା କେବଳ ଏକ ଜମି ବିବାଦ ନୁହେଁ, ଏହା ଆମ ପାରମ୍ପରିକ ମୂଲ୍ୟବୋଧ ଓ ପୂର୍ବଜ ପ୍ରତି ସମ୍ମାନର ପ୍ରଶ୍ନ। ଏନେଇ ସମ୍ପୃକ୍ତ ପରିବାର ପକ୍ଷରୁ ନିକଟସ୍ଥ ଥାନାରେ ଏତଲା ଦାଖଲ କରାଯାଇଛି ବୋଲି ଜଣାପଡିଛି। ତଥାପି ସବୁଠାରୁ ଚିନ୍ତାଜନକ ପ୍ରଶ୍ନ ହେଉଛି ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକ ଓ ତହସିଲ ପ୍ରଶାସନ କିପରି ଏପରି ଏକ ସ୍ଥାନରେ ଯାତ୍ରା ପାର୍ଟି ପକେଇବା ପାଇଁ ଅନୁମତି ଦେଲେ? ଏହା ସହ ଘଟଣାସ୍ଥଳ ନିକଟରେ ଏକ ଉଚ୍ଚ ବିଦ୍ୟାଳୟ ଥିବା ବେଳେ ଓ ପିଲାମାନଙ୍କ ପରୀକ୍ଷା ସମୟ ନିକଟବର୍ତ୍ତୀ ଥିବା ସତ୍ତ୍ୱେ, ଶବ୍ଦ ପ୍ରଦୂଷଣ ଓ ଅନ୍ୟାନ୍ୟ ବିଘ୍ନ ବିଷୟରେ ପ୍ରଶାସନ ଅବଗତ ନଥିଲେ କି? ନା ସବୁ କିଛି ଜାଣିସୁଣି ଅଣଦେଖା କରାଗଲା? ବାଲିଅନ୍ତା ଅଞ୍ଚଳରେ ଏକ ପଟେ ବାଲି ମାଫିଆଙ୍କ ସକ୍ରିୟତା ନେଇ ଆରୋପ ଆସୁଥିବା ବେଳେ, ଅନ୍ୟ ପଟେ ସମାଧି ଭାଙ୍ଗି ଯାତ୍ରା ମଞ୍ଚ ପାଇଁ ଅନୁମତି ମିଳିବା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟପ୍ରଣାଳୀ ଉପରେ ଗଭୀର ସନ୍ଦେହ ସୃଷ୍ଟି କରୁଛି। ପ୍ରଶାସନ କାହା ପକ୍ଷରେ? ସାଧାରଣ ଲୋକଙ୍କ ନା ପ୍ରଭାବଶାଳୀ ଗୋଷ୍ଠୀଙ୍କ? ସାମ୍ବିଧାନିକ ଦାୟିତ୍ୱ ଥିବା ସତ୍ତ୍ୱେ ଯଦି ରାଜସ୍ୱ ବିଭାଗ ଏପରି ସମ୍ବେଦନଶୀଳ ବିଷୟରେ ଅବହେଳା କରେ, ତେବେ ଆଇନ ଶୃଙ୍ଖଳା ଓ ସାମାଜିକ ମୂଲ୍ୟବୋଧ ଦୁହିଁ ଅପମାନିତ ହୁଏ। ଏହି ଘଟଣାର ନିଷ୍ପକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ କଡ଼ା ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକ ଦାବି କରିଛନ୍ତି। ସମାଧି ଭାଙ୍ଗି ଯାତ୍ରା ମଞ୍ଚ ପ୍ରସ୍ତୁତି ଘଟଣା କେବଳ ଏକ ଅନୁଚିତ କାର୍ଯ୍ୟ ନୁହେଁ, ଏହା ସମାଜର ନୈତିକ ମୂଲ୍ୟବୋଧ ଉପରେ ଏକ କଳଙ୍କ। ଯଦି ପ୍ରଶାସନ ଏପରି ଘଟଣାରେ ନିରବ ରହେ, ତେବେ ଆଗାମୀ ଦିନରେ ଏପରି ଅସାମାଜିକ କାର୍ଯ୍ୟ ଆହୁରି ବୃଦ୍ଧି ପାଇବାର ଆଶଙ୍କା ରହିଛି।

## ଗହୀରମଥାରୁ ଟ୍ରଲର ଜବତ

**ରାଜନଗର:ଏକ୍ସପ୍ରେସ୍ ନ୍ୟୁଜ୍**

ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ବେଆଇନ ଭାବେ ମାଛ ଧରୁଥିବା ବେଳେ ବନବିଭାଗର ପାଟ୍ରୋଲିଂ ଦଳ ମା ଦେବୀ-୧୨ ନାମକ ଟ୍ରଲରକୁ ଜବତ କରିଥିଲା। ସେଥିରୁ ଆଠଜଣ ମତ୍ସ୍ୟଜିବୀଙ୍କୁ ଗିରଫ କରିବା ସହ ଗୋଟିଏ ଲେଖାଏଁ ଜିପିଏସ, ଭିଏଚଏଫ ଓ ଫିସଫାଇଣ୍ଡର ସହ ୧୨ଟି ଜାଲ ଏବଂ ୩କ୍ୟୁଟାଂଲ ୮୦କେଜି ମାଛ ଜବତ କରିଥିଲା। ଗିରଫ ମତ୍ସ୍ୟଜିବୀମାନେ ହେଲେ ବାପି ତରାଇ, ରାମଚନ୍ଦ୍ର ମଳିକ, ସଂଜୟ ବେହେରା, ପ୍ରହଲ୍ଲାଦ ପରିଡା, ରୋହିତ ମଳିକ, ମହେଶ୍ୱର ପରିଡା, ଆଦିକନ୍ଦ ମାଝି ଓ ଶରତ ମଳିକ। ଗିରଫ ମତ୍ସ୍ୟଜିବୀମାନେ ଭଦ୍ରକ ଜିଲ୍ଲ ବିଭିନ୍ନ ଥାନା ଅଂଚଳର। ଗିରଫ ମତ୍ସ୍ୟଜିବୀମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବନବିଭାଗ ସୂତ୍ରରୁ ସୂଚନା ମିଳିଛି।

## ମହିଳାଙ୍କ ଆତ୍ମହତ୍ୟା

**ଚାରିଛକ:ଏକ୍ସପ୍ରେସ୍ ନ୍ୟୁଜ୍**

ଚାରିଛକ ଥାନା ଅନ୍ତର୍ଗତ ବାହାରଣା ପଂଚାୟତ ଖୁଲିସ ଗ୍ରାମର ଜଣେ ବିବାହିତା ମହିଳା ନିଜ ଘରେ ଫ୍ୟାନରେ ବେକରେ ଲୁଗା ବାନ୍ଧି ଆତ୍ମହତ୍ୟା କରିଥିବା ଜଣାପଡିଛି। ଆଜି ସକାଳେ ପରିବାର ଲେକେ ଦେଖି ତାଙ୍କୁ ଉଦ୍ଧାର କରି ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତା ମହିଳା ଜଣକ ହେଲେ ଖୁଲିସ ଗ୍ରାମର ପ୍ରତାପ ଖଟୋଙ୍କ ପତ୍ନୀ ପୁଷ୍ପଲତା ଖଟୋଇ (୩୨)। ପ୍ରତାପ ଏକ କମ୍ପାନୀରେ ଚାକିରୀ କରି ରାଜ୍ୟ ବାହାରେ ରୁହନ୍ତି। ପୁଷ୍ପଲତା କୌଣସି କାରଣକୁ ନେଇ ଆତ୍ମହତ୍ୟା କରିଥିବା ଭାଇ ମାନସ ସ୍ୱାଇଁ ଚାରିଛକ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଏକ ମାମଲା ରୁଜୁ କରିବା ସହିତ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

## ନାବାଳିକା ବଳାତ୍କାରୀକୁ ୨୦ ବର୍ଷ ଜେଲ୍

**ଯାଜପୁର:ଏକ୍ସପ୍ରେସ୍ ନ୍ୟୁଜ୍**



ଜନୈକା ୧୭ ବର୍ଷୀୟା ନାବାଳିକାକୁ ପ୍ରେମ ଜାଲରେ ଫଶାଇ ବଳାତ୍କାର କରିଥିବା ଅଭିଯୋଗରେ ପୋକ୍ସୋ ଜଜ୍ ଅଭିଜିତ ପଲେଇ ଅଭିଯୁକ୍ତକୁ ୨୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିବା ସହ ୫ଲକ୍ଷ ଟଙ୍କା ଜରିମାନା ରାୟରେ ପ୍ରକାଶ କରିଛନ୍ତି। ୨୦୨୪ ମସିହା ସେପ୍ଟେମ୍ବର ୩୦ରେ ଯାଜପୁର ରୋଡ଼ ଥାନା ଚାନ୍ଦମା ଗ୍ରାମର କାର୍ତ୍ତିକ ସାହୁଙ୍କ ପୁଅ ସଞ୍ଜୟ ସାହୁ(୨୫) ଜନୈକା +୨ ପ୍ରଥମ ବର୍ଷର ଛାତ୍ରୀଙ୍କୁ ପ୍ରେମ ଜାଲରେ ଫଶାଇଥିଲେ। ଛାତ୍ରୀ ଜଣକୁ ପ୍ରଥମେ ଧଉଳିର ଏକ ଘଞ୍ଚ ଜଙ୍ଗଲରେ ନେଇ ବଳାତ୍କାର କରିଥିଲେ। ଏହାପରେ ଛାତ୍ରୀ ଜଣକ ପ୍ରତ୍ୟେକ ଦିନ କଲେଜ ଯିବା ସମୟରେ ସଞ୍ଜୟ ତାଙ୍କୁ ନେଇ ଯାଜପୁର ରୋଡ଼ର ବିଭିନ୍ନ ଲଜ୍‌ରେ ବାରମ୍ବାର ବଳାତ୍କାର କରିଥିଲେ। ଛାତ୍ରୀ କଲେଜ ନ ଯିବାର ଅଭିଯୋଗ କଲେଜ କର୍ତ୍ତୃପକ୍ଷ ତାଙ୍କ ପରିବାରକୁ ଜଣାଇଥିଲେ। ଏ ନେଇ ମା' ସଂପୃକ୍ତ ଛାତ୍ରୀଙ୍କୁ କଲେଜ ନ ଯିବାର କାରଣ ପଚାରିବାରୁ ଛାତ୍ରୀ ଜଣକ ସମସ୍ତ ଘଟଣା ସମ୍ପର୍କରେ ତାଙ୍କ ମା'ଙ୍କୁ ଅବଗତ କରାଇଥିଲେ। ୨୦୨୫ ମସିହା ଜାନୁଆରୀ ୨ ତାରିଖରେ ଯାଜପୁର ରୋଡ଼ ଥାନାରେ ନାବାଳିକାର ମା' ଏ ନେଇ ଏକ ଲିଖିତ ଅଭିଯୋଗ କରିଥିଲେ। ଲିଖିତ ଅଭିଯୋଗକୁ ଭିତ୍ତି କରି ପୁଲିସ କେଶ ନଂ. ୨/୨୫ରେ ଏକ ବଳାତ୍କାର ମାମଲା ରୁଜୁ କରି ଅଭିଯୁକ୍ତ ସଞ୍ଜୟକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ୧୩ଜଣ ସାକ୍ଷୀ ଓ ପୁଲିସର ଦସ୍ତାବିଜ୍‌କୁ ଆଧାର କରି ପୋକ୍ସୋ ଜଜ୍ ଅଭିଜିତ ପଲେଇ ଅଭିଯୁକ୍ତ ସଞ୍ଜୟକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୫ଲକ୍ଷ ଟଙ୍କା ଜରିମାନା ଅନାଦେୟ ୧ ବର୍ଷ ଅଧିକ ଜେଲ୍ ଦଣ୍ଡ ଭୋଗିବ ବୋଲି ରାୟରେ ପ୍ରକାଶ କରିଛନ୍ତି। ପୀଡ଼ିତାକୁ ୨ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ ନିମନ୍ତେ ଜିଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାଟିକୁ ସରକାରଙ୍କ ପକ୍ଷରୁ ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର ପ୍ରତାପ ରାୟ ପରିଚାଳନା କରିଥିଲେ।

## ପ୍ର. ପ୍ରଭାତ ପାଢ଼ୀ ଆଇସିଆଇ ଭୁବନେଶ୍ୱର ଚାପ୍ଟରର ସଂପାଦକ ନିର୍ବାଚିତ



**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

୨୦୨୬-୨୮ ବର୍ଷ ପାଇଁ ନିକଟରେ ଇଣ୍ଡିଆନ୍ କଂକ୍ରିଟ୍ ଇନ୍‌ଷ୍ଟିଚ୍ୟୁଟ୍ (ଆଇସିଆଇ) ଭୁବନେଶ୍ୱର ଶାଖା ପାଇଁ ଅନୁଷ୍ଠିତ ନିର୍ବାଚନରେ ସୋଆ ବିଶ୍ୱବିଦ୍ୟାଳୟର ପ୍ରଫେସର ପ୍ରଭାତ କୁମାର ପାଢ଼ୀ ନିର୍ବାଚିତ ହୋଇଛନ୍ତି। ସେହିପରି ଏହି ନିର୍ବାଚନରେ ଅଲଟ୍ରା ଟେକ୍ ସିମେଣ୍ଟ ଲିଃର ପୂର୍ବାଞ୍ଚଳ ମୁଖ୍ୟ ପ୍ରଦୀପ କୁମାର ଝା ଭୁବନେଶ୍ୱର କେନ୍ଦ୍ରର ଅଧ୍ୟକ୍ଷ ରୂପେ ନିର୍ବାଚିତ ହୋଇଛନ୍ତି। ପ୍ର. ପାଢ଼ୀଙ୍କର ଏହି ବିଜୟ ପାଇଁ ସୋଆ ପ୍ରତିଷ୍ଠାତା ପ୍ର. ମନୋଜରଞ୍ଜନ ନାୟକ, ସୋଆ ଉପଦେଷ୍ଟା ପ୍ର. ଦାମୋଦର ଆଚାର୍ଯ୍ୟ, ସୋଆ କୁଳପତି ପ୍ର. ପି.କେ. ନନ୍ଦ, ଇଣ୍ଡିଆନ୍ ବିଲ୍ଡିଂ କଂଗ୍ରେସର ଅଧ୍ୟକ୍ଷ ଇଂ. ବିଜୟ ତ୍ରିପାଠୀ, ଆଇଟିଇଆର୍ ଡିନ୍ ପ୍ର. ପି.କେ. ସାହୁ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂର ପୂର୍ବତନ ସଭାପତି ପ୍ର. ଶିବ ଚରଣ ନାୟକ ଓ ଇଂ ଅଶୋକ ବାସା ପ୍ରମୁଖ ପ୍ର. ପାଢ଼ୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### AFFIDAVIT

By virtue of an affidavit sworn before Executive Magistrate, Rajnagar, vide affidavit No.1925, date-16-02-2026. I Basudev Lenka, S/O- Anirudha Lenka, Vill-Dhaneswarpur, Post/ P.S.- Rajnagar, Dist- Kendrapara, State- Odisha, PIN-754225, declare that, I have changed my name from Rajesh Lenka to Basudev Lenka. Henceforth, I shall be known as Basudev Lenka for all purposes.

**S/d- Basudev Lenka.**

## ପ୍ରଶାସନିକ କାର୍ଯ୍ୟଦକ୍ଷତା ବଢ଼ାଇବ ଏଆଇ

**କେନ୍ଦୁଝର:ଏକ୍ସପ୍ରେସ୍ ନ୍ୟୁଜ୍**

ସରକାରୀ କାର୍ଯ୍ୟଧାରାକୁ ଅଧିକ ସ୍ୱଚ୍ଛ, ଦ୍ରୁତ ଏବଂ ପ୍ରଭାବଶାଳୀ କରିବା ଲକ୍ଷ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଦରବାର ହଲରେ ଏକ ଦିନିକିଆ କ୍ଷମତା ବିକାଶ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। 'ପରିଚାଳନାଗତ ଉତ୍କର୍ଷତା ପାଇଁ ଏଆଇ ଉପକରଣ' ଶୀର୍ଷକ ଏହି କର୍ମଶାଳା ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ଏବଂ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ୍ ସେଣ୍ଟରର ମିଳିତ ସହଯୋଗରେ ଆୟୋଜିତ ହୋଇଥିଲା। ଦୈନନ୍ଦିନ ପ୍ରଶାସନିକ କାର୍ଯ୍ୟରେ କୃତ୍ରିମ ବୁଦ୍ଧିମତା ବା ଏଆଇ ଟୁଲ୍‌ସର ବ୍ୟବହାର କରି କିଭଳି କାର୍ଯ୍ୟଦକ୍ଷତା ବଢ଼ାଯାଇପାରିବ, ସେ ନେଇ ବିଶେଷଜ୍ଞମାନେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବିଶେଷକରି ତଥ୍ୟ ବିଶ୍ଳେଷଣ, ଚିଠିପତ୍ର ପ୍ରସ୍ତୁତି ଏବଂ ସରକାରୀ ଯୋଜନାର ସଫଳ ରୂପାୟନ ପାଇଁ ଡିଜିଟାଲ୍ ମାଧ୍ୟମର ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ଅବସରରେ ପ୍ରଶାସନିକ ଅଧିକାରୀମାନଙ୍କୁ ସୋସିଆଲ ମିଡିଆ ପରିଚାଳନା ପାଇଁ 'ପୋଷ୍ଟମାଇଣ୍ଡ ଏଆଇ' ଭଳି ଆଧୁନିକ ଉପକରଣ ବିଷୟରେ ଅବଗତ କରାଯାଇଥିଲା। ଏହି ଟୁଲ୍ ମାଧ୍ୟମରେ କିଭଳି ସହଜରେ ଆକର୍ଷଣୀୟ କ୍ୟାପ୍ସନ ଲେଖାଯାଇପାରିବ, ଗ୍ରାଫିକ୍ସ ଡିଜାଇନ୍ କରାଯାଇପାରିବ ଏବଂ ଏକାସାଙ୍ଗରେ ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟଫର୍ମରେ ସରକାରୀ ସୂଚନା ପ୍ରସାରିତ ହୋଇପାରିବ ସେଥିପାଇଁ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି କର୍ମଶାଳାରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ ଏବଂ ଜିଲ୍ଲା ପ୍ରଶାସନର ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଯୋଗ ଦେଇଥିଲେ।

## ଲାଞ୍ଚ ନେଲାବେଳେ ଭଟିମୁଣ୍ଡା ପିଇଓ ଗିରଫ

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ଜିଲ୍ଲା ଟାଙ୍ଗୀ ଚୌଦ୍ୱାର ବ୍ଲକ ଅନ୍ତର୍ଗତ ଭଟିମୁଣ୍ଡା ଗ୍ରାମ ପଂଚାୟତ ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ଭରତ ଭୂଷଣ ମିଶ୍ରଙ୍କୁ ଶୁକ୍ରବାର ଓଡ଼ିଶା ଭିଜିଲାନ୍ସ ଗିରଫ କରିଛି। ସେ ଜଣେ ମେକାନିକଙ୍କ ଠାରୁ ୫ହଜାର ଲାଂଚ ଦାବି କରିବା ଏବଂ ଗ୍ରହଣ କରିବା ଅଭିଯୋଗରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି। ଭିଜିଲାନ୍ସ ସୂଚନା ମୁତାବକ ଶ୍ରୀ ମିଶ୍ର ଅଭିଯୋଗକାରୀଙ୍କ ବକେୟା ଦରମା ପ୍ରଦାନ ଏବଂ ତାଙ୍କର ଚାକିରି ଅବଧି ବୃଦ୍ଧି କରିବା ପାଇଁ ଅଭିଯୋଗକାରୀଙ୍କ ଠାରୁ ଲାଂଚ ଦାବି କରିଥିଲେ। ଭଟିମୁଣ୍ଡା ଗ୍ରାମ ପଂଚାୟତ ଅଧୀନରେ କାମ କରୁଥିବା ମେକାନିକଙ୍କୁ ପିଇଓ ଲାଂଚ ଦେବାକୁ ଜିଦ ଧରିବା ପରେ ମେକାନିକ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କ ନିକଟରେ ପହଞ୍ଚିଥିଲେ। ଅଭିଯୋଗ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଓଡ଼ିଶା ଭିଜିଲାନ୍ସର ଏକ ଟିମ ଜାଲ ବିଛାଇ ଶ୍ରୀ ମିଶ୍ରଙ୍କୁ ୫ ହଜାର ଟଙ୍କା ଲାଂଚ ଗ୍ରହଣ କରୁଥିବା ସମୟରେ ଧରିଥିଲେ। ତାଙ୍କ ନିକଟରୁ ରାସାୟନିକ ପ୍ରଲେପଯୁକ୍ତ ଲାଂଚ ଟଙ୍କା ଜବତ କରାଯାଇଥିଲା ଓ ଭିଜିଲାନ୍ସ ତାଙ୍କୁ ଗିରଫ କରିଥିଲା। ଗିରଫ ପରେ ସମ୍ଭାବ୍ୟ ଆୟ ବର୍ହିଭୂତ ସଂପତ୍ତିର ତଦନ୍ତ ନେଇ ଶ୍ରୀ ମିଶ୍ରଙ୍କ ସହିତ ଜଡ଼ିତ ଥିବା ୩ଟି ସ୍ଥାନରେ ଏକକାଳୀନ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ ଜାରି କରାଯାଇଛି। ଏହି ଘଟଣାରେ କଟକ ଭିଜିଲାନ୍ସ ଥାନା ମାମଲା ନଂ ୮ ତାରିଖ ୧୯.୦୨.୨୦୨୬ ରେ ଶ୍ରୀ ମିଶ୍ରଙ୍କ ବିରୁଦ୍ଧରେ ଦୁର୍ନୀତି ନିବାରଣ (ସଂଶୋଧନ) ଆଇନ ୨୦୧୮ ଧାରା ୭ ଅନୁଯାୟୀ ରୁଜୁ କରାଯାଇଛି। ଏହି ମାମଲାର ତଦନ୍ତ ଜାରି ରହିଛି।

## ସରିଲା ହରିରାଜପୁର ଜାଗର ମହୋତ୍ସବ

**ବାଙ୍କୀ:ଏକ୍ସପ୍ରେସ୍ ନ୍ୟୁଜ୍**

ଡମପଡ଼ା ବ୍ଲକ ଅନ୍ତର୍ଗତ ଶିମିଳିପୁର ହରିରାଜପୁର ଉଚ୍ଚବିଦ୍ୟାଳୟ ଖେଳପଡିଆ ଠାରେ ତ୍ରୈର୍ଯ୍ୟକ କଳା ସଂସଦ ପକ୍ଷରୁ ଅନୁଷ୍ଠିତ ହୋଇଥିବା ଜାଗର ମହୋତ୍ସବ ଉଦ୍‌ଯାପିତ ହୋଇଛି। ଏହି ଉପଲକ୍ଷେ ଏକ ସଭା ସଂସଦର ସଭାପତି ଦେବୀଦତ୍ତ ବିଭୂତି ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଶ୍ରୀ ସିମେଣ୍ଟର ଓଡ଼ିଶା ମୁଖ୍ୟ ପ୍ରଦୀପ କୁମାର ଭୋଇ ଯୋଗଦେଇ ଏହି ମହୋତ୍ସବ ହଜିଯାଇଥିବା କଳା, ସାହିତ୍ୟ ଓ ସଂସ୍କୃତିକୁ ଉଦ୍‌ଜ୍ଜୀବିତ କରିବା ସହ ଲୁଚି ଯାଇଥିବା ପ୍ରତିଭାମାନଙ୍କୁ ମହୋତ୍ସବ ମଣ୍ଡପରେ ସମ୍ବର୍ଦ୍ଧିତ କରିବା ଏକ ନିଆରା ପରମ୍ପରା ସୃଷ୍ଟି କରିଛି ବୋଲି ବକ୍ତବ୍ୟରେ କହିଥିଲେ। ମୁଖ୍ୟବକ୍ତା ଭାବେ ବାଙ୍କୀ ମହୋତ୍ସବ କମିଟିର ସଂପାଦକ ଡକ୍ଟର ଗଣେଶ୍ୱର ସ୍ୱାଇଁ ଯୋଗଦେଇ ହରିରାଜପୁର ଶିମିଳିପୁର ପଂଚାୟତର ଐତିହ୍ୟ ପ୍ରତିପାଦନ କରିଥିଲେ। ବିଶେଷ ଅତିଥି ଭାବେ ଡମପଡ଼ା ବ୍ଲକ ସାଂସଦ ପ୍ରତିନିଧି ସରୋଜ କୁମାର ମତଗଜ ସିଂହ, ସମ୍ମାନିତ ଅତିଥି ଭାବେ ମହୋତ୍ସବ କମିଟିର ଉପଦେଷ୍ଟା ସମରେନ୍ଦ୍ର ମହାପାତ୍ର, ଓସିଏର ନିର୍ଦ୍ଦେଶକ ସୂର୍ଯ୍ୟନାରାୟଣ ରାଉତ ଯୋଗଦେଇ ଏହି ମହୋତ୍ସବ ଗାଁଗାଁ ଭିତରେ ସମନ୍ୱୟ ରକ୍ଷା କରିବା ସହ ସମସ୍ତଙ୍କ ମଧ୍ୟରେ ଭାଇଚାରା ସୃଷ୍ଟି କରୁଛି ବୋଲି ବକ୍ତବ୍ୟରେ କହିଥିଲେ। ଉପସଭାପତି ବିଭୂପ୍ରସାଦ ସାମଲ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ସଭାରେ ଯୁବଆମ୍ବେଦକର କ୍ଲବ ହରିରାଜୁପରର ଅଜୟ କୁମାର ଭୋଇ, ଯୁବପ୍ରଗତି କ୍ଲବ ପ୍ରଶାନ୍ତ ନାୟକ, ବିବେକ ନାୟକ, ସ୍ୱେଚ୍ଛାସେବୀ ଅଜୟ କୁମାର ନାୟକ, ରାଜୁ ନାୟକ, ଦିବ୍ୟଦର୍ଶନ ବେଶର ଶିଳ୍ପୀ ବିଷ୍ଣୁ ପ୍ରସାଦ ମହାରଣା ତଥା ଅନ୍ୟାନ୍ୟ ବହୁ ପ୍ରତିଭାଧାରୀଙ୍କୁ ମହୋତ୍ସବ ତରଫରୁ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଜାଗର ମହୋତ୍ସବ କମିଟିର ସଂପାଦକ ସୁବୋଧ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନାରେ ସହାୟତା

**ରାୟଗଡ:ଏକ୍ସପ୍ରେସ୍ ନ୍ୟୁଜ୍**

ଆଜି ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନାର ହିତାଧିକାରୀମାନଙ୍କ ପାଇଁ ପ୍ରଦର୍ଶନୀ-ତଥା - ବାଣିଜ୍ୟ ମେଳା ୨୦୨୬ ପ୍ରାରମ୍ଭରେ ସାରା ଭାରତରେ ଅନୁଷ୍ଠିତ ହେବା ଅବସରରେ ଏମଏସଏମଇ ମନ୍ତ୍ରଣାଳୟ କଟକ ତରଫରୁ ରାୟଗଡ଼ା ସରକାରୀ ଆଇଟିଆଇ ପରିସରରେ ସକାଳ ୧୧ଟା ସମୟରେ ଜିଲ୍ଲା ଶିଳ୍ପ କେନ୍ଦ୍ର ଓ ଏମଏସଏମଇର ମିଳିତ ସହଯୋଗିତାରେ ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରାୟଗଡ଼ା ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବୀନ ନାୟକଙ୍କ ଦ୍ୱାରା ଶୁଭାରମ୍ଭ ହୋଇଯାଇଛି। କଟକ ଏମଏସଏମଇ ଯୁଗ୍ମ ନିର୍ଦ୍ଦେଶକ ପିକେ ଗୁପ୍ତା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଏହି ମେଳାରେ ଆୟୋଜନ ସମ୍ପର୍କରେ ବିସ୍ତୃତ ଭାବରେ ଉପସ୍ଥାପନା କରିଥିଲେ। ଏଥିରେ ସ୍ଥାନୀୟ ସରକାରୀ ଆଇଟିଆଇର ସଫଳପ୍ରଦ ବିଦ୍ୟାର୍ଥୀଙ୍କ ଦ୍ୱାରା ଅନ୍ତର୍ନିହିତ ଦକ୍ଷତାର ଉତ୍ପାଦ ପ୍ରଦର୍ଶନ ଯେପରିକି ଟୋକେଇ, ସିଲେଇ, ବଢେଇ, ଇତ୍ୟାଦି ଯାହାକି ବ୍ୟାଙ୍କିଙ୍ଗର ବା ଆର୍ଥିକ ପ୍ରୋତ୍ସାହନ ପାଇଁ ବୈଷୟିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମଞ୍ଚାସିନ ଥିବା ଅତିଥିଙ୍କ ମଧ୍ୟରୁ ପିଏମଇ ରାଜ୍ୟ ସଂଯୋଜକ ଏସକେ ସାହୁ, ଏମଏସଏମଇ କଟକର ଡେଭଲପମେଣ୍ଟ ଏକ୍ସପର୍ଟ ସମପ୍ରିକା ମହାପାତ୍ର, ଜିଏମ ଡିଆଇସି ଏସକେ ପଟ୍ଟନାୟକ, ଡିଆଇପିଆରଓ ବସନ୍ତ ପ୍ରଧାନ, ଏଲଡିଏମ ଡିକେ ବାଉରୀ, ଏମଏସଏମଇ ଡିଏଫଓ ସୁଭାଷ କୁମାର ସାହୁ, ପ୍ରିନ୍ସିପାଲ ବି କେ ବସନ୍ତରାଏ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମଞ୍ଚାସିନ ଥିବା ଅତିଥିଙ୍କନିଜ ନିଜ ଅଭିଭାଷଣ ମାଧ୍ୟମରେ ଉପସ୍ଥିତ ବିଦ୍ୟାର୍ଥୀ, ଉଦ୍ୟୋଗପତି ସମେତ ସମସ୍ତ ଅଂଶୀଦାରଙ୍କୁ ଉତ୍ସାହିତ କରିଥିଲେ। ସଭାର ପରିଶେଷରେ ସଫଳପ୍ରଦ ଭାବେ ୫ଜଣ ମନୋନୀତଙ୍କୁ ୧ଲକ୍ଷ ଟଙ୍କାର ଋଣର ଚେକ୍ ପ୍ରଦାନ କରିଥିଲେ। ଏହି କର୍ଯ୍ୟକ୍ରମରେ ବହୁସଂଖ୍ୟାରେ ଅଂଶଗ୍ରହଣକାରୀଙ୍କ ଉପସ୍ଥିତ ଥିଲେ।

## ପଢ଼ାଇବା ବେଳେ ଟଳିପଡ଼ିଲେ ଶିକ୍ଷକ

**ଜଳେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଜଳେଶ୍ୱର ବ୍ଲକ ଚମାରଗାଁ ପୃଥୁନାଥ ସରକାରୀ ପ୍ରାଥମିକ ବିଦ୍ୟାଳୟର ଆର୍ଟ ଶିକ୍ଷକ ଗୌର ଗୋପାଳ ଦତ୍ତ(୪୪) ମଙ୍ଗଳବାର ଶ୍ରେଣୀଗୃହରେ ପାଠ ପଢ଼ାଇବା ସମୟରେ ପଡ଼ି ସଂଜ୍ଞାହୀନ ହୋଇପଡ଼ିଥିଲେ। ଚେତା ଆସିବାରୁ ଅନ୍ୟ ଶିକ୍ଷକ ଓ ଛାତ୍ରମାନେ ତାଙ୍କୁ ତାରାଦିଘୀ ସ୍ଥିତ ଜନ ଘରକୁ ନେଇଥିଲେ। ସେଠାରୁ ଚିକିତ୍ସା ଲାଗି ତାଙ୍କୁ ପ୍ରଥମେ ଜିକେ ଭଟ୍ଟର ଓ ପରେ ବାଲେଶ୍ୱର ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ ବେଳେ ଡ଼ାକ୍ତର ମୃତ ଘୋଷଣା କରିଥିଲେ। ସେ ଜଣେ ଆଦର୍ଶ ଛାତ୍ର ବତ୍ସଳ, ଅଭିଭାବକ ପ୍ରିୟ ଶିକ୍ଷକ ଭାବେ ପ୍ରାୟ ୧୦ ବର୍ଷ ଧରି କଳା ଶିକ୍ଷକ ଭାବେ କାର୍ଯ୍ୟ କରିଆସୁଥିଲେ। କଳା ଶିକ୍ଷକ ଭାବେ ଚାକିରି କରି ୪ କୁଟୁମ୍ବ ପ୍ରତିପୋଷଣ କରିଆସୁଥିବା ବେଳେ ତାଙ୍କ ଅକାଳ ବିୟୋଗରେ ଦୁଇ ଶିଶୁ ଓ ବିଧବା ପତ୍ନୀ ବେସାହାରା ହୋଇପଡ଼ିଛନ୍ତି। ତେଣୁ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ଲାଗି କଂଗ୍ରେସ ବ୍ଲକ ସଭାପତି ହେମନ୍ତ ଗିରି, ସରପଞ୍ଚ ଚନ୍ଦ୍ରକାନ୍ତ ମଲ୍ଲିକ, ଶିକ୍ଷକ ସଂଗଠନ ପ୍ରମୁଖ ଦାବି କରିଛନ୍ତି।

## ବିଜେପିରେ ମିଶିଲେ ୧୫୦ରୁ ଊର୍ଦ୍ଧ୍ୱ କର୍ମୀ

**ଆଳି:ଏକ୍ସପ୍ରେସ୍ ନ୍ୟୁଜ୍**



କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଅନ୍ତର୍ଗତ ଅଟାଳ ପଞ୍ଚାୟତରେ ବିଜେପି ପକ୍ଷରୁ ମିଶ୍ରଣପର୍ବ ଅନୁଷ୍ଠିତ ହୋଇଯାଇଛି। ଧନେଶ୍ୱରପୁର ଚକ୍ରବାସୁଳାଇ ମନ୍ଦିର ନିକଟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ବିଜେପି ନେତା ତଥା ଜିଲ୍ଲା ଉପ-ସଭାପତି କୃଷ୍ଣଚନ୍ଦ୍ର ପଣ୍ଡା ଶତାଧିକ ବ୍ୟକ୍ତିଙ୍କୁ ଦଳୀୟ ଉତ୍ତରୀୟ ଦେଇ ବିଜେପିରେ ସାମିଲ କରାଇଥିଲେ। ଆଳି ମଣ୍ଡଳ ବିଜେପି ସଭାପତି ତପନ ପରିଡ଼ାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ବିଧାନସଭା ସଂଯୋଜକ ଅନନ୍ତ ରଥ, ରାଜ୍ୟ କୃଷକ ମୋର୍ଚ୍ଚା କାର୍ଯ୍ୟକାରୀ ସଦସ୍ୟ ଭକ୍ତବନ୍ଧୁ ମିଶ୍ର, ଜିଲ୍ଲା ଯୁବମୋର୍ଚ୍ଚା ସମ୍ପାଦକ ବରାହ ଚରଣ ପଣ୍ଡା, ଜିଲ୍ଲା ମହିଳା ମୋର୍ଚ୍ଚା ସଦସ୍ୟା ମମତାମୟୀ ରାଉତ, ପୂର୍ବତନ ସମିତି ସଦସ୍ୟ ପାରେଶ୍ୱର ପାଢ଼ୀ, ମହେଶ୍ୱର ଦାସ, ୱାର୍ଡ ସଦସ୍ୟ ଶ୍ରୀଧର ଦାସ, ଅଟାଳ ପଞ୍ଚାୟତ ବିଜେପି ସଭାପତି ପୂର୍ଣ୍ଣଚନ୍ଦ୍ର ରାଉତ ପ୍ରମୁଖ ଯୋଗଦେଇ ବିଜେପିର ସାଙ୍ଗଠନିକ ଶକ୍ତି, ରାଜ୍ୟ ଓ କେନ୍ଦ୍ରସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ଥିଲେ। ମହେଶ୍ୱର ଦାସ, ପାରେଶ୍ୱର ପାଢ଼ୀ, ଶ୍ରୀଧର ଦାସ, ନିରଞ୍ଜନ ପାଢ଼ୀ, ଅତୁଲ୍ୟ ପରିଡ଼ା, ଅଜାମ୍ବର ବେହୁରା, ପରମେଶ୍ୱର ପରିଡ଼ା, ଜଳଧର ମହାନ୍ତି, ବିଚିତ୍ର ମହାନ୍ତି, ରଙ୍ଗାଧର ବଳ, ସୁବାସ ବେହେରା, ବିବେକାନନ୍ଦ ପାତ୍ର, ମୂରଲୀଧର ପାଢ଼ୀ, ଅଜାମ୍ବର ଦାସ, କେଦାର ମାହୁନ୍ତ, ଦଶରଥ ରାଉତ, ଭଗବାନ ରାଉତ, ଆନନ୍ଦ ରାଉତ, ଜାହ୍ନୁ ମଳିକ, ଅକ୍ଷୟ ଜେନା ପ୍ରମୁଖ ପ୍ରାୟ କୋଡିଏ ପରିବାରର ୧୫୦ରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା ଅନ୍ୟ ରାଜନୈତିକ ଦଳ ପରିତ୍ୟାଗ କରି ବିଜେପିରେ ସାମିଲ ହୋଇଥିଲେ।

## ଠାକୁରଙ୍କ ଶ୍ରୀବିଗ୍ରହ ବିଜେ କଲେ ସମ୍ମିଳନୀ ସ୍ଥଳକୁ

**ରାଜନଗର:ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ମହୁଲିଆଠାରେ ଶନିବାରଠାରୁ ତିନିଦିନ ଧରି ଠାକୁର ଶ୍ରୀଶ୍ରୀ ଅଭିରାମ ପରମହଂସଦେବଙ୍କ ଧର୍ମ ସମ୍ମିଳନୀ ଓ ଭକ୍ତମିଳନ ଉତ୍ସବ ଅନୁଷ୍ଠିତ ହେବ। ଶୁକ୍ରବାର ଦିନ ପ୍ରାୟ ୧୦ଟା ସମୟରେ ରାଜନଗର ଆଶ୍ରମରୁ ଠାକୁରଙ୍କ ଶ୍ରୀ ବିଗ୍ରହକୁ ସୁସଜିତ ରଥରେ ବିଜେ କରାଇ ସଂକୀର୍ତ୍ତନ ଓ ବାଦ୍ୟ ବଜାଇ ବିଶାଳ ଶୋଭାଯାତ୍ରାରେ ତହସିଲ କଲୋନୀରୁ ବାହାରି ରାଜନଗର ବଜାର ପରିକ୍ରମା କରି ମହିଁଷାସୁର, ବାଘୁଆ, କହ୍ନୁଆ, ତିଅର, କୁରୁଂଟି, ହାତିନା ଦେଇ ବନାଛକ ଯାଏ ଯାଇଥିଲା। ସେଠାରୁ ଶିରିଗଡ, ନୋଧାବସନ୍ତ, ନାଥପୁର, ମାଣପଡା, ପୋଖରିଆ ଦେଇ ମହୁଲିଆ ସମ୍ମିଳନୀସ୍ଥଳକୁ ଠାକୁରଙ୍କ ଶୋଭାଯାତ୍ରା ଯାଇଥିଲା। ବିଭିନ୍ନ ସ୍ଥାନରେ ଭକ୍ତମାନେ ପୂଜାର୍ଚ୍ଚନା କରିଥିଲେ। ମହୁଲିଆ ପଚାଂୟତବାସୀଙ୍କ ସହ ବହୁ ସଂଖ୍ୟାରେ ଭକ୍ତ ଓ ଶ୍ରଦ୍ଧାଳୁମାନେ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

## ସାର ଓ ଖାଦ୍ୟଶସ୍ୟ ଲୋଡିଂରେ ପୂର୍ବତଟ ରେଳପଥର ଉଲ୍ଲେଖନୀୟ ବୃଦ୍ଧି

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**



ପୂର୍ବତଟ ରେଳପଥ ଏପ୍ରିଲ-ଜାନୁଆରୀ ୨୦୨୫-୨୬ରେ ମାଲ ପରିବହନ କ୍ଷେତ୍ରରେ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛି ଏବଂ ୨୦୨୪-୨୫ର ସମାନ ଅବଧିରେ ୧୮୧.୨୪ ମିଲିଅନ ଟନ ତୁଳନାରେ ୧୯୯.୫୦ ମିଲିୟନ ଟନ ପ୍ରମୁଖ ସାମଗ୍ରୀ ପରିଚାଳନା କରିଛି। କୋଇଲା ଏବଂ ଲୁହା ପଥର ମାଲ ପରିବହନର ମୁଖ୍ୟ ଆଧାର ରହିଥିବାବେଳେ, ସାର ଏବଂ ଖାଦ୍ୟ ଶସ୍ୟ ଲୋଡିଂରେ ଉଲ୍ଲେଖନୀୟ ବୃଦ୍ଧି କୃଷି ଯୋଗାଣ ଶୃଙ୍ଖଳକୁ ମଜବୁତ କରିବା ଏବଂ ଜାତୀୟ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବାରେ ପୂର୍ବତଟ ରେଳପଥର ବର୍ଦ୍ଧିତ ଅବଦାନକୁ ଉଲ୍ଲେଖ କରୁଛି।

୨୦୨୫-୨୬ ଏପ୍ରିଲ-ଜାନୁଆରୀ ମଧ୍ୟରେ ସାର ଲୋଡିଂ ଗତ ବର୍ଷ ସମାନ ଅବଧିରେ ୫.୮୨ ମିଲିଅନ ଟନ ତୁଳନାରେ ୮.୨୨ ମିଲିଅନ ଟନକୁ ବୃଦ୍ଧି ପାଇଛି। ଏହି ଅଭିବୃଦ୍ଧି ମୁଖ୍ୟତଃ ଓଡ଼ିଶାର ପାରାଦୀପ ଏବଂ ଧାମରା ବନ୍ଦରରେ ଉନ୍ନତ ପରିଚାଳନା ଦ୍ୱାରା ପରିଚାଳିତ ହୋଇଥିଲା। ଆନ୍ଧ୍ର ପ୍ରଦେଶରେ ମଧ୍ୟ ଉଲ୍ଲେଖନୀୟ ବୃଦ୍ଧି ଦେଖାଯାଇଛି। ବିଶାଖାପଟ୍ଟଣମ ଓ ଗଙ୍ଗାବରମ ବନ୍ଦରରୁ କାର୍ଯ୍ୟକ୍ଷମ ପରିବହନ ବ୍ୟବସ୍ଥା ଫଳରେ ସାର ଲୋଡିଂ ୨.୧୧ ମିଲିଅନ ଟନରୁ ବଢ଼ି ୩.୭୧ ମିଲିଅନ ଟନକୁ ପହଞ୍ଚିଛି।

ସେହିପରି ଖାଦ୍ୟ ଶସ୍ୟ ଲୋଡିଂରେ ମଧ୍ୟ ଉତ୍ସାହଜନକ ଅଭିବୃଦ୍ଧି ଦେଖାଇଛି। ୨୦୨୪ -୨୫ ଏପ୍ରିଲ-ଜାନୁଆରୀରେ ଏହା ୨.୩୭ ମିଲିଅନ ଟନରୁ ବୃଦ୍ଧି ପାଇ ଚଳିତ ଆର୍ଥିକ ବର୍ଷରେ ୨.୭୩ ମିଲିଅନ ଟନକୁ ବୃଦ୍ଧି ପାଇଛି। ୨୦୨୫-୨୬ ଏପ୍ରିଲ-ଜାନୁଆରୀ ମଧ୍ୟରେ ସିମେଣ୍ଟ ଲୋଡିଂ ୦.୮୯ ମିଲିଅନ ଟନ ବୃଦ୍ଧି ପାଇଛି, ଯାହା ଗତ ବର୍ଷ ସମାନ ଅବଧିରେ ୦.୭୯ ମିଲିଅନ ଟନ ଥିଲା।

ପେଟ୍ରୋଲିୟମ୍, ତୈଳ ଏବଂ ଲୁବ୍ରିକେଣ୍ଟ୍ ଲୋଡିଂ ଚଳିତ ଅବଧିରେ ୨.୭୦ ମିଲିଅନ ଟନରେ ପହଞ୍ଚିଛି, ଯାହା ଗତ ବର୍ଷ ୨.୪୭ ମିଲିଅନ ଟନ ଥିଲା। ବନ୍ଦର ଏବଂ ଟର୍ମିନାଲଗୁଡିକରେ ଦକ୍ଷ ପରିଚାଳନା ଇନ୍ଧନ ଉତ୍ପାଦଗୁଡ଼ିକର ସୁଗମ ଏବଂ ନିରବଚ୍ଛିନ୍ନ ଗତିବିଧିକୁ ସୁନିଶ୍ଚିତ କରିଛି, ପରିବହନ, କୃଷି ଏବଂ ଶିଳ୍ପ କାର୍ଯ୍ୟକଳାପକୁ ମଜବୁତ ସମର୍ଥନ ଯୋଗାଇଛି।

ତାଳଚେର, ପାରାଦୀପ ଏବଂ ଧାମରା ବନ୍ଦରଗୁଡିକର ପ୍ରମୁଖ ଅବଦାନ ସହିତ କୋଇଲା ଲୋଡିଂ ଗତ ବର୍ଷ ୧୨୬.୬୪ ମିଲିଅନ ଟନରୁ ୧୩୧.୪୪ ମିଲିଅନ ଟନରେ ପହଞ୍ଚିଛି। ଲୁହାପଥର ଲୋଡିଂ ମଧ୍ୟ ୨୬.୦୬ ମିଲିଅନ ଟନରୁ ୩୧.୨୨ ମିଲିଅନ ଟନରେ ଉଲ୍ଲେଖନୀୟ ଭାବରେ ବୃଦ୍ଧି ପାଇଛି।

ସାର ଏବଂ ଖାଦ୍ୟ ଶସ୍ୟ ଲୋଡିଂରେ ବୃଦ୍ଧି ପୂର୍ବତଟ ରେଳପଥର କେବଳ ଶିଳ୍ପ ବିକାଶ ନୁହେଁ ବରଂ କୃଷି ସମୃଦ୍ଧି ଏବଂ ଖାଦ୍ୟ ସୁରକ୍ଷା ପ୍ରତି ଏହାର ପ୍ରତିବଦ୍ଧତାକୁ ମଧ୍ୟ ଦର୍ଶାଉଛି। ସିମେଣ୍ଟ, ପେଟ୍ରୋଲିୟମ ଜାତୀୟ ଦ୍ରବ୍ୟ ଏବଂ ଫିନିସଡ୍ ଇସ୍ପାତରେ ଦୃଢ଼ ପ୍ରଦର୍ଶନ ସହିତ, ପୂର୍ବ ତଟ ରେଳପଥ ଅର୍ଥନୀତିର ଏକାଧିକ କ୍ଷେତ୍ର ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଲଜିଷ୍ଟିକ୍ ମେରୁଦଣ୍ଡ ଭାବରେ କାର୍ଯ୍ୟ ଜାରି ରଖିଛି।




# ଓଡ଼ିଶା ଏକ୍ସପ୍ରେସ୍

କେନ୍ଦ୍ରାପଡ଼ା | 21st February, 2026 Saturday | RNI Regd. No. ODIODI/2009/28880


## ହ୍ୱିସ୍କିର ଟେଷ୍ଟ

ହେଲ୍‌ଥ



ଟନିକ୍

ସ୍ତ୍ରୀଙ୍କ ତାଡ଼ନାରେ ଅତିଷ୍ଠ ମଦ୍ୟପ ସ୍ୱାମୀ ସେଦିନ ଦୁଇଟି ଗିଲାସରେ ହ୍ୱିସ୍କି ଢାଳି ପତ୍ନୀଙ୍କୁ ଡାକିଲେ- ଶୁଣୁଛ, ଟିକେ ଇଆଡ଼େ ଆଇଲ ।

ପତ୍ନୀଦେବୀ ଆସିବାରୁ ସେ ତାଙ୍କ ହାତରେ ଗୋଟିଏ ଗିଲାସ ଧରେଇଦେଇ କହିଲେ- ଟିକେ ପିଇକି ଦେଖିଲ !

ପତ୍ନୀଦେବୀ ବିରକ୍ତିର ସହ ପ୍ରଶ୍ନକଲେ- ଇଏ କ'ଣ ?

ପତିଦେବ ମିଠା ହସି କହିଲେ- ହ୍ୱିସ୍କି ମ ! କ'ଣ ଜାଣିପାରୁନ ? ଟିକେ ପିଇକି ଦେଖୁନ !

ପତ୍ନୀଦେବୀ ହ୍ୱିସ୍କିରୁ ମୁନ୍ଦେ ପିଇଛନ୍ତି କି ନାଇଁ ଚିତ୍କାର କଲେ- ଇଲୋ ମା'ଲୋ ମୋ ତଣ୍ଟି ପୋଡ଼ିଯାଉଛି । ହେ ଭଗବାନ୍ ଏଗୁଡ଼ା ଏତିକି କଡ଼ା ! କି ବାଜେ ଟେଷ୍ଟ.....

ପତିଦେବ ମାଡ଼ିବସିଲେ । କହିଲେ- ଏବେ ବୁଝିପାରୁଛ ତ, ମୁଁ କେତେ କଷ୍ଟରେ ତାକୁ ପିଉଛି ! ଜୀବନ ହାରାମ୍ ହୋଇଯିବ । ଆଉ ତମେ ଭାବୁଛ କ'ଣ ନା ଭାରି ବଢ଼ିଆ ଟେଷ୍ଟ ! ତେଣୁ ମୁଁ ପିଉଛି ! ଅଭ୍ୟାସରେ ପଡ଼ି ଯାଇଥିବାରୁ ବାଧହୋଇ ପିଉଛି । ନହେଲେ ଏଥିରେ ମଜା କମ୍, କଷ୍ଟ ବେଶୀ ! ତଣ୍ଟି କେମିତି ଲାଗୁଛି ଜାଣିପାରୁଛ ତ ? ପୂରା ପୋଡ଼ିଯିବ !!!

# ବିଶ୍ୱକପ୍ ନ ଖେଳିବାରୁ ମାନସିକ ଅବସାଦରେ ବାଂଲାଦେଶ ଖେଳାଳି

**ଢାକା, ୨୦।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ବାଂଲାଦେଶରେ ନୂଆ ସରକାର ଆସିବା ପରେ ଭାରତ ସହିତ ସମ୍ପର୍କ ସୁଧାରିବା ପାଇଁ ବିଭିନ୍ନ ଦିଗରେ ଉଦ୍ୟମ ଆରମ୍ଭ କରିଛି । ପ୍ରଥମେ ଦେଶ ଭାରତ ସହିତ କ୍ରିକେଟ ସମ୍ପର୍କ ସୁଧାରିବାକୁ ଉଦ୍ୟମ ଆରମ୍ଭ କରିଛି । ଏନେଇ ବାଂଲାଦେଶ କ୍ରୀଡା ମନ୍ତ୍ରୀ ଅମିନୁଲ ହକ୍ ଏନେଇ ବାଂଲାଦେଶରେ ଥିବା ଭାରତୀୟ ଉଚ୍ଚାୟୁକ୍ତଙ୍କ ସହ ଆଲୋଚନା ବି କରି ସାରିଛନ୍ତି । ତେବେ ବିଶ୍ୱକପରୁ ବିଦା ହେବା ବାଂଲାଦେଶ ପାଇଁ ଏକ ଝଟକା ଲାଗିଛି । ଯେଉଁଥିରୁ ସହଜରେ ବାହାରିପାରୁନି ବାଂଲାଦେଶ ।

ଏନେଇ ବାଂଲାଦେଶର ବରିଷ୍ଠ ସହାୟକ ପ୍ରଶିକ୍ଷକ ମହମ୍ମଦ(ସିନିୟର ଆସିଷ୍ଟାଣ୍ଟ କୋଚ୍) ସଲାହୁଦ୍ଦିନ ପୂର୍ବତନ କ୍ରୀଡ଼ା ପରାମର୍ଶଦାତା ଆସିଫ୍ ନଜରୁଲଙ୍କୁ ସମାଲୋଚନା କରିଛନ୍ତି । ବାଂଲାଦେଶ ଟି-୨୦ ବିଶ୍ୱକପରେ ନ ଖେଳିବା ପରେ ଦୁଇ ଜଣ କ୍ରିକେଟର ମାନସିକ କୋମାକୁ ଚାଲିଯାଇଥିବା ସେ ଦାବି କରି ମହମ୍ମଦ ୟୁନୁସଙ୍କ ଅନ୍ତରୀଣ ସରକାରକୁ ମଧ ସମାଲୋଚନା କରିଛନ୍ତି ।

ବାଂଲାଦେଶର ପୂର୍ବତନ ମଧ୍ୟବର୍ତ୍ତୀକାଳୀନ ସରକାର ମୁଖ୍ୟ ମହମ୍ମଦ ୟୁନୁସଙ୍କ ଅଧୀନରେ କାର୍ଯ୍ୟ କରିଥିବା ନଜରୁଲ କ୍ରିକେଟକୁ ନେଇ ରାଜନୀତି କରିଥିଲେ । ସୁରକ୍ଷା ଆଳ ଦେଖାଇ ଭାରତୀୟ ମାଟିରେ ମ୍ୟାଚ୍ ନ ଖେଳିବା ପାଇଁ ନିଷ୍ପତ୍ତି ନେଇଥିଲେ । ଫଳରେ ଆଇସିସି ବାଂଲାଦେଶକୁ ବିଶ୍ୱକପରୁ ବିଦା କରିଦେଇଥିଲା । ବାଂଲାଦେଶ ବଦଳରେଶେଷରେ ସ୍କଟଲାଣ୍ଡ ଗ୍ରୁପ୍ ସିରେ ସ୍ଥାନ ପାଇଥିଲା । ଯାହାଫଳରେ ବାଂଲାଦେଶ ପ୍ରଥମଥର ପାଇଁ ଦଳ ପୁରୁଷ ଟି-୨୦ ବିଶ୍ୱକପରୁ ବାଦ ପଡିଥିଲା ।

ଏନେଇ ମିଡିଆକୁ ପ୍ରତିକ୍ରିୟା ଦେଇ ସଲାହୁଦ୍ଦିନ କହିଛନ୍ତି ନଜରୁଲ ଏଭଳି ନିଷ୍ପତ୍ତି ନେଇ କ୍ରିକେଟରଙ୍କ ସ୍ୱପ୍ନ ଭାଙ୍ଗିଛନ୍ତି । ସଲାଉଦ୍ଦିନ କହିଛନ୍ତି 'ଦେଖ, ଯେତେବେଳେ ଜଣେ ଖେଳାଳି ବିଶ୍ୱକପ୍ ଖେଳିବାକୁ ଯାଏ, ସେ ତା'ର ସ୍ୱପ୍ନ, ତା'ର ୨୭ ବର୍ଷର ସ୍ୱପ୍ନକୁ ନେଇ ଚାଲେ । ତୁମେ ଗୋଟିଏ ସେକେଣ୍ଡରେ ସେହି ସ୍ୱପ୍ନକୁ ନଷ୍ଟ କରି ଦେଲ । ଠିକ୍ ଅଛି, ଜାତୀୟତା କାରଣରୁ ଏକ ଦେଶର ନିଷ୍ପତ୍ତି



ଥିଲାତେବେ ସେମାନେ ଦେଶ ପାଇଁ ବଳିଦାନ ଦେଇଥିଲେ । କିନ୍ତୁ ଯଦି କ୍ଷତି ବିଷୟରେ ଭାବ,ତେବେ ମୁଁ କେବଳ ଏହାକୁ ବ୍ୟକ୍ତିଗତ କ୍ଷତି ବୋଲି କହିବି ।'

ସେ ଆହୁରି କହିଛନ୍ତି 'ବ୍ୟକ୍ତିଗତ ଭାବରେ, ତୁମେ ଗୋଟିଏ ପିଲାର ସ୍ୱପ୍ନକୁ ସମ୍ପୂର୍ଣ୍ଣ ଭାବରେ ସମାପ୍ତ କରିଦେଲ । ମୁଁ ଜାଣେ ଯେ ମୋର ଦୁଇଜଣ ଖେଳାଳି ପାଞ୍ଚ ଦିନ ପାଇଁ ମାନସିକ କୋମାରେ ଚାଲିଯାଇଥିଲେ । ଏକପ୍ରକାର ସେମାନେସମ୍ପୂର୍ଣ୍ଣ ହଜି ଯାଇଥିଲେ । ଏହି ଟୁର୍ଣ୍ଣାମେଣ୍ଟରେ ଆମେ ସେମାନଙ୍କୁ ପଡିଆକୁ ଫେରାଇ ଆଣିବାରେ ସକ୍ଷମ ହୋଇଥିଲୁ,ଏହା ଆମ ପାଇଁ ଏକ ବଡ଼ କଥା ।'

ନଜରୁଲଙ୍କୁ ସମାଲୋଚନା କରି ସେ କହିଛନ୍ତି ଯେ ସେ ସମ୍ପୂର୍ଣ୍ଣ ମିଛ କଥା କହିଥିଲେ । ଭାରତରେ ମ୍ୟାଚ୍ ନ ଖେଳିବାକୁ ବାଂଲାଦେଶ ସରକାର ଚାହୁଁଥିଲେ । ହେଲେ ନଜରୁଲ ପରେ କଥା ପରିବର୍ତ୍ତନ କରି କହିଥିଲେ ଯେ ଏହା ଦେଶର ସମ୍ମାନର କଥା ଭାବି ବାଂଲାଦେଶ କ୍ରିକେଟରମାନେ ଖେଳିବାକୁ ମନା କରିଦେଇଥିଲେ । ନଜରୁଲ ଢାକା ୟୁନିଭର୍ସିଟିରେ ଜଣେଶିକ୍ଷକ ଥିଲେ । ମୋ ଦେଶର ଏତେବଡ ଶିକ୍ଷାନୁଷ୍ଠାନର ଜଣେ ଶିକ୍ଷକ ହେଇ ସେ ଏଭଳି ମିଛ କହିବାକୁ ଆମେ ସହଜରେ ଗ୍ରହଣ କରିପାରୁ ନାହୁଁ ବୋଲି ସେ କହିଛନ୍ତି ।

## ହୋଟେଲରେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ: ବାନ୍ଧବୀ ଫେରାର

**ଭୁବନେଶ୍ୱର, ୨୦।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଭୁବନେଶ୍ୱରର ଏକ ହୋଟେଲ୍‌ରେ ଜଣେ ଯୁବକଙ୍କର ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ଘଟିଛି । ମୃତ ଯୁବକଙ୍କ ନାଁ ବୁବୁନା ପ୍ରଧାନ । ତାଙ୍କ ଘର ପୁରୁଣା ଭୁବନେଶ୍ୱରରେ । ତାଙ୍କୁ ହତ୍ୟା କରାଯାଇଥିବା ତାଙ୍କ ବାପା ଅଭିଯୋଗ କରିଛନ୍ତି । ବୁବୁନା ବି.ଟେକ୍ କରିଥିଲେ । ଗତ ୬ ମାସ ହେଲା ସେ ନୟାଗଡ ଅଞ୍ଚଳର ଜଣେ ଯୁବତୀଙ୍କ ସହିତ ଲିଭ୍ ଇନ୍‌ରେ ରହୁଥିଲେ ବୋଲି ଜଣାପଡିଛି ।

ପୁରୁଣା ଭୁବନେଶ୍ୱରର ଅଞ୍ଚଳର ବୁବୁନା ପ୍ରଧାନ ବେଙ୍ଗାଲୁରୁର ଏକ ସଫ୍ଟୱେର କମ୍ପାନୀରେ ଚାକିରି କରିନ୍ତି । ପରିବାର ଲୋକ ଜାଣିଥିଲେ ପୁଅ ବେଙ୍ଗାଲୁରୁରେ ଚାକିରି କରିଛି ବୋଲି । ହେଲେ ପୁଅ ପରିବାରକୁ ନଜଣାଇ ଭୁବନେଶ୍ୱରରେ ପୋଖରୀପୁଟରେ ରହୁଥିଲେ । ଗତକାଲି ବିଳମ୍ବିତ ରାତିରେ ବୁବୁନାଙ୍କ ପ୍ରେମିକା ବୁବୁନାଙ୍କ ସମ୍ପର୍କୀୟ ଭଉଣୀଙ୍କୁ ଫୋନ କରି କହିଥିଲେ ବୁବୁନା ହେଟେଲରେ ରଶି ଲଗାଇ ଦେଇଛି ତୁରନ୍ତ ଆସ । ଏହା ଶୁଣି ପରିବାର ଲୋକ ପୋଖରୀପୁଟ ସ୍ଥିତ ହୋଟେଲକୁ ଯାଇ ବୁବୁନାଙ୍କୁ ନେଇ ଆସିଥିଲେ ଡାକ୍ତରଖାନା । ପରେ ସେଠାରେ ଡାକ୍ତର ବୁବୁନାଙ୍କୁ ମୃତ ଘୋଷଣା କରିଥିଲେ । ବାବୁନାଙ୍କ ପ୍ରେମିକାଙ୍କ ସଙ୍ଗେ ଦୁଇ ଜଣ ପୁଅ ହସ୍ପିଟାଲ ଯାଏଁ ଆସିଥିଲେ । ଆଉ ତା ପରେ ସମସ୍ତେ ଗାୟବ ।

ଏ ଘଟଣାରେ କିନ୍ତୁ ସବୁଠୁ ବଡ ପ୍ରଶ୍ନ ସୃଷ୍ଟି କରିଛି ବୁବୁନା ଘରେ କହିଥିବା ମିଛ କଥା । କେବେଠାରୁ ଓ କାହିଁକି ବେଙ୍ଗାଲୁରୁ କହି



ଭୁବନେଶ୍ୱରରେ ରହୁଥିଲା ସେ ? ଯଦି ପରିବାର ଲୋକ ପ୍ରେମ ବିଷୟରେ ଜାଣିଥିଲେ ତେବେ ସେମାନଙ୍କୁ ମିଛ କହି କାହିଁକି ହୋଟେଲରେ ରହୁଥିଲେ ? ଓୟୋ ରୁମରେ କିଛି ଝଗଡା ପାଇଁ ଏମିତି ଚରମ ନିଷ୍ପତ୍ତି ନେଇଛନ୍ତି ବାବୁନି ନା ତାଙ୍କୁ ହତ୍ୟା କରି ରଶି ଲଗାଇ ଦେଇଥିବାର ମିଛ କହୁଯାଉଛି ? ସେପଟେ ଯୁବତୀ ଜଣକ ପୁଅକୁ ମାରିଦେଇଥିବାର ସିଧା ଅଭିଯୋଗ ଆଣିଛନ୍ତି ମୃତ ବୁବୁନାଙ୍କ ବାପା । ପୁଅକୁ ହୋଟେଲରୁ ରିସିଭ କଲା ବେଳେ ଦୁଇ ଯୁବକ ସେ ଝିଅ ସହ ଥିଲେ । ତେଣୁ ତାକୁ ହତ୍ୟା କରିଥିବା ସନ୍ଦେହହେଉଛି ବୋଲି ବୁବୁନାଙ୍କ ବାପା କହିଛନ୍ତି ।

ଯୁବତୀ ଧରାପଡିବା ପରେ ଏ ଘଟଣା ଉପରୁ ପର୍ଦ୍ଦା ଉଠିପାରିବ । ପୋଲିସ କେବେ ଏ ଘଟଣାର ମୂଳକୁ ଯାଇ ପ୍ରକୃତ କାରଣ ବାହାର କରିବ ତାହା ଦେଖିବାକୁ ବାକି ରହିଲା ।

# ସଂକଟରେ ଓଡ଼ିଆ ଭାଷା-ସଂସ୍କୃତି

**କେନ୍ଦ୍ରାପଡ଼ା, ୨୦।୨: ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ଜିଲ୍ଲାର ଉପାନ୍ତ ରାଜନଗର ଓ ମହାକାଳପଡା ବ୍ଲକର ସମୁଦ୍ର ତଟବର୍ତ୍ତୀ ଅଂଚଳରେ ଓଡିଆ ଭାଷା ସଂସ୍କୃତି ସହିତ ଓଡ଼ିଆ ଅସ୍ମିତା ସଂକଟଜନକ ପରିସ୍ଥିତିର ସମ୍ମୁଖିନ ହୋଇଛି । ଏହି ଅଂଚଳରେ ପ୍ରାୟ ୯୦ ଭାଗ ଲୋକ ଓଡିଆ ବଦଳରେ ବଙ୍ଗଳାରେ କଥାବାର୍ତା କରୁଛନ୍ତି । ଏପରିକି ବିଦ୍ୟାଳୟ ମଧ୍ୟରେ ଶିକ୍ଷାର୍ଥୀମାନେ ବଙ୍ଗଳାରେ ଭାବ ବିନିମୟ ହେଉଥିବା ଦେଖାଯାଉଛି । ଏହି ଉପାନ୍ତ ଅଂଚଳରେ ଓଡିଆ ଭାଷାର ସଙ୍କଟଜନକ ସ୍ଥିତି ପାଇଁ ଅନୁପ୍ରବେଶ ଦାୟୀ । ୧୯୫୦ ମସିହାରେ ବାଂଲାଦେଶ ଗୃହଯୁଦ୍ଧ ସମୟରେ ୧୨୩୭ ଜଣଙ୍କୁ କେନ୍ଦ୍ରାପଡା ଜିଲାରେ ଥଇଥାନ କରାଯାଇଥିଲା । ତେବେ ୨୦୧୧ ମସିହା ଜନଗଣନାରେ ଜିଲ୍ଲାର ବଙ୍ଗଭାଷୀଙ୍କ ସଂଖ୍ୟା ୭୮ ହଜାରରୁ ଉର୍ଦ୍ଧ୍ୱ ଥିବା ରିପୋର୍ଟ ଦର୍ଶାଇଛି । ଏହି ବଙ୍ଗଭାଷୀଙ୍କ ମଧ୍ୟରୁ ଅଦ୍ୟାବଧି ୪୪ ହଜାରରୁ ଉର୍ଦ୍ଧ୍ୱ ଭୋଟ ପରିଚୟ ପତ୍ର ହାସଲ କରିଛନ୍ତି । ୨୦୦୫ ମସିହାରେ କେନ୍ଦ୍ର ସରକାରଙ୍କ ତାଗିଦା ପରେ ଅନୁପ୍ରବେଶକୁ ନେଇ ଏକ ସର୍ଭେ ହୋଇଥିଲା । ଜିଲା ପ୍ରଶାସନ ପକ୍ଷରୁ ହୋଇଥିବା ଏହି ତଦନ୍ତ ସମୟରେ ମହାକାଳପଡା ତହସିଲ ଅଚଂଳର ୧୫୫୧ ଜଣ, ପଟ୍ଟାମୁଣ୍ଡାଇର ୯୦ ଜଣ ଓ ରାଜନଗରର ୩୦ ଜଣ ଅନୁପ୍ରବେଶକାରୀ ବୋଲି ଚିହ୍ନଟ ହୋଇଥିଲେ । ଏଥିମଧ୍ୟରୁ ମହାକାଳପଡା ତହସିଲ ଅଂଚଳର ଚିହ୍ନଟ ଅନୁପ୍ରବେଶକାରୀଙ୍କୁ ଦେଶାନ୍ତର ନୋଟିସ ଜାରି ହୋଇଥିଲେ ମଧ୍ୟ ବିଭିନ୍ନ କାରଣରୁ ଏହା କାର୍ଯ୍ୟକାରୀ ହୋଇନାହିଁ । ବହୁ ସମୟରେ ଅନୁପ୍ରବେଶ ସମ୍ପର୍କରେ ସୂଚନା ମିଳୁଥିଲେ ମଧ୍ୟ ଜିଲା ପ୍ରଶାସନ ଏନେଇ ତତ୍ପରତା ପ୍ରକାଶ କରୁନାହାନ୍ତି । ସେହିପରି ଭୋଟ ବ୍ୟାଙ୍କ ଭାଙ୍ଗିଯିବା ନେଇ ରାଜନେତାମାନେ ଚୁପ ରହୁଥିବା ଦେଖାଯାଉଛି । କେନ୍ଦ୍ରାପଡା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁପ୍ରବେଶକାରୀଙ୍କୁ ରୋକିବା ପାଇଁ ଏକ ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା । ଏହାସତ୍ତ୍ୱେ ସ୍ଥାନୀୟ ଅଂଚଳରେ ଏହାର କୌଣସି ଫରକ ପଡିନାହିଁ । ଏହି ଦୁଇ ବ୍ଲକ ଅଂଚଳର ରାମନଗର, ସୁନିତୀ, ବାବର, ଡାଙ୍ଗମାଳ, ତାଳଚୁଆ, ଭେକ୍ଟା, ରଙ୍ଗଣୀ, ଗୁପ୍ତି, ଭିତରକନିକା, ଗହୀରମଥା, ବେଣାକନ୍ଦା, ଜମ୍ବୁ, ଖରିନାସୀ, ବତୀଘର, ପିତାପାଟ, ଅହିରାଜପୁର, ବରଜି ବାହାକୁଦ, ଅମରାବତୀ, ମଞ୍ଜୁଳାପଲ୍ଲୀ, ଦୈତ୍ୟପ୍ରସାଦ, ରାନିପାଟଣା, ବୀରଭଞ୍ଜପୁର, ଭଞ୍ଜପ୍ରସାଦ, ଟିକାୟତ ନଗର, କୃଷ୍ଣନଗର, ରାଜେନ୍ଦ୍ର ନଗର କନକ ନଗର ଆଦି ଗ୍ରାମଗୁଡିକ ବଙ୍ଗଭାଷୀଙ୍କ ବସ୍ତି ହୋଇଛି । ବଙ୍ଗଭାଷୀଙ୍କ ସଂଖ୍ୟା ଦୃତଗତିରେ ବୃଦ୍ଧି ପାଉଥିବାରୁ ଓଡିଆ ଭାଷାର ବ୍ୟବହାର କମୁଛି । ଓଡିଶାର ସଂସ୍କୃତି, ପରମ୍ପରା ବିଲୋପ ସହ ଓଡିଆ ଭାଷା ବିକୃତ ହେବାରେ ଲାଗିଛି । ଉପରୋକ୍ତ ଅଂଚଳରେ ବସବାସ କରୁଥିବା ଲୋକ ଓଡିଆ ଭାଷାରେ ଲେଖାପଢ଼ା ସହ କଥାବାର୍ତା ପ୍ରତି ବିମୁଖ ହୋଇଛନ୍ତି । ବିଦ୍ୟାଳୟରେ ଛାତ୍ରୀଛାତ୍ର ବଙ୍ଗଳାରେ କଥାବାର୍ତା ହେବା ସହ ବିଭିନ୍ନ ଦୋକାନରେ ବଙ୍ଗଳା ଭାଷାର ଧର୍ମପୁସ୍ତକ, ପଞ୍ଜିକା, କାଲେଣ୍ଡର ଆଦି ବିକ୍ରି ହେଉଛି । ସ୍ଥାନୀୟ ନେତା ଭୋଟରଙ୍କୁ ଆକୃଷ୍ଟ ପାଇଁ ବଙ୍ଗଳାରେ ଭାଷଣ ଦେଉଥିବା ନେତା ତଥା ବକ୍ତାଙ୍କୁ ଆମନ୍ତ୍ରଣ କରିଆଣୁଛନ୍ତି । କେନ୍ଦ୍ରାପଡ଼ା ଜିଲ୍ଲାର ଉକ୍ତ ଉପାନ୍ତ ଅଂଚଳରେ ଓଡ଼ିଆ ଭାଷା ଓ ସଂସ୍କୃତିର ସ୍ଥିତି ରକ୍ଷା କ୍ଷେତ୍ରରେ କୌଣସି ପଦକ୍ଷେପ ଏଯାଏ ନିଆଯାଇନଥିବା ବୁଦ୍ଧିଜୀବି ମହଲରେ ମତପ୍ରକାଶ ପାଇଛି ।

## ଛାତ୍ର କଂଗ୍ରେସର ସଭାପତି ହେଲେ ବିନୋଦ ଜାଖଡ

**ନୂଆଦିଲ୍ଲୀ, ୨୦।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଭାରତୀୟ ଜାତୀୟ କଂଗ୍ରେସର ଛାତ୍ର ଶାଖା ଏନଏସୟୁଆଇ ଶୁକ୍ରବାର ବିନୋଦ ଜାଖଡଙ୍କୁ ନୂତନ ଜାତୀୟ ସଭାପତି ଭାବରେ ନିଯୁକ୍ତ କରିଛି । ଦଳର ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳଙ୍କ ଦ୍ୱାରା ଜାରି ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଏହି ଘୋଷଣା କରାଯାଇଛି ।

କଂଗ୍ରେସ ରାଷ୍ଟ୍ରୀୟ ଅଧକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ବିନୋଦ ଜାଖଡ଼ଙ୍କୁ ଏନଏସୟୁଆଇର ସଭାପତି ଭାବରେ ନିଯୁକ୍ତ କରିଛନ୍ତି । ଯାହା ତୁରନ୍ତ କାର୍ଯ୍ୟକାରୀ ହେବ ବୋଲି ବିବୃତ୍ତିରେ କୁହାଯାଇଛି । ଶ୍ରୀ ଜାଖଡ଼ ରାଜସ୍ଥାନର ନାଗୌର ଜିଲ୍ଲାର ମେର୍ଟା ସହରର ବାସିନ୍ଦା । ସେ ବହୁ ବର୍ଷ ଧରି ସଂଗଠନ ସହିତ ଜଡିତ ଅଛନ୍ତି । ଦଳ ବିଦାୟୀ ସଭାପତି ବରୁଣ ଚୌଧୁରୀଙ୍କ ଅବଦାନକୁ ମଧ ସ୍ୱୀକାର କରିଛି । ଛାତ୍ର ସଂଗଠନର ନେତୃତ୍ୱ ନେବାରେ ତାଙ୍କର ଭୂମିକା ପାଇଁ ତାଙ୍କୁ ଧନ୍ୟବାଦ ଦେଇଛି ।

ଶ୍ରୀ ଜାଖଡ଼ ଏକ ସାଧାରଣ ଦଳିତ ପରିବାରରୁ ଆସିଛନ୍ତି । ତାଙ୍କ ବାପା ଜଣେ ମେକାନିକ ଭାବରେ କାମ କରନ୍ତି ଏବଂ ତାଙ୍କ ମା ଜଣେ ଗୃହିଣୀ । ଚାରି ଭାଇଭଉଣୀଙ୍କ ମଧ୍ୟରୁ ବଡ଼ । ବିନୋଦ ସାତ ବର୍ଷ ବୟସରେ ତାଙ୍କ ପରିବାର ସହିତ ଜୟପୁର ଚାଲିଯାଇଥିଲେ । ତାଙ୍କ ବାପା ଏକ ଘରୋଇ ସ୍କୁଲରେ କାମ ପାଇଥିଲେ, ଯେଉଁଠାରେ ବିନୋଦ ମାଗଣା ଶିକ୍ଷା ପ୍ରାପ୍ତ କରିଥିଲେ । ବିନୋଦ ଜାଖର ରାଜନୀତି ବିଜ୍ଞାନରେ ଡିଗ୍ରୀ ହାସଲ



କରିଥିଲେ । ତା'ପରେ ସେ ୨୦୧୭ରେ ସମାଜଶାସ୍ତ୍ରରେ ଏମ୍ଏ ଡିଗ୍ରୀ ହାସଲ କରିଥିଲେ ।

ସେ ବର୍ତ୍ତମାନ ରାଜସ୍ଥାନୀ ଭାଷାରେ ଏମ୍ଏ କରୁଛନ୍ତି । ପାଠପଢ଼ା ସହିତ, ସେ ଛାତ୍ର ସମାଜର ସମସ୍ୟାଗୁଡ଼ିକୁ ଉଠାଇ ଚର୍ଚ୍ଚାକୁ ଆସିଥିଲେ । ଏନଏସୟୁଆଇ ସହିତ ସକ୍ରିୟ ଭାବରେ କାର୍ଯ୍ୟ କରୁଥିଲେ ବିନୋଦ । ସେ ୨୦୧୪ ମସିହାରେ ରାଜସ୍ଥାନ କଲେଜର ସଭାପତି ନିର୍ବାଚିତ ହୋଇଥିଲେ । ପରବର୍ତ୍ତୀ ସମୟରେ, ୨୦୧୮ ମସିହାରେ ସେ ରାଜସ୍ଥାନ ବିଶ୍ୱବିଦ୍ୟାଳୟ ଛାତ୍ର ସଂଘ ନିର୍ବାଚରେ ଏନଏସୟୁଆଇ ଠାରୁ ଟିକେଟ୍ ପାଇନଥିଲେ ।

ଟିକେଟ୍ ପାଇବାରୁ ବଞ୍ଚିତ ହେବା ସତ୍ତ୍ୱେ, ବିନୋଦ ଜାଖର ସ୍ୱାଧୀନ ପ୍ରାର୍ଥୀ ଭାବରେ ନିର୍ବାଚନ ଲଢ଼ିଥିଲେ । ଅଗଷ୍ଟ ୨୦୧୮ରେ ରାଜସ୍ଥାନ ବିଶ୍ୱବିଦ୍ୟାଳୟ ଛାତ୍ର ସଂଘର ସଭାପତି ନିର୍ବାଚିତ ହୋଇଥିଲେ । ବିଶ୍ୱବିଦ୍ୟାଳୟର ପ୍ରାୟ ୭୦ ବର୍ଷର ଇତିହାସରେ ସେ ପ୍ରଥମ ଦଳିତ ସଭାପତି ହୋଇଥିଲେ । ଏହି ସଫଳତା ତାଙ୍କ ରାଜନୈତିକ କ୍ୟାରିୟରରେ ଏକ ପ୍ରମୁଖ ମୋଡ଼ ଆଣିଥିଲା ।

# ଲୋକଙ୍କ ବଦଳରେ ମେସିନ କରୁଛି କାମ

**କେନ୍ଦ୍ରାପଡ଼ା, ୨୦।୨: ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡ଼ା ମହାକାଳପଡା ବ୍ଲକ ଲାଞ୍ଜୁଡ଼ା ପଞ୍ଚାୟତରେ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ବ୍ୟାପକ ହରିଲୁଟ ହୋଇଥିବା ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି ଗ୍ରାମବାସୀ । ଗ୍ରାମବାସି ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ କେନ୍ଦ୍ର ସରକାରଙ୍କ ମନରେଗା ଯୋଜନାରେ ପ୍ରତେକ ମଜୁରିଆ ଲୋକଙ୍କୁ କାମ ଦେବା ପାଇଁ ନୀୟମ ରହିଛି । କିନ୍ତୁ ଲାଞ୍ଜୁଡା ପଞ୍ଚାୟତରେ ଲୋକଙ୍କ ବଦଳରେ ମେସିନ କାମ କରୁଛି । ଫଳରେ ଲୋକମାନେ କାମ ନପାଇ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି । କିନ୍ତୁ ପଞ୍ଚାୟତରେ କୋଟି କୋଟି ଟଙ୍କାର କାମ ହେଉଥିବା ବେଳେ ଜବ କାର୍ଡଧାରୀଙ୍କୁ କାମ ମିଳୁନାହିଁ । ଗରିବ ମଜୁରିଆଙ୍କ ପ୍ରାପ୍ୟକୁ ହରିଲୁଟ କରାଯାଉଛି । ପ୍ରତ୍ୟେକ ଜବକାର୍ଡଧାରୀ କାମ କରୁଥିବା ଦର୍ଶାଯାଇ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଇସା ପଞ୍ଚାୟତ ତରଫରୁ ପଠାଯାଉଛି । ପ୍ରରବର୍ତ୍ତୀ ମୁହୂର୍ତ୍ତରେ ସେହି ଆକାଉଣ୍ଟଧାରୀ ନିଜ ଖର୍ଚ୍ଚ ପାଇଁ ୧୦୦/୨୦୦ଟଙ୍କା ରଖି ଅବଶିଷ୍ଟ ପଇସା ଫେରାଉଛନ୍ତି । ସବୁଠାରୁ ବଡ଼କଥା ହେଲା ଯେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଜଣାତରେ ହେଉଛି । ସରକାରୀ ନିୟମର ଧଜିଆ ଉଡାଇଛନ୍ତି ଅଧିକାରୀ ଜଣକ । ଗରିବଙ୍କ ଆଖିର ଆଙ୍ଗୁଠି ଗେଞ୍ଜି ଲକ୍ଷ ଲକ୍ଷ ଟଙ୍କା ଲୁଟ କରୁଛନ୍ତି । ଏହା ଲାଞ୍ଜୁଡା ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ଜିଆରଏସଙ୍କ ମିଳିଭଗତରେ ପଞ୍ଚାୟତରେ ବ୍ୟାପକ ଅନିୟମିତତା ହେବା ସହ ସରକାରୀ ଅର୍ଥକୁ ତୋଷାରପାତ ହେଉଥିବା ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି ପଞ୍ଚାୟତବାସୀ ।

## ପ୍ରଥମ ପୃଷ୍ଠାରୁ...

### ମୋହନଙ୍କ ମେଗା...

କୋଟି ଟଙ୍କାରୁ ୧.୧୪ଲକ୍ଷ କୋଟି ଟଙ୍କା ପ୍ରଶାସନିକ ବ୍ୟୟ, ୧.୮୦ଲକ୍ଷ କୋଟି ଟଙ୍କା କାର୍ଯ୍ୟକ୍ରମ ବ୍ୟୟ, ୧୦୬୨୫ କୋଟି ଟଙ୍କା ସ୍ଥାନୀୟ ସ୍ୱାୟତ୍ତ ସଂସ୍ଥାକୁ ହସ୍ତାନ୍ତର ଓ ବିପର୍ଯ୍ୟୟ ପ୍ରଶମନ ପାଣ୍ଠିରୁ ୫୩୭୫କୋଟି ଆକାରରେ ଖର୍ଚ୍ଚ କରିବେ ।

ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ସରକାର ନିଜର ପୁଞ୍ଜି ବ୍ୟୟକୁ ପ୍ରାୟ ୧୧ ପ୍ରତିଶତ ବୃଦ୍ଧି କରି ୭୨୧୦୦କୋଟି ଟଙ୍କା ଧାର୍ଯ୍ୟ କରିଛନ୍ତି । ଯାହାକି ରାଜ୍ୟ ଜିଡିପିର ୬.୫ ପ୍ରତିଶତ ଓ ଦେଶର ପ୍ରମୁଖ ରାଜ୍ୟ ମଧ୍ୟରେ ସର୍ବାଧିକ ବୋଲି କୁହାଯାଉଛି । ସରକାର ନିଜର ବଜେଟ୍ ଆକାରକୁ ବୃଦ୍ଧି କରିବା ସହ ୨୦୩୬ ସୁଦ୍ଧା ଓଡିଶାକୁ ୫୦୦ ବିଲିୟନ ଡଲାରର ଅର୍ଥନୀତିରେ ପରିଣତ କରିବାର ଲକ୍ଷ୍ୟ ଦିଗରେ ଅଗ୍ରସର ହୋଇଥିବା ବଜେଟ ଆକଳନରୁ ଜଣାପଡିଛି ।

ନିମ୍ନ ମଧ୍ୟବିତ୍ତ ଓ ଚାକିରିଆଙ୍କ ଉପରୁ ଆର୍ଥିକ ବୋଝ ହ୍ରାସ କରିବା ପାଇଁ ମୋହନ ସରକାର ଏକ ବଡ ଘୋଷଣା କରିଛନ୍ତି । ଦୀର୍ଘ ଦିନର ଦାବିକୁ ପୂରଣ କରି ୨୦୨୬ ଏପ୍ରିଲ ପହିଲାଠାରୁ ପ୍ରଫେସନାଲ ଟ୍ୟାକ୍ସକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରାଯିବ ବୋଲି ବଜେଟରେ ଘୋଷଣା କରିଛନ୍ତି । ଏଥିଯୋଗୁ ସରକାରଙ୍କୁ ବାର୍ଷିକ ପ୍ରାୟ ୩୨୦କୋଟି ଟଙ୍କା ରାଜସ୍ୱ ହରାଇବାକୁ ପଡିବ । କିନ୍ତୁ ଲକ୍ଷଲକ୍ଷ କମର୍ଚାରୀ ସିଧାସଳଖ ଉପକୃତ ହେବେ । ସେହିପରି ଅଷ୍ଟମ ବେତନ କମିଶନ ଆଧାରରେ ରାଜ୍ୟର କର୍ମଚାରୀମାନଙ୍କୁ ଦରମା ଦେବା ଉଦ୍ଦେଶ୍ୟରେ ପ୍ରଶାସନିକ ଖର୍ଚ୍ଚରେ ୧୧ ପ୍ରତିଶତ ବୃଦ୍ଧି କରିଛନ୍ତି ।

ପଂଚାୟତ ନିର୍ବାଚନ ପୂର୍ବରୁ ଗ୍ରାମାଂଚଳକୁ ସୁଦୃଢ଼ କରିବା ପାଇଁ ସରକାର 'ମିଶନ ପାୱାର' (ଶକ୍ତି, ଜଳ ଓ ସଡକ) ନାମରେ ନୂଆ ପଦକ୍ଷେପ ନେଇଛନ୍ତି । ପଂଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ସରକାର ଗ୍ରାମାଂଚଳ ଭିତ୍ତିଭୂମି ବିକାଶ ପାଇଁ ୪୪୩୦୯କୋଟି ଟଙ୍କାର ବିଶାଳ ବ୍ୟୟବରାଦ କରିଛନ୍ତି, ଯାହାକି ବିଗତ ବର୍ଷ ତୁଳନାରେ ୧୩ ପ୍ରତିଶତ ଅଧିକ । ଗ୍ରାମାଂଚଳର ଅସଂପୂର୍ଣ୍ଣ ପାଇପ୍ ଜଳ ପ୍ରକଳ୍ପଗୁଡିକୁ ଶେଷ କରିବା ପାଇଁ 'ରାଜ୍ୟ ସହାୟତାପ୍ରାପ୍ତ ଗ୍ରାମୀଣ ପାଇପ୍ ଜଳ ଯୋଗାଣ ପ୍ରକଳ୍ପ' ନାମରେ ଏକ ନୂଆ ପଦକ୍ଷେପ ନିଆଯାଇଛି । କୃଷି ବାଣିଜ୍ୟର ଆଧୁନିକୀକରଣ ପାଇଁ ରାଜ୍ୟରେ '୧୦୦ଟି ସ୍ମାର୍ଟ ଫାର୍ମ ମାର୍କେଟ୍' (ମଡେଲ ମଣ୍ଡି) ସ୍ଥାପନ କରାଯିବ ।

ଗ୍ରାମାଂଚଳରେ ଶ୍ରମିକମାନଙ୍କୁ ୧୨୫ ଦିନର କାମ ଯୋଗାଇ ଦେବାକୁ 'ଭିବି ଜି-ରାମ-ଜି' ବା ରୋଜଗାର ଗ୍ୟାରେଣ୍ଟି ମିଶନ ପ୍ରଣୟନ ହୋଇଛି । ସ୍ଥାନାନ୍ତରଣ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ 'ଡାଲଖାଇ' ନାମକ ନୂତନ କାର୍ଯ୍ୟକ୍ରମ ଓ ଜନଜାତିଙ୍କ ଆୟ ବୃଦ୍ଧି ପାଇଁ 'ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ' ଘୋଷଣା ହୋଇଛି । ଯୁବ ଶିକ୍ଷାର୍ଥୀଙ୍କ ପାଇଁ 'ଗୋଦାବରୀଶ ବିଦ୍ୟାର୍ଥୀ ପ୍ରୋତ୍ସାହନ ଯୋଜନା' ମାଧ୍ୟମରେ ମାଗଣା ଲ୍ୟାପଟପ୍ ଓ ଛାତ୍ରୀଙ୍କ ସୁରକ୍ଷା ପାଇଁ 'ଶକ୍ତିଶ୍ରୀ ଯୋଜନା' ଆରମ୍ଭ କରାଯିବ । ବିଦ୍ୟାଳୟ ଆଧାରିତ ପ୍ରାରମ୍ଭିକ ଶୈଶବ ଶିକ୍ଷାକୁ ଆହୁରି ସୁଦୃଢ଼ କରିବା ପାଇଁ ସମଗ୍ର ଶିକ୍ଷାକୁ ରାଜ୍ୟ ସହାୟତା ଅଧୀନରେ ୧୧୩୧ କୋଟି ଟଙ୍କାର ଆବଣ୍ଟନ ପ୍ରସ୍ତାବ ରହିଛି । ଯେଉଁଥିରୁ ଶିଶୁ ବାଟିକା ଛାତ୍ରଛାତ୍ରୀଙ୍କୁ ମାଗଣା ପୋଷାକ ଯୋଗାଣ ପାଇଁ ୩୨ କୋଟି କାଟି ଟଙ୍କା ଉଦ୍ଦିଷ୍ଟ । ପିଏମ ପୋଷଣ ମାନଦଣ୍ଡ ଅନୁଯାୟୀ 'ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା' ଅଧୀନରେ, ନବମ ଏବଂ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରତିଦିନ ୟୁନିଟ୍ ସାମଗ୍ରୀ ମୂଲ୍ୟ ୧୦ ଟଙ୍କା ୯୪ ପଇସାରୁ ୧୪ ଟଙ୍କା ୭୪ ପଇସାକୁ ବୃଦ୍ଧି କରାଯାଇଛି ।

ରାଜ୍ୟ ସରକାର ସମାଜର ଅବହେଳିତ ଓ ଅସହାୟ ବର୍ଗଙ୍କୁ ଆର୍ଥିକ ସୁରକ୍ଷା ଯୋଗାଇବା ପାଇଁ 'ମଧୁବାବୁ ପେନସନ ଯୋଜନା' ଏବଂ ଅନ୍ୟାନ୍ୟ ସାମାଜିକ ନିରାପତ୍ତା କାର୍ଯ୍ୟକ୍ରମର ପରିସର ବୃଦ୍ଧି କରିଛନ୍ତି । ପୂର୍ବ ସରକାରଙ୍କ ତ୍ରୁଟି ଯୋଗୁ ଦୀର୍ଘ ଦିନ ଧରି ଅପେକ୍ଷା କରିଥିବା ଓ ବିଭିନ୍ନ କାରଣରୁ ବାଦ୍ ପଡିଥିବା ପ୍ରାୟ ୬ ଲକ୍ଷ ୧୪ ହଜାର ନୂତନ ଯୋଗ୍ୟ ହିତାଧିକାରୀଙ୍କୁ ତୁରନ୍ତ ସାମାଜିକ ପେନସନ (ମଧୁବାବୁ ଭତ୍ତା) ପ୍ରଦାନ କରାଯିବ ବୋଲି ବଜେଟରେ ଘୋଷଣା ହୋଇଛି । ଆଗାମୀ ପଂଚାୟତ ଓ ପୌର ନିର୍ବାଚନ ପୂର୍ବରୁ ସରକାରଙ୍କ ଏହି ପଦକ୍ଷେପ ଗ୍ରାମାଂଚଳ ଓ ସହରାଂଚଳର ଗରିବ ଭୋଟରଙ୍କ ଉପରେ ବଡ ପ୍ରଭାବ ପକାଇବ ।

ସହରାଞ୍ଚଳ ବିକାଶ ପାଇଁ 'ମୁଖ୍ୟମନ୍ତ୍ରୀ ସ୍ମାର୍ଟ ସିଟି ମିଶନ' ନାମରେ ଏକ ନୂଆ ଯୋଜନା ସହ ମୋଟ ୧୦୭୩୮ କୋଟି ଟଙ୍କା ବିନିଯୋଗ କରାଯିବ । ସହରୀ ଗରିବ ବାସଗୃହ ସମସ୍ୟା ଦୂର ପାଇଁ ନୂଆ ଯୋଜନା 'ପିଏମଏୱାଇ ସହରୀ ବନ୍ଧୁ' ଓ 'ଅନ୍ତ୍ୟୋଦୟ ଗୃହ ଯୋଜନା' ମାଧ୍ୟମରେ ସୁଲଭ ଗୃହ ଯୋଗାଇ ଦିଆଯିବ ।

ସେହିପରି 'ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା' ଭଳି ନୂଆ ଯୋଜନାରେ କନ୍ୟା ସନ୍ତାନଙ୍କ ଶିକ୍ଷା ଓ ବିବାହ ପାଇଁ ଆର୍ଥିକ ସହାୟତା ମିଳିବ । ମହିଳାଙ୍କ ସ୍ୱାସ୍ଥ୍ୟ ଓ ସଚେତନତା ପାଇଁ 'ସୁଭଦ୍ରା ୱେଲନେସ୍ ସେଂଟର' ଏବଂ ସେମାନଙ୍କ ସମସ୍ୟା ଶୁଣିବା ପାଇଁ 'ସୁଭଦ୍ରା ଶକ୍ତି ସମ୍ବାଦ' ପ୍ଲାଟଫର୍ମ ପ୍ରତିଷ୍ଠା ଭଳି ନୂଆ କାର୍ଯ୍ୟକ୍ରମ ହାତକୁ ନିଆଯିବ । ଶିଶୁଙ୍କ ପୋଷଣ ଓ ପ୍ରାଥମିକ ଶିକ୍ଷା ପାଇଁ ଅଙ୍ଗନବାଡି କେନ୍ଦ୍ରଗୁଡିକର ରୂପାନ୍ତରଣ ନିମନ୍ତେ ନୂତନ ଭାବେ 'ସମୃଦ୍ଧ ଅଙ୍ଗନବାଡି ଯୋଜନା' ଆରମ୍ଭ କରାଯିବ ।

ମୁଖ୍ୟମନ୍ତ୍ରୀ ତାଙ୍କ ବଜେଟ୍ ଅଭିଭାଷଣରେ କହିଛନ୍ତି ଯେ, ଏହି ବଜେଟ୍ ଓଡିଶାର ସାମଗ୍ରିକ ବିକାଶ ଓ ପ୍ରତିଟି ବର୍ଗର ଲୋକଙ୍କ ସମୃଦ୍ଧି ପାଇଁ ଉଦ୍ଦିଷ୍ଟ । ପଂଚାୟତ ଓ ପୌର ନିର୍ବାଚନ ପାଇଁ ସଜବାଜ ହେଉଥିବା ମୋହନ ସରକାରଙ୍କ ଏହି ବିଶାଳ ବଜେଟ୍ ହିଁ ସରକାରଙ୍କ ବିକାଶମୂଳକ ଆଭିମୁଖ୍ୟକୁ ସ୍ପଷ୍ଟ କରୁଛି ।

### ନ୍ୟାୟିକ ତଦାରଖରେ...

ବିଭାଗୀୟ ହସ୍ତକ୍ଷେପ ଜରୁରି ହୋଇପଡିଛି । ଭୋଟର ଲିଷ୍ଟରେ ୧.୩୬କୋଟି ନାମ ଏପରି ଲୋକଙ୍କ ରହିଛି ଯେଉଁମାନଙ୍କ ବୟସ ଓ ମାତାପିତାଙ୍କ ନାମକୁ ନେଇ 'ଲଜିକାଲ ଡିସ୍କ୍ରିପାନ୍ସୀ' ରହିଛି । ଏବେ ଅତିରିକ୍ତ ଅଥବା ଜିଲ୍ଲା ଜଜ୍ ପଦର ଅଧିକାରୀ ସବୁ ଜିଲ୍ଲାରେ ଏପରି ଦାବି ଓ ଆପତ୍ତିର ସମାଧାନ କରିବେ ।

ଏହାର ପୂର୍ବ ଶୁଣାଣିରେ ନିଜେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସୁପ୍ରିମକୋର୍ଟରେ ବ୍ୟକ୍ତିଗତ ହାଜର ହୋଇଥିଲେ । ସେ କହିଥିଲେ ଯେ ବେଙ୍ଗଲକୁ ନିର୍ବାଚନ ଆୟୋଗ ଜାଣିଶୁଣି ଟାର୍ଗେଟ କରୁଛନ୍ତି । ଏସଆଇଆରର ଏହି ପ୍ରକ୍ରିୟା ନିର୍ବାଚନ ପୂର୍ବରୁ ଲୋକଙ୍କୁ ବୁଲଡୋଜ କରିବା ଲାଗି । ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅଭିଯୋଗ କରିଥିଲେ ଯେ ଏହି ପ୍ରକ୍ରିୟା କେବଳ ନାମ ହଟାଇବା ପାଇଁ ନାମ ଯୋଡିବା ପାଇଁ ନୁହେଁ । ସୁପ୍ରିମକୋର୍ଟ ଏହି ପୁରା ପ୍ରକ୍ରିୟାକୁ ସମୟବଦ୍ଧ (ଟାଇମ ବାଉଣ୍ଡ) ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ଉଲ୍ଲେଖଯୋଗ୍ୟ ଯେ ଏହା ପୂର୍ବରୁ ଜାନୁୟାରୀ ୧୯ ତାରିଖ ଦିନ ସୁପ୍ରିମକୋର୍ଟ ନିର୍ବାଚନ ଆୟୋଗଙ୍କୁ ଏସଆଇଆରରେ ଯେଉଁ ଭୋଟରଙ୍କ ନାମ 'ଲଜିକାଲ ଡିସ୍କ୍ରିପାନ୍ସୀ ଲିଷ୍ଟ' ରେ ପକାଯାଇଛି ସେମାନଙ୍କ ଯାଞ୍ଚ ସମ୍ପୂର୍ଣ୍ଣ ପାରଦର୍ଶୀ ରୂପେ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ନିର୍ଦ୍ଦେଶ ତୃଣମୂଳ କଂଗ୍ରେସ ନେତାଙ୍କ ପିଟିସନ ଆଧାରରେ ଦିଆଯାଇଥିଲା, ଯେଉଁଥିରେ ଏସଆଇଆର ପ୍ରକ୍ରିୟାରେ ଗୁରୁତର ପ୍ରତିକ୍ରିୟାତ୍ମକ ତ୍ରୁଟି ଥିବାର ଅଭିଯୋଗ କରାଯାଇଥିଲା । ଏସଆଇଆର ନିର୍ବାଚନ ଆୟୋଗଙ୍କ ସେହି ପ୍ରକ୍ରିୟା ଯେଉଁଥିରେ ଘରକୁଘର ଯାଇ ଭୋଟରଙ୍କ ସତ୍ୟାପନ କରାଯାଏ । ୨୦୨୬ ବିଧାନସଭା ନିର୍ବାଚନ ପୂର୍ବରୁ ପଶ୍ଚିମବଙ୍ଗରେ ଏହାକୁ ନେଇ ଏଥି ପାଇଁ ବିବାଦ ଉପୁଜିଲା ଯେ ବିରୋଧୀ ଓ ସରକାର ୧.୩୬ କୋଟି ଭୋଟରଙ୍କୁ ନେଇ ଅଲଗା ଅଲଗା ଦାବି କରିଥିଲେ ।

### ୫ କିଲୋମିଟର...

ବେଳେ ବର୍ତ୍ତମାନ ସୁଦ୍ଧା ବିଜୁଳି କନେକସନ ହୋଇପାରୁନି । ଯାହା ଫଳରେ ମାର୍ଶାଘାଇ ସେମ୍ସନ ଉପରେ ନିର୍ଭର କରୁଥିବା ମାର୍ଶାଘାଇ, ମଣିକୁନ୍ଦା, ହିନ୍ଦୁଳିଆ, ଶିଳିପୁର, ଦଶିପୁର, ଦୁମୁକା, ଅଙ୍ଗୁଳାଇ, କୁହୁଡି, ରାଜଗଡ, ଅଳାଇଲୋ ଗ୍ରାମ ପଞ୍ଚାୟତର ପ୍ରାୟ ୧୫ହଜାର ବିଜୁଳି ଉପଭୋକ୍ତା ହଇରାଣର ସମ୍ମୁଖିନ ହେବେ । ଫଳରେ ବିଭିନ୍ନ ଗ୍ରାମର ଲୋକମାନେ ପାନୀୟ ଜଳ ପାଇବାରେ ସମସ୍ୟା ଭୋଗିବା ସହିତ ଡାକ୍ତରଖାନା, ବ୍ୟାଙ୍କ, ଟ୍ରେଜେରୀ, ସ୍କୁଲ କଲେଜର ଛାତ୍ରଛାତ୍ରୀ ବିଜୁଳିକାଟ ନେଇ ସମସ୍ୟା ଭୋଗିବେ । ବିଦ୍ୟୁତ ବିଭାଗର ଖାମଖିଆଲ ନିତିପାଇଁ ବିଦ୍ୟୁତ ବ୍ୟବସ୍ଥାକୁ ସୁଧାର ଆଣିବା ପାଇଁ ଲକ୍ଷଲକ୍ଷ ଟଙ୍କାର ବିଦ୍ୟୁତ ତାର ଅଣ୍ଡଗ୍ରାଉଣ୍ଡରେ ଟଣାଯାଇଥିବା ବେଳେଏହା ସଂଯୋଗ ନହେବାରୁ ଆଗାମି ଦିନରେ ଉପଭୋକ୍ତା ମାନେ ପୂର୍ବବାର ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନି ଦେଇଛନ୍ତି । ତେବେ ଅଣ୍ଡର ଗ୍ରାଉଣ୍ଡ ବିଦ୍ୟୁତ ତାର ସଂଯୋଗ ନେଇ ମାର୍ଶାଘାଇ ଟିପିସିଡିଓଏଲ ନିର୍ବାହୀଯନ୍ତ୍ରୀ (ମ୍ୟାନେଜର) ବସନ୍ତ କୁମାର ଦାସଙ୍କ କହିବା କଥା ବିଦ୍ୟୁତ ତାର ଅଣ୍ଡଗ୍ରାଉଣ୍ଡରେ ଟଣାଯାଇଥିବା ବେଳେ ପୁରୁଷୋତ୍ତମପୁର ନିକଟରେ ଏନଏଚ କ୍ରସ କରିବାକୁ ଏନଏଚଆଇର ଅନୁମତି ଦରକାର ପଡିଛି । ତେବେ ବିଦ୍ୟୁତ ବିଭାଗର ଏଭଳି କେବଳ ଖବର କହି ବସିଯିବା ଘଟଣାକୁ ଉପଭୋକ୍ତା ମହଲରେ ନାପସନ୍ଦ କରାଯାଇଛି । ତୁରନ୍ତ ବିଦ୍ୟୁତ ସଂଯୋଗ ଦିଆନଗଲେ ଆଗାମୀ ଦିନରେ ଯୋରଦାର ଆନ୍ଦୋଳନର ଦାନା ବାନ୍ଧୁଥିବା ଛକ ବଜାରରେ ଆଲୋଚନା ହେଉଛି ।

### ଟ୍ରମ୍ପ ପୁଣି କହିଲେ...

ମୃତ୍ୟୁ ପରେ ଭାରତ 'ଅପରେସନ ସିନ୍ଦୂର' ନାଁରେ ପାକିସ୍ତାନରେ ଥିବା ଆତଙ୍କବାଦୀ ଭିତ୍ତିଭୂମି ଉପରେ ଆକ୍ରମଣ କରିଥିଲା । ଟ୍ରମ୍ପ ଶାନ୍ତି ବୋର୍ଡ ଆଲୋଚନା ଅବସରରେ ଦାବି କରିଥିଲେ ଯେ, ଭାରତ-ପାକିସ୍ତାନ ମଧ୍ୟରେ ଯୁଦ୍ଧ ଏକ ଭୟଙ୍କର ପର୍ଯ୍ୟାୟକୁ ଚାଲି ଯାଇଥିଲା । ଆକାଶ ମାର୍ଗରେ ଦୁଇଦେଶ ମୁହାଁମୁହିଁ ହୋଇଥିଲେ । ଅନେକ ବିମାନ ନଷ୍ଟ ହୋଇଥିଲା । ଏହି ଯୁଦ୍ଧ ସମୟରେ ୧୧ଟି ଲଢୁଆ ବିମାନକୁ ଗୁଳି କରି ଖସାଇ ଦିଆଯାଇଥିଲା, ସେଗୁଡ଼ିକୁ ଖୁବ୍ ଦାମୀ ଜେଟ୍ ଥିଲା ବୋଲି ଟ୍ରମ୍ପ କହିଛନ୍ତି । ମୁଁ ଉଭୟ ଦେଶର ପ୍ରଧାନମନ୍ତ୍ରୀଙ୍କୁ ଫୋନରେ ଯୋଗାଯୋଗ କରିଥିଲି । ମୁଁ ସେମାନଙ୍କୁ ଜାଣିଥିଲି । ମୁଁ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଭଲ ଭାବରେ ଜାଣିଥିଲି । ମୁଁ ସେମାନଙ୍କୁ କହିଥିଲି ତୁମେ ଯୁଦ୍ଧ ବନ୍ଦ ନକଲେ ମୁଁ ତୁମମାନଙ୍କ ସହିତ ବାଣିଜ୍ୟ ଚୁକ୍ତି କରିବି ନାହିଁ ଓ ଦୁଇ ଦେଶ ଯୁଦ୍ଧବିରତି ପାଇଁ ସଙ୍ଗେ ସଙ୍ଗେ ରାଜି ହୋଇଯାଇଥିଲେ ବୋଲି ଟ୍ରମ୍ପ କହିଥିଲେ । ରାଷ୍ଟ୍ରପତି ଟ୍ରମ୍ପ ମଧ ଆହୁରି କହିଥିଲେ ଯେ, ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ୍ ତାଙ୍କୁ ଏଥିପାଇଁ ସର୍ବସାଧାରଣରେ ଧନ୍ୟବାଦ ଦେଇଥିଲେ ଓ ୨୫ ନିୟୁତ ଜୀବନ ବଞ୍ଚେଇ ଦେଇଥିବା ପାଇଁ କୃତଜ୍ଞତା ପ୍ରକାଶ କରିଥିଲେ ବୋଲି ଟ୍ରମ୍ପ କହିଥିଲେ । ଟ୍ରମ୍ପ ବାରମ୍ବାର ଏପରି ଦାବି କରିଆସୁଥିବାବେଳେ ଭାରତ କିନ୍ତୁ ଯୁଦ୍ଧବିରତିରେ କୌଣସି ତୃତୀୟ ପକ୍ଷର ସମ୍ପୃକ୍ତିକୁ ଖଣ୍ଡନ କରିଆସୁଛି । ଅନ୍ୟପକ୍ଷରେ ପାକିସ୍ତାନର ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ଗାଜା ଶାନ୍ତି ବୋର୍ଡ କାର୍ଯ୍ୟକ୍ରମରେ ଯୋଗ ଦେଇଥିବାବେଳେ ଅସ୍ୱସ୍ତିକର ମୁହୂର୍ତ୍ତର ସମ୍ମୁଖୀନ ହୋଇଥିଲେ । ଟ୍ରମ୍ପ ତାଙ୍କର ତଥାକଥିତ ମଧ୍ୟସ୍ଥତା ଦକ୍ଷତା ବିଷୟରେ ଆଲୋଚନା କରିବା ସମୟରେ ସରିଫ୍‌ଙ୍କୁ ଛିଡା ହେବାକୁ କହିଥିଲେ, ଯାହାକି ତାଙ୍କ ପାଇଁ ଖୁବ୍ ଅପମାନଜନକ ଥିଲା ।

## ଖମାରସାହି ବଜାରରେ ହନୁର ମୃତ୍ୟୁ

**ରାଜନଗର, ୨୦।୨: ଏକ୍ସପ୍ରେସ୍ ନ୍ୟୁଜ୍**

ଭିତର କନିକା ଜାତୀୟ ଉଦ୍ୟାନ ସଂଲଗ୍ନ ତାଳଚୁଆ ସାମୁଦ୍ରିକ ଥାନା ଅନ୍ତର୍ଗତ ଖମାରସାହି ବଜାରରେ ଥିବା ଏକ ମୋବାଇଲ୍ ଦୋକାନ ସମ୍ମୁଖରେ ଏକ ହନୁ ମରିପଡ଼ିଥିବା ଦେଖିବାକୁ ମିଳିଛି । ଏହି ଅଣ୍ଡିରା ହନୁ ମାଙ୍କଡଟିର ମୃତ୍ୟୁର କାରଣ ଜଣା ପଡିନାହିଁ । ଏ ସମ୍ପର୍କରେ ସହକାରୀ ବନ ସଂରକ୍ଷକ ମାନସ ଦାସଙ୍କୁ ପଚାରିବାରୁ, ମୃତ ହନୁର ଶବ ଆସନ୍ତାକାଲି ବ୍ୟବଛେଦ କରାଯାଇ ମୃତ୍ୟୁର କାରଣ ଜଣାପଡିବ ବୋଲି କହିଛନ୍ତି ।

## ୪୪ହଜାର ଅଫିମ ଗଛ ନଷ୍ଟ



**କଟକ, ୨୦।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଅବକାରୀ ଅଧିକ୍ଷକ କରୁଣା ଶଙ୍କର ତିୱାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କଟକ ଜିଲ୍ଲା ଅବକାରୀ ବିଭାଗ ଏବଂ ନରସିଂହପୁର ତହସିଲଦାର ଏବଂ ଅଲରା ରାଜସ୍ୱ ନିରୀକ୍ଷକଙ୍କୁ ନେଇ ଗଠିତ ଏକ ୪ ଜଣିଆ ସ୍ୱତନ୍ତ୍ର ଟିମ ନରସିଂହପୁର ଥାନା ଅନ୍ତର୍ଗତ ଜୟଦାମୋଦରପୁର (ମୁଣ୍ଡାସାହି) ଠାରେ ଚଢ଼ାଉ କରିଥିଲେ । ଉକ୍ତ ଚଢ଼ାଉ ସମୟରେ ଉକ୍ତ ଗ୍ରାମରୁ ପ୍ରାୟ ୧ ଏକର ଜାଗାରେ ୪୩୭୫୦ଟି ଅଫିମ ଗଛ (ବେଆଇନ ଭାବରେ) ଚାଷ କରାଯାଇଥିବା ବରାମତ କରି ଜବତ କରାଯାଇଥିଲା । ଏହି ଘଟଣାରେ ୩ଟି ଏନଡିପିଏସ ମାମଲା ରୁଜୁ କରାଯାଇ ଉକ୍ତ ଗ୍ରାମରୁ ୬ଜଣଙ୍କୁ ଗିରଫ କରାଯାଇଛି । ଘଟଣା ସ୍ଥଳରେ ଅଫିମ ଗଛରୁ ମୂଳରୁ ଉପାଡ଼ି ପୋଡ଼ି ନଷ୍ଟ କରିଦିଆଯାଇଥିଲା । ଉକ୍ତ ଚଢ଼ାଉରେ ନର୍ସିଂପୁର ତହସିଲଦାର ଅମ୍ରିତା ସାହୁ, ଅଲରା ରାଜସ୍ୱ ନିରୀକ୍ଷକ ପ୍ରସନଜିତ ମହାନ୍ତି, ଅବକାରୀ ନିରୀକ୍ଷକ କମଳ ଲୋଚନ ପାଇକରାୟ, ରବି ନାରାୟଣ ପ୍ରଧାନ, ଭକ୍ତବସ୍ତଳ ବର୍ମା, ଉପନିରୀକ୍ଷକ ତରୁଣ ପାତ୍ର, ଅକ୍ଷୟ ଜେନା, ଅବକାରୀ ସହ ଉପନିରୀକ୍ଷକ ସୌମ୍ୟ ରଂଜନ ବେହେରା, ବିଷ୍ଣୁ ପ୍ରସାଦ ମାଝୀ, ସରୋଜ ସାହୁ, ରାଜେନ୍ଦ୍ର ଖେସ ପ୍ରମୁଖ ସାମିଲ ଥିଲେ । ଜବତ ଅଫିମ ଗଛର ଆନୁମାନିକ ମୂଲ୍ୟ ୨୨କୋଟି ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ଆକଳନ କରାଯାଇଛି ।


Printed & Published by Gyanaranjan Behera on behalf of Radhakrushna Publications Pvt. Ltd. and Printed at Ricky Promotors, Plot No.6709, M.I.E., Rasulgarh, Bhubaneswar-751010 and Published at Janachetana Parisad Bhawan, At-Kajala, P.O/Dist -Kendrapara, Pin-754211, Ph. : 9439698412, 9583706460

Editor : Ambika Prasad Das | ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ | Chief Editor : Umapada Bose | ମୁଖ୍ୟ ସମ୍ପାଦକ : ଉମାପଦ ବୋଷ